

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୭ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 MARCH 2021

Vol.No. 32 ■ No. 63 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସିଆରପି ଛକ ରାଜରାସ୍ତାରେ ଯୁବକଙ୍କୁ ହାଣିଲେ

### ମୃତ ଟୁକୁନାଙ୍କ ସାଙ୍ଗ କହିଲେ, ତାଙ୍କ ଭଉଣୀ ସହ ଥିଲା ସୁଧୀରର ପ୍ରେମ ସମ୍ପର୍କ



ଭୁବନେଶ୍ୱର,୦୬/୦୩ (ନି.ପ୍ର): ସିଆରପି ଛକ ହତ୍ୟାକାଣ୍ଡ ପଛରେ ରହିଛି ପ୍ରେମ ଆଙ୍ଗଲ । ମୃତ ଟୁକୁନାଙ୍କ ସାଙ୍ଗ କହିଛନ୍ତ, ଟୁକୁନାଙ୍କ ଭଉଣୀ ସହ ସୁଧୀରର ପ୍ରେମ ସମ୍ପର୍କ ଥିଲା । ଏପରିକି ଶାରୀରିକ ସମ୍ପର୍କର ଅଶ୍ଳୀଳ ଭିଡିଓ ରଖି ଟୁକୁନା ବ୍ଲାକମେଲ କରୁଥିଲା । ଯାହାକୁ ଡିଲିଟ କରିବା ପାଇଁ ବାରମ୍ବାର ସୁଧୀର କହିଥିଲେ ମଧ ଟୁକୁନା ଏହା କରିନଥିଲା । ପରେ ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ତିକ୍ତତା ଲାଗିରହିଲା । ଆଉ ଶେଷରେ ଏହି ତିକ୍ତତା ହିଁ ହତ୍ୟାକାଣ୍ଡର ରୂପ ନେଇଛି । ଅନ୍ୟପଟେ ଏନେଇ ଡିସିପି ଉମାଶଙ୍କର ଦାସ ମଧ ପୂରା ବିବରଣୀ ଦେଇଛନ୍ତି । ସେ କହିଛନ୍ତି ଯେ, ସାଲିଆ ସାହିର ୩ ଜଣ ବ୍ୟକ୍ତି ସାଗର ପୃଷ୍ଟି, ସୁଧୀର ପୃଷ୍ଟି ଓ ଟୁକୁନା ଦାସ ଏକ ପିକଅପ ଭ୍ୟାନରେ ଆସୁଥିବା ବେଳେ ସିଆରପି ଛକରେ ଅଟକାଇଥିଲେ । ହଠାତ ଗାଡିଟିକୁ ଅଟକାଇ ଦେଇ ସୁଧୀର ଓ ସାଗର ଏକ ଛୋଟ ଖଣ୍ଡା ଭଳି ମାରଣାସ୍ତ୍ରରେ ଟୁକୁନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଅଚାନକ ରାସ୍ତା ଉପରେ ଏପରି ହିଂସାକାଣ୍ଡ ଦେଖି ଉତକ୍ଷିପ୍ତ

▶▶ପୃଷ୍ଠା ୭

## ୧୬ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ

- ମିଶନ ଶକ୍ତି ହେଲା ନୂଆ ବିଭାଗ
- ଦଶଟି ଜଳ ଯୋଗାଣ ଯୋଜନାକୁ ଅନୁମୋଦନ
- ବାଲେଶ୍ୱରରେ ହେବ ଏମସ୍‌ର ସାଟେଲାଇଟ୍ ସେଂଟର

ଭୁବନେଶ୍ୱର,୦୬/୦୩ (ନି.ପ୍ର): ରାଜ୍ୟରେ ମିଶନ ଶକ୍ତି ନାମରେ ଏକ ନୂତନ ବିଭାଗ ଗଠନ କରାଯାଇଛି । ରାଜ୍ୟ କ୍ୟାବିନେଟ୍ ଏହାକୁ ମଂଜୁରୀ ଦେଇଛି। ପୂର୍ବରୁ ଏହି ବିଭାଗ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୬ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଶକ୍ତି, କୃଷି ଏବଂ କୃଷକ ସଶକ୍ତିକରଣ, ସାମାଜିକ ନିରାପତା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ, ଅବକାରୀ, ସାଧାରଣ ପ୍ରଶାସନ ତଥା ସାଧାରଣ ଅଭିଯୋଗ, ପଂଚାୟତ ରାଜ ଏବଂ ପାନୀୟ ଜଳ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ଏବଂ ଇସ୍ପାତ ଏବଂ ଖଣି ବିଭାଗର ବିଭିନ୍ନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। କ୍ୟାବିନେଟ୍ ବୈଠକର ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଅନୁଯାୟୀ ଦଶଟି ମେଗା ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଯୋଜନାକୁ ଅନୁମୋଦନ କରାଯାଇଛି। ଆଉଲ୍, ରାଜକାନିକା, ଚିଲିକା, ଟାଙ୍ଗି, ବାଣପୁର, ଖୋର୍ଦ୍ଧା, ଜଟଣୀ, ଗଁଡିଆ, ଭୁବନ, ଗୋଲାମୁଣ୍ଡା, ଯାଜପୁର ଏବଂ ବିଂଝାରପୁର ବ୍ଲକରେ ଏହି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ। ସେହିପରି ସମ୍ବଲପୁର ଜିଲ୍ଲାର ୨୬ଟି ଗ୍ରାମ ପଂଚାୟତଏବଂ ଝାରସୁଗୁଡା ଜିଲ୍ଲାର ୨ ଗ୍ରାମପଂଚାୟତ ପାଇଁ ଗ୍ରାମୀଣ ପାଇପ୍ ଜଳ ପ୍ରକଳ୍ପ ପାଇଁ ନିଷ୍ପତି ହୋଇଛି। ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲାର ରେମୁଣା ତାହସିଲରେ ଏମସ୍ ର ଗୋଟିଏ ସାଟେଲାଇଟ୍ କେନ୍ଦ୍ର ନିର୍ମାଣ ପାଇଁ ୨୫ ଏକର ଜମି ଲିଜ୍ ପାଇଁ କ୍ୟାବିନେଟ୍ ମଞ୍ଜୁର କରିଛି। ବୈଠକ ପରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏବଂ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ପାରାଦ୍ୱୀପରେ ସ୍ଥାପନ ହେବ ବିଦ୍ୟୁତ୍ ସବ୍ ଷ୍ଟେସନ୍

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଓପିଟିସିଏଲ ପାରାଦ୍ୱୀପ ଠାରେ ୬୩୭.୪୫ କୋଟି ଟଙ୍କାର ବ୍ୟୟ ଅଟକରେ ବୃହତ ବିଦ୍ୟୁତ୍ ଭିତିଭୂମି ପ୍ରକଳ୍ପ ସ୍ୱରୂପ ଏକ ୨ଗୁଣା ୫୦୦ ଏମଭିଏ, ୪୦୦/୨୦୦/୩୩ କେଭି ଜିଆଇଏସ୍ ସବ୍ ଷ୍ଟେସନ୍ ନିର୍ମାଣକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପର ୩୦% ଅର୍ଥ ରାଜ୍ୟ ସରକାର ବହନ କରିବେ ଏବଂ ଅନ୍ୟ ୭୦% ସମ୍ପୃକ୍ତ ସଂସ୍ଥା ଋଣପ୍ରଦାନକାରୀ ସଂସ୍ଥାଠାରୁ ଋଣ କରିବେ। ଏହି ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାରାଦ୍ୱୀପରେ କାର୍ଯ୍ୟ କରୁଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ଶିଳ୍ପସଂସ୍ଥା ତଥା ଜଗତସିଂହପୁର ଜିଲ୍ଲାର ଅନ୍ୟସ୍ଥାନ , କେନ୍ଦ୍ରାପଡା ଜିଲ୍ଲାର ଶିଳ୍ପ ସଂସ୍ଥାନ , ହରିଦାସପୁର- ପାରାଦ୍ୱୀପ ରେଳଲାଇନ୍ ସହ ସଂଶ୍ଳିଷ୍ଟ ଶିଳ୍ପ ସମୂହର ବିଦ୍ୟୁତ୍ ଶକ୍ତି ଚାହିଦା ପୂରଣ କରିବ।

## ୮ ଜିଲ୍ଲାରେ ୬୪ଟି ପ୍ରଶିକ୍ଷିତ ପୁନର୍ବାସ କର୍ମଚାରୀ ପଦବୀ ସୃଷ୍ଟି

ଭୁବନେଶ୍ୱର,୦୬/୦୩ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସୁରକ୍ଷା ବିଭାଗ ଅଧୀନରେ ଓଡିଶା ଭିନ୍ନକ୍ଷମ ପୁନର୍ବାସ ସେବା (ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ମାନଙ୍କର କର୍ମଚାରୀ ଚୟନ ଓ ଚାକିରୀ ସର୍ତାବଳୀ) ନିମ ୨୦୨୧ କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଅନୁଯାୟୀ ରାଜ୍ୟର ୮ଟି ଜିଲ୍ଲା - ଖୋର୍ଦ୍ଧା, କଳାହାଣ୍ଡି, ସମ୍ବଲପୁର, କନ୍ଧମାଳ , କୋରାପୁଟ, ମୟୁରଭଂଜ, ଗଂଜାମ ଓ ନବରଙ୍ଗପୁର ଜିଲ୍ଲାରେ ୬୪ଟି ପ୍ରଶିକ୍ଷିତ ପୁନର୍ବାସ କର୍ମଚାରୀ ପଦବୀ ସୃଷ୍ଟି କରାଯାଇଛି। ଏହି କେନ୍ଦ୍ରମାନଙ୍କରେ ବର୍ତମାନ କାର୍ଯ୍ୟରତ ୩୭ ଜଣ ପୁନର୍ବାସ କର୍ମଚାରୀମାନଙ୍କୁ ମଧ୍ୟ ଏହି ନୂତନ କ୍ୟାଡରରେ ଅନ୍ତର୍ଭୁକ୍ତ କରାଯାଇଛି।

## ଧାନ କିଣା ନଯିବା ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକ

### ଛତ୍ରପୁର ପୋଟଲାମ୍ପୁର ପଂଚାୟତରେ ଅନ୍ନଦାତାଙ୍କ ଆନ୍ଦୋଳନ



ଭୁବନେଶ୍ୱର,୦୬/୦୩ (ନି.ପ୍ର): ଧାନ କିଣାଯାଉନଥିବା ପ୍ରତିବାଦରେ ଚାଷୀଙ୍କ ରାସ୍ତା ରୋକ, ବାଧାପ୍ରାପ୍ତ ହେଲା ପାନୀୟ ଜଳ ଯୋଗାଣ । ଚାଷୀଙ୍କ ଏହି ପ୍ରତିବାଦ ଦେଖିବାକୁ ମିଳିଛି ଛତ୍ରପୁର ବ୍ଲକ ପୋଟଲାମପୁର ପଂଚାୟତରେ । ଏହି ପଂଚାୟତର ଶହ ଶହ ଚାଷୀ ଆଜି ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁରକୁ ଯାଉଥିବା ପାନୀୟ ଜଳ ପ୍ରକଳ୍ପକୁ ବନ୍ଦ କରିଦେଇଛନ୍ତି । ଏଥିସହ ଛତ୍ରପୁର-ତାରାତାରିଣୀ ରାସ୍ତାକୁ ଅବରୋଧ କରିଛନ୍ତି । ଚାଷୀଙ୍କ ଅଭିଯୋଗ ହେଲା, ଯଥାଶୀଘ୍ର ସେମାନଙ୍କ ଧାନ କିଣାଯାଉ । ମରିଚ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯାଉ । ନଚେତ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଏହି ପଂଚାୟତର ୫୦୦ରୁ ଅଧିକ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଇଥିବା କହିଛନ୍ତି ଚାଷୀ ।

## ଧର୍ମେନ୍ଦ୍ରଙ୍କ ଚିଠି ପାଇ ତୁରନ୍ତ ପଦକ୍ଷେପ ନେଲେ କେନ୍ଦ୍ର କୃଷିମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୬/୦୩ (ନି.ପ୍ର): ଓଡ଼ିଶାର ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଶନିବାର ଲେଖିଥିବା ଚିଠିର ତତକ୍ଷଣାତ୍ ପଦକ୍ଷେପସ୍ୱରୂପ ଓଡିଶାର ସମସ୍ତ ଯୋଗ୍ୟ ଚାଷୀ ପିଏମ କିଷାନ ନିଧି ସମ୍ମାନ ଯୋଜନାର ଲାଭ ପାଇବା ନେଇ ତୁରନ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଟ୍ୱିଟ୍ କରି କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ତୋମାର ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଏ ସମ୍ବନ୍ଧରେ ପତ୍ର ପାଇବା ପରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଟ୍ୱିଟ୍ କରି କହିଛନ୍ତି ଯେ ଯଥାଶୀଘ୍ର ଓଡ଼ିଶା ରାଜ୍ୟର ସମସ୍ତ ଚାଷୀ ପିଏମ କିଷାନ ସମ୍ମାନ ନିଧିର ଲାଭ ତୁରନ୍ତ ମିଳିପାରିବ ସେ ସମ୍ବନ୍ଧରେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟକ୍କର ଦେବେ ଶୁଭେନ୍ଦୁ



ପଶ୍ଚିମବଙ୍ଗ,୦୬/୦୩ (ନି.ପ୍ର): ଆଜି ଭାରତୀୟ ଜନତା ପାର୍ଟି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ପ୍ରକାଶ କରିଛି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା। ଏହି ତାଲିକାରେ ୫୭ ଜଣଙ୍କର ନାମ ସ୍ଥାନ ପାଇଛି। ତେବେ ଏ ମଧ୍ୟରେ ବହୁଚର୍ଚ୍ଚିତ ତଥା ସମ୍ମାନଜନକ ନନ୍ଦୀଗ୍ରାମ ବିଧାନସଭା ଆସନ ରହିଛି। ଏଠାରୁ ତୃଣମୂଳ କଂଗ୍ରେସ ଛାଡ଼ି ବିଜେପି ଆସିଥିବା ମମତା ବାନାର୍ଜୀଙ୍କ ପୂର୍ବତନ ଘନିଷ୍ଠ ସହଯୋଗୀ ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଛି ବିଜେପି । ଫଳରେ ନନ୍ଦୀଗ୍ରାମରେ ମମତା-ଶୁଭେନ୍ଦୁଙ୍କ ମଧ୍ୟରେ ହାଇଭୋଲଟେଜ୍ ଲଢ଼େଇ ସୁନିଶ୍ଚିତ ହୋଇଛି। ତୃଣମୂଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ନିର୍ବାଚନରେ ଭବାନୀପୁର ଆସନରୁ ଲଢ଼ିଥିବା ବେଳେ ଏଥର କିନ୍ତୁ ନନ୍ଦୀଗ୍ରାମକୁ ବାଛିଛନ୍ତି । ଏହି ନିର୍ବାଚନ ମଣ୍ଡଳୀକୁ

▶▶ପୃଷ୍ଠା ୭

## ମାର୍ଚ୍ଚ ୮ରୁ ମିଶନ ଶକ୍ତି ହେବ ନୂଆ ବିଭାଗ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୮ ତାରିଖ ମହିଳା ଦିବସ ଠାରୁ ମିଶନ ଶକ୍ତି ନାମରେ ନୂତନ ବିଭାଗ ଗଠନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏସମ୍ପର୍କରେ ଘୋଷଣା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକୁ ସୁଦୃଢୀକରଣ କରିବାକୁ ଏହି ନୂତନ ବିଭାଗ ସହୟକ ହେବ। ଗୋଟିଏ ପ୍ଲାଟଫର୍ମରେ ସମସ୍ତ ସୁବିଧା ଉପଲବ୍ଧ କରାଇବାକୁ ପ୍ରାଧାନ୍ୟ ଦିଆଯିବ। ଏହି ବିଭାଗ ସାରା ରାଜ୍ୟରେ ସମସ୍ତ ସ୍ତରରେ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ। ଏହି ବିଭାଗ ବାହାରର ହିତାଧିକାରୀମାନଙ୍କ ନିମନ୍ତେ ଗୋଟିଏ ଯୋଗାଯୋଗ ପଏଂଟ ଭାବେ କାର୍ଯ୍ୟ କରିବ । ମିଶନ ଶକ୍ତି ବିଭାଗ ମିଶ ଶକ୍ତି ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଅଧିକାରୀ ଏବଂ ଓଡିଶା ଜୀବିକା ମିଶନ ମିଳିତ ଭାବେ ଗୋଟିଏ ପ୍ଲାଟଫର୍ମରେ କାର୍ଯ୍ୟ କରିବେ। ଏହି ବିଭାଗ ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ମହିଳା ସ୍ୱୟହ ସହାୟକ ଗୋଷ୍ଠୀ ଓ ସେମାନଙ୍କର ମହାସଂଘ ପାଇଁ କାର୍ଯ୍ୟ କରିବ।

## ବିଜେପିର ରାଜ୍ୟ ପଦାଧିକାରୀ ବୈଠକ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଆସନ୍ତାକାଲି (ରବିବାର) ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଶନିବାର ଦିନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।

▶▶ପୃଷ୍ଠା ୭

## ବିହନ ପାଇଁ ୧୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠିତ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଓଡିଶା ରାଜ୍ୟ ବିହନ ନିଗମର ବ୍ୟବସାୟିକ କାରବାର ବୃଦ୍ଧିପାଇ ପ୍ରାୟ ୧୭୯ କୋଟି ଟଙ୍କାରେ ପହଂଚିଥିବାରୁ ନିଗମକୁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି। ଏହି ୧୦୦ କୋଟି ଟଙ୍କାର ପାଣ୍ଠି ଯୋଜନା ଓଡିଶା ରାଜ୍ୟ ବିହନ ନିଗମ କର୍ପସ ପାଣ୍ଠି ଉନ୍ନତମାନର ବିହନ ଏବଂ ଚାରା ସଂଗହ ଓ ଚାଷୀମାନଙ୍କୁ ଯୋଗାଣ ନିମନ୍ତେ ଉପଯୋଗ କରାଯିବ। ଏହା ଦ୍ୱାରା ବିଭିନ୍ନ ଫସଲର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ହେବା ସହ ରାଜ୍ୟର କୃଷକମାନେ ଲାଭବାନ ହୋଇପାରିବେ।

## କବି ଅରୁଣ ସାହୁଙ୍କ କବିତା ଗ୍ରନ୍ଥର ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ




ବାସୁଦେବପୁର, ୬/୩/୨୦୨୧ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଓଡିଶାର ବିଶିଷ୍ଟ କବି ଇଂ ଅରୁଣ କୁମାର ସାହୁଙ୍କ ଦୁଇଟି କବିତା ଗ୍ରନ୍ଥ ସଂକ୍ଷିପ୍ତ ୧୫୧ ଓ ଅଣନାୟକ ପୁସ୍ତକ ବାସୁଦେବପୁର ସହରର ହୋଟେଲ ସ୍ନେହା ରେସିଡେନ୍ସି ପରିସରରେ ଲୋକାର୍ପିତ ହୋଇଯାଇଛି । ପକ୍ଷୀଘର ପ୍ରକାଶନୀ ଆୟୋଜିତ ଇଶ୍ୱର ସାହୁ ଫାଉଣ୍ଡେସନ୍ (ବାସୁଦେବପୁର) ପ୍ରାୟୋଜିତ ତରଫରୁ ଏହି କାର୍ଯ୍ୟକ୍ରମରେ ସମସ୍ତ ଅତିଥି ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଯଶସ୍ୱୀ ସାହିତ୍ୟିକ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପ୍ରଖ୍ୟାତ କଥାଶିଳ୍ପୀ ତଥା କଥାର ସଂପାଦକ ଡକ୍ଟର ଗୌରହରି ଦାସ, କାହାଣୀର ସଂପାଦକ ଗାଳ୍ପିକ ବିଜୟ ନାୟକ, ଆମରି ଗପର ସଂପାଦକ କଥାଶିଳ୍ପୀ ଡକ୍ଟର ଅରବିନ୍ଦ ରାୟ, ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ସଂପାଦିକା କବି ସୈରିନ୍ଧ୍ରୀ ସାହୁ, କଥାକଥା କବିତା କବିତାର ସଂପାଦକ କବି ଅକ୍ଷୟ ବେହେରା, ପକ୍ଷୀଘର ପ୍ରକାଶନୀ ସଂସ୍ଥାର ନିର୍ଦ୍ଦେଶକ କବି ବନୋଜ ତ୍ରିପାଠୀ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହିସଭାରେ ଅତିଥି ବନ୍ଧୁଗଣ ତାଙ୍କ ବକ୍ତବ୍ୟରେ କହିଲେ ଜଣେ ସରଳ ମଣିଷ ହିଁ ଭଲ କବି ହୋଇଥାଏ। କବିଟିଏ କବିତାର କୈବଲ୍ୟ ବାଣ୍ଟିଥାଏ। କବି ହିଁ ଦ୍ୱିତୀୟ ଇଶ୍ୱର।

▶▶ପୃଷ୍ଠା ୭

## ୨୪ ଘଣ୍ଟାରେ ଦେଶରେ ୧୮୩୨୭ ନୂଆ କରୋନା ସଂକ୍ରମିତ, ୧୦୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୦୬/୦୩ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ୧୮,୩୨୭ ଜଣ କୋଭିଡ୍-୧୯ ଆକ୍ରାନ୍ତ ଚିହ୍ନଟ ହେବା ସହ ଦେଶରେ ସକ୍ରିୟ ସଂକ୍ରମଣ ସଂଖ୍ୟା ୧.୮ ଲକ୍ଷ ଟପିଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ତଥ୍ୟ ଅନୁସାରେ, ଶନିବାର ସକାଳ ୮ଟା ସୁଦ୍ଧା ସମଗ୍ର ଦେଶରେ ୨୪ ଘଣ୍ଟା ମଧ୍ୟରେ ୧୮,୩୨୭ କରୋନାଭାଇରସ ଜନିତ ନୂତନ ସଂକ୍ରମଣ ଓ ୧୦୮ ମୃତ୍ୟୁ ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ନୂତନ ଆକ୍ରାନ୍ତଙ୍କୁ ମିଶାଇ ଦେଶରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧,୧୧,୯୨,୦୮୮ରେ ପହଞ୍ଚିଛି। ଗତ ୨୪ ଘଣ୍ଟାରେ ହୋଇଥିବା ୧୦୮ ମୃତ୍ୟୁକୁ ମିଶାଇ ଭାରତରେ ସମୁଦାୟ କୋଭିଡ୍-୧୯ଜନିତ ମୃତ୍ୟୁସଂଖ୍ୟା ୧,୫୭,୬୫୬ରେ ପହଞ୍ଚିଛି। ଏହାଛଡ଼ା କୋଭିଡ୍-୧୯ ସଂକ୍ରମଣରୁ ସୁସ୍ଥ ହୋଇଥିବା ୧୪,୨୩୪ ଜଣ ଆକ୍ରାନ୍ତଙ୍କୁ ମିଶାଇ ସମ୍ପ୍ରତି ଦେଶରେ ସମୁଦାୟ ସୁସ୍ଥତା ସଂଖ୍ୟା ହେଉଛି ୧,୦୮,୫୪,୧୨୮। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତଥ୍ୟ ଅନୁସାରେ, ଗତକାଲି ସନ୍ଧ୍ୟା ୬ଟା ସୁଦ୍ଧା ସମୁଦାୟ ୧,୯୪,୯୭,୭୦୪ ହିତାଧିକାରୀଙ୍କୁ ଟିକା ଦିଆଯାଇଛି। 'ଆଇସିଏମଆର୍' କହିବା ଅନୁସାରେ, ଏହି ଭୂତାଣୁଜନିତ ରୋଗ ଚିହ୍ନଟ ପାଇଁ ମାର୍ଚ୍ଚ ୪ ସୁଦ୍ଧା ସମୁଦାୟ ୨୨,୦୬,୯୨,୬୭୭ ନମୁନା ପରୀକ୍ଷା ସରିଛି। ଗତକାଲି ପରୀକ୍ଷା ହୋଇଛି ୭,୫୧,୯୩୫ଟି ନମୁନା।

# ପ୍ରିମିୟର ମୋଟର୍ସ ପକ୍ଷରୁ ନୂତନ ମଡେଲର ଟାଟା ଏସୟୁଭି ସଫାରି କାର ବଜାର ପ୍ରବେଶ

ବାଲେଶ୍ୱର,୬।୩ (ନି.ପ୍ର): ଟାଟା ମୋଟର୍ସର ବାଲେଶ୍ୱର ଅଧିକୃତ ବିକ୍ରେତା ପ୍ରିମିୟର ମୋଟର୍ସ ପକ୍ଷରୁ ନୂତନ ମଡେଲର 'ଟାଟା ଏସୟୁଭି ସଫାରି କାର'ର ବଜାର ପ୍ରବେଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରିମିୟର ମୋଟର୍ସର ବାମପଦାସ୍ଥିତ ସୋ'ରୁମରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ଜୋନ ପୁଲିସ ମହାନିରୀକ୍ଷକ ଦୀପ୍ତେଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଟାଟା ଏସୟୁଭି ସଫାରି କାରକୁ ଅନାବରଣ କରିଥିଲେ । ନୂତନ ମଡେଲର ଏହି କାର ଯାତ୍ରୀଙ୍କ ଆରମଦାୟକ ଯାତ୍ରା ପାଇଁ ବେଶ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଆମ ନ୍ୟୁଜର ନିର୍ଦ୍ଦେଶକ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରିମିୟର ମୋଟର୍ସର ଏହି ନୂତନ ମଡେଲ ସଫାରି କାର ସବୁ ବର୍ଗର ଲୋକଙ୍କ ଚାହିଦା ପୂରଣ କରିବ ବୋଲି କହିଥିଲେ । ବିଶେଷ କରି ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନରେ ପ୍ରିମିୟର ମୋଟର୍ସ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଥିବା ବେଳେ ଅନ୍ୟାନ୍ୟ ମଡେଲ ଭଳି ଏହି ନୂତନ ଟାଟା ସଫାରି କାର ଅଧିକ ବିଜିନେସ କରିବ ବୋଲି ଶ୍ରୀ ମହାନ୍ତି ମତ ପ୍ରକାଶ କରିଥିଲେ । ପ୍ରିମିୟର ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଶିବୁ ପୋଦାର ଏହି ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ନୂତନ ଏସୟୁଭି ଟାଟା ସଫାରି କାରର ବିଶେଷତା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରିମିୟର ମୋଟର୍ସର ନିର୍ଦ୍ଦେଶକ ଅଙ୍କିତ ପୋଦାର ନୂତନ ମଡେଲ ସଫାରି କାରର ବୈଶିଷ୍ଟତା ସମ୍ପର୍କରେ ଆଲୋକପାତ କରିଥିଲେ । ଯାତ୍ରୀଙ୍କ ନିରାପତ୍ତାଠାରୁ ଆରମ୍ଭ କରି ସ୍ୱଳ୍ପ ଫ୍ୟୁଏଲ କଞ୍ଜପସନ ବିଶିଷ୍ଟ ଏହି କାର ସବୁ ବର୍ଗର ଲୋକଙ୍କ ପାଇଁ ବେଶ ଉପାଦେୟ ସାବ୍ୟସ୍ତ ହୋଇ ପାରିଛି ବୋଲି ସେ କହିଥିଲେ । ପ୍ରିମିୟର ମୋଟର୍ସର ନିର୍ଦ୍ଦେଶିକା ଗାରିମା ପୋଦାର ଓ ପ୍ରିୟା ପୋଦାରଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଓ ଫାଇନାନ୍ସ ସଂସ୍ଥାର ପ୍ରତିନିଧିମାନେ ଏହି ବଜାର ପ୍ରବେଶ ଉତ୍ସବରେ ଉପସ୍ଥିତ ଥିଲେ । ପ୍ରିମିୟର ମୋଟର୍ସର ଜିଏମ ପିୟୁସ ବଜରିଆ, ଅଭିକିଶ ପୋଦାର, ମାନବ ସମ୍ବଳ ବିଭାଗର ମୁଖ୍ୟ ଦୀପକ ମହାନ୍ତି, କୃତିବାସ ପାତ୍ର, ଅରବିନ୍ଦ ଦାସ, ଦୁର୍ଗା ପାଣିଗ୍ରାହୀ ପ୍ରମୁଖ ଏଥିରେ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ୧୪୦ ଅବସରପ୍ରାପ୍ତ ରେଳବାଇ କର୍ମଚାରୀଙ୍କୁ କୋଭିଡ ଟିକା

ଭୁବନେଶ୍ୱର,୬।୩ (ନି.ପ୍ର): ଭୁବନେଶ୍ୱରର ମଂଚେଶ୍ୱର ଠାରେ ଥିବା ରେଳବାଇ କେନ୍ଦ୍ରୀୟ ଚିକିତ୍ସାଳୟରେ ଶୁକ୍ରବାର ଦିନ ପ୍ରାୟ ୧୪୦ ଜଣ ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କୁ କୋଭିଡ ଟୀକା ଦିଆଯାଇଛି ।
ପୂର୍ବରୁ ପୂର୍ବତଟ ରେଳପଥ ମାର୍ଚ୍ଚ ମାସ ୪ ତାରିଖ ଠାରୁ ରେଳବାଇ କେନ୍ଦ୍ରୀୟ ଚିକିତ୍ସାଳୟରେ ସମସ୍ତ ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କୁ କୋଭିଡ ଟିକା ପ୍ରଦାନ କରିବାକୁ ଘୋଷଣା କରିଥିଲା ।
ଅବସରପ୍ରାପ୍ତ ରେଳବାଇ କର୍ମଚାରୀମାନେ ସରକାରୀ ଛୁଟି ଦିନ ବ୍ୟତୀତ ସପ୍ତାହର ସୋମବାର ଠାରୁ ଶୁକ୍ରବାର ମଧ୍ୟରେ ପୂର୍ବାହ୍ନ ୯ ଘଟିକା ଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ କେନ୍ଦ୍ରୀୟ ଚିକିତ୍ସାଳୟରେ ସେମାନଙ୍କ ନାମ ପଞ୍ଜିକରଣ କରିବା ପାଇଁ କୁହାଯାଇଛି ।
ଅବସରପ୍ରାପ୍ତ ରେଳ କର୍ମଚାରୀମାନେ ସେମାନଙ୍କର ଆଧାର କାର୍ଡ (ବାଧ୍ୟତାମୂଳକ), ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ଆରଇଏଲଏଚଏସ୍ କାର୍ଡ ପଞ୍ଜିକରଣ ସମୟରେ ଦାଖଲ କରିବା ସହିତ ଓଟିପି ପାଇଁ ସେମାନଙ୍କର ଆଧାର ସଂଯୁକ୍ତ ମୋବାଇଲ୍ ନମ୍ବର ପାଖରେ ରଖିବା ଉଚିତ୍ ।

## ଲାଣ୍ଡ ରେକର୍ଡରେ ଓଡିଶାର ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର,୬।୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ପ୍ରାୟୋଗିକ ଅର୍ଥନୈତିକ ଗବେଷଣା ପରିଷଦ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଅତ୍ୟୁଚ୍ଚ ୮୬.୫୪ ମାର୍କ ପାଇ ଓଡ଼ିଶା ଜମିଜମା କାଗଜାତ୍ ପାଇବାରେ ରହିଥିବା ସୂଚକାଙ୍କରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରୱେବ୍‌ସାଇଟ୍ ରେ ଅନୁସନ୍ଧାନରେ ସହଜତା, ସୁବିସ୍ତୃତ ବିବରଣୀ ପ୍ରାପ୍ତି, ଡିଜାଇନ୍, ନାଭିଗେସନ୍ ଏବଂ ବିଭିନ୍ନ ପ୍ରଶ୍ନର ଉତ୍ତର ସୁନିର୍ଶ୍ଚିତ କରିବାରେ ଓଡ଼ିଶା ଉତ୍କର୍ଷ ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।
ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ବିଭିନ୍ନ ବିଷୟର ଡିଜିଟାଇଜଡ୍ ରେକର୍ଡ ଏବଂ ସ୍ଥାନିକ ଦସ୍ତାବିଜଗୁଡ଼ିକର ଡିଜିଟାଇଜେସନ୍ ସୁନିର୍ଶ୍ଚିତ କରି ଜମିଜମା ରେକର୍ଡ ଏବଂ ସେବା ସୂଚକାଙ୍କରେ ସମଗ୍ର ଦେଶରେ ତୃତୀୟ ହୋଇଛି । ଦେଶର ୩୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ଜମିଜମା ରେକର୍ଡ ସଂପର୍କିତ ୱେବ୍‌ସାଇଟ୍ ଗୁଡ଼ିକର ମୂଲ୍ୟାଙ୍କନ କରିବା ପରେ ଜାତୀୟ ପ୍ରାୟୋଗିକ ଅର୍ଥନୈତିକ ଗବେଷଣା ପରିଷଦ ଏହି ସୂଚକାଙ୍କଗୁଡ଼ିକୁ ପ୍ରସ୍ତୁତ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ବାବା ମଣିଙ୍କ ପୀଠରେ ବୁଧବାର ସକାଳ ୭ରୁ ଶୁକ୍ରବାର ସକାଳ ୭ ପର୍ଯ୍ୟନ୍ତ ୧୪୪ ଧାରା ଜାରି

■ଜାଗରରେ ହୋଇ ପାରିବନି ସାଧାରଣ ଦର୍ଶନ ଓ ପୂଜା
■ସେବାୟତ କରିବେ ନୀତିକାନ୍ତି ଓ ଉଠାଇବେ ମହାଦୀପ

ଭଦ୍ରକ,୬।୩ (ନି.ପ୍ର): କୋଭିଡ୍ ୧୯ର ପ୍ରତ୍ୟାବର୍ତ୍ତନ ସମ୍ଭାବନା ବା କରୋନା ଦ୍ୱିତୀୟ ସଂକ୍ରମଣକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ନୂଆ କୋଭିଡ଼ ଗାଇଡ ଲାଇନ ଅନୁଯାୟୀ ଜିଲ୍ଲାପାଳ ଡ. ଜ୍ଞାନ ଦାସ ମହା ଶିବରାତ୍ରୀ ନିମନ୍ତେ ଯାତ୍ରୀ ସମାଗମ ଉପରେ ପ୍ରତିବନ୍ଧକ ଜାରି କରିଥିବା ବେଳେ ଉପଜିଲ୍ଲାପାଳ ତଥା ଆଖଣ୍ଡଳମଣି ମନ୍ଦିରରର ମୁଖ୍ୟ ଟ୍ରଷ୍ଟି ପୀତାମ୍ବର ସାମଲ ଏହି ପୀଠ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପାଇଁ ନୂତନ କଟକଣା ଜାରି କରିଛନ୍ତି । ବାବା ମଣିଙ୍କ ପୀଠ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆସନ୍ତା ବୁଧବାର ୧୦ ତାରିଖ ସକାଳ ୭ଟାଠାରୁ ଶୁକ୍ରବାର ୧୨ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ୧୪୪ ଧାରା କଟକଣା ଜାରି କରିଛନ୍ତି । ଏହି ସମୟସୀମା ମଧ୍ୟରେ ମନ୍ଦିରକୁ ସାଧାରଣ ଭକ୍ତଙ୍କ ପ୍ରବେଶ, ପୂଜା, ଦର୍ଶନ ବନ୍ଦ ରହିବ । ଏପରିକି ସେବାୟତଙ୍କ ପରିବାର ମଧ୍ୟ ମନ୍ଦିରକୁ ପ୍ରବେଶ କରି ପାରିବେ ନାହିଁ । କେବଳ ସେବାୟତମାନେ ବାବା ମଣିଙ୍କ ନୀତିକାନ୍ତି ସମ୍ପନ୍ନ କରିବେ । ସେହିପରି ଜାଗର ଅବସରରେ ସେବାୟତମାନେ ମିଳିତ ଶୋଭାଯାତ୍ରା କରିବା ସହ ମହାଦୀପ ମନ୍ଦିର ଉପରକୁ ଉଠାଇବେ । ତେବେ ଏହି ସମୟରେ କୋଭିଡ଼ କଟକଣାର ସମସ୍ତ ନିୟମକୁ ପାଳନ କରାଯିବ । କୋଭିଡ଼ କଟକଣା ଆଇନର ଯେପରି ଉଲଂଘନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ପୁଲିସ, ତହସିଲଦାର ଓ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ବାଧ୍ୟତା ମୂଳକ ।

# ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ




ଭଦ୍ରକ,୬।୩ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ, ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀ ତଥା ପଞ୍ଚାୟତରାଜ ଓ ଲୋକସେବା ଦିବସ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ ସଭାପତି ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଯୋଗ ଦେଇ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ମଉଡମଣି ଥିଲେ । ତାଙ୍କ ଶାସନ ସମୟରେ ପାରାଦୀପ ବନ୍ଦର ହେଉ କି ରାଉରକେଲାର ଇସ୍ପାତ କାରଖାନା, ସବୁ କିଛି ଚିର ସ୍ମରଣୀୟ । ସେ ଥିଲେ ଓଡ଼ିଆ ଜାତି ପାଇଁ ସମର୍ପିତ । ଶାସନ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଯେଉଁଭଳି ମହାନ ଜଣେ ଓଡ଼ିଆ ଭାବେ ତାଙ୍କର ନୀତି ଆଦର୍ଶ ଆହୁରି ମହାନ । ଜଣେ ଦକ୍ଷ ପାଇଲଟ ଭାବେ ତାଙ୍କ ବିମାନ ଓଡ଼ାଣ କ୍ଷମତା ସମଗ୍ର ବିଶ୍ୱ ପାଇଁ ଥିଲା ଚମତ୍କାର । ତାଙ୍କ ଶାସନ ସମୟରେ ପ୍ରଣୀତ ବହୁବିଧ ଯୋଜନା ସର୍ବୋପରି ପଞ୍ଚାୟତିରାଜ ବ୍ୟବସ୍ଥାର ସୁପରିଚାଳନା ପାଇଁ ଆଜି ଓଡ଼ିଶାବାସୀ ଚିର ଗର୍ବିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଇନ୍ଦ୍ରମଣି ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲାପରିଷଦ ଉପାଧକ୍ଷା ଜ୍ୟୋସ୍ନାରାଣି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ଗୁଣାଦର୍ଶକୁ ନେଇ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଓଷ୍ଟା ଜଳେଶ୍ୱର ମଣ୍ଡଳର ସାମ୍ବିଧାନିକ ସମ୍ମିଳନୀ

## ଶିକ୍ଷାର ସାମାଜିକ ପ୍ରତିବଦ୍ଧତା ନ ରହିଲେ ବିକାଶ ଅସମ୍ଭବ

ଜଳେଶ୍ୱର,୬।୩ (ନି.ପ୍ର): ସାମ୍ପ୍ରତିକ ଶିକ୍ଷାରେ ସାମାଜିକ ପ୍ରତିବଦ୍ଧତା ରହୁନଥିବାରୁ ଅଭିଭାବକ ମହଲରେ ଆନ୍ଦୋଳିତ ହୋଇ ପାରୁନାହିଁ ବୋଲି ଆଜିର ଓଷ୍ଟ ଜଳେଶ୍ୱର ମଣ୍ଡଳର ସାମ୍ବିଧାନିକ ସମ୍ମିଳନୀରେ ଆୟୋଜିତ ବୈଠକରେ ଆମ ଭାଷା ଓ ଶିକ୍ଷା ଶୀର୍ଷକ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି । କୋଭିଡ୍-୧୯ର ସଂକ୍ରମଣ ଯୋଗୁଁ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ବିଳମ୍ବରେ ବସିଥିବା ବେଳେ ଆଜିର ବୈଠକରେ ଜଳେଶ୍ୱର ମଣ୍ଡଳର ସଭାପତି ସୁନୀଲ କୁମାର ନାୟକ ପୌରହିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଓଷ୍ଟାର ପୂର୍ବତନ ସଭାପତି ଇନ୍ଦୁ ମାଧବ ମହାନ୍ତି ସାମ୍ପ୍ରତିକ ଓଡିଆ ଭାଷା ପ୍ରତି ମମତା କମିକମି ଆସୁଥିବା ଦୁଃଖ ଦାୟକ ବୋଲି କହିଥିଲେ । ବଂଗଳା ଭାଷାର ବହୁ ପୂର୍ବରୁ ସମ୍ଭବତଃ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦିରୁ ଚତୁର୍ଦ୍ଦଶ ମଧ୍ୟରେ ଓଡିଆ ଭାଷା ଓ ଲିପି ବିକାଶ ଘଟିଥିବା ବେଳେ ଏବେ ଶିକ୍ଷା କେବଳ ତଥ୍ୟଗତ ଭାବରେ ତାର ପ୍ରତିଷ୍ଠା ଜାହିର କରୁଛି । କିନ୍ତୁ ମାତୃଭାଷାର ମାନସିକ ଶିକ୍ଷା ଓ ବିକାଶ ଘଟୁନଥିବାର ସେ କହିଥିଲେ । ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଓଡିଆ ଭାଷାର ଶିକ୍ଷାଦାନ ଅଦ୍ୟାବଧି ସମ୍ଭବ ହୋଇ ନାହିଁ । ଶିକ୍ଷା କେବଳ ଅର୍ଥ ରୋଜଗାରର ମାଧ୍ୟମ ସାଜିଛି । ତେଣୁ ସାମାଜିକ ପ୍ରତିବଦ୍ଧତାରେ ଶିକ୍ଷକ ଶିକ୍ଷାର ବିକାଶ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବା ଉଚିତ୍ ବୋଲି କହିଥିଲେ । ଓଷ୍ଟାର ପୂର୍ବତନ ରାଜ୍ୟ ଯୁଗ୍ମ ସଂପାଦକ ଅକ୍ଷୟ କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ବେଳେ ୩୭ଟି ହାଇସ୍କୁଲ ଥିବା ବେଳେ ଏବେ ୯ହଜାର ଓ ସେତେବେଳେ ୭ ହଜାର ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଏବେ ୬୦ହଜାର ପ୍ରଥମିକ ବିଦ୍ୟାଳୟ ରହିଥିବା ପ୍ରକାଶ କରିଥିଲେ । କିନ୍ତୁ ଏବେ ସଢେଇକଳା, ଖରସୁଆଁବାସୀ ଓଡିଆ ଜାଣିଥିବା ବେଳେ ରାଜ୍ୟରେ ରହିନପାରିବା ଓ କୋଟିଆରେ ଶତାବ୍ଦିର ଯନ୍ତ୍ରଣା ରାଜ୍ୟର ବୁଦ୍ଧିଜିବୀ ମହଲରେ ଆଲୋଡନ ସୃଷ୍ଟି କରିଛି । ଭାରତ ୧୯୪୭ ଓ ଚୀନ ୧୯୪୮ରେ ସ୍ୱାଧୀନ ହୋଇଥିବା ବେଳେ ଚୀନ ବହୁ ଆଗରେ ରହିଥିବା ସେ କହିଥିଲେ । ହୃଦୟକୁ ହୃଦୟ ସହ ଯୋଡିବାଲାଗି ଓଡିଆ ଭାଷାର ବିକାଶ ହେଲେ ମା ମାଟିର ବିକାଶ ହୋଇ ପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଓଷ୍ଟା ସଭାପତି ବାଦଲ ଚନ୍ଦ୍ର ପାତ୍ର, ସଂପାଦକ ମନୋରଂଜନ ଦାସ, ଯୁଗ୍ମ ସଂପାଦକ ରାଜେନ୍ଦୁ ବିକାଶ ପାତ୍ର, ନିରଞ୍ଜନ ଦାସ, ଉପସଭାପତି ଅସିତ୍ କୁମାର ଦାସ, ଶଶାଙ୍କ ଶେଖର ମହାନ୍ତି, ହରିପଦ ଭୂୟାଁ, ବଂଶୀଧର ବାରିକ, ମନୋରଂଜନ ଦତ୍, ବନ୍ଦିତା ମହାପାତ୍ର, ଲକ୍ଷ୍ମୀଧର ମୁଦୁଲି, ସୁଦର୍ଶନ ପ୍ରଧାନ ପ୍ରମୁଖ ଏଥିରେ ବକ୍ତବ୍ୟ ରଖିଥିଲେ । ସରୋଜ କୁମାର ପାଣିଗ୍ରାହୀ ବେଦପାଠ କରିଥିବା ବେଳେ ଭାରପ୍ରାପ୍ତ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ବିଦ୍ୟାପତି ଦେ ଓ ହରେକୃଷ୍ଣ ଜେନାଙ୍କ ସଂଯୋଜନାରେ ଛାତ୍ରୀମାନେ ଉଦ୍‌ଘାଟନୀ ସଂଗୀତ ଗାନ କରିଥିଲେ । ଶେଷରେ ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ବିଜୁ ଜୟନ୍ତୀ ପାଳିତ ଓ ରକ୍ତଦାନ ଶିବିର

ଜଳେଶ୍ୱର,୬।୩ (ନି.ପ୍ର): ସ୍ୱର୍ଗତ ବିଜୁ ବାବୁଙ୍କର ୧୦୫ ତମ ଜୟନ୍ତୀ ଆଜି ଜଳେଶ୍ୱର ବ୍ଲକର ସୁଗୋ ରାଜୀବ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଳେଶ୍ୱର ବ୍ଲକ ବିଜେଡି ସଭାପତି ଭୂପତି ମିର୍ଦ୍ଧା ପୌରହିତ୍ୱ କରିଥିଲେ । ବିଧାୟକ ଅଶ୍ୱିନୀ ପାତ୍ର, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସମବାୟବିତ୍ ମାନସ କୁମାର ଜେନା, ପ୍ରତୀପ କୁମାର ପ୍ରଧାନ, ହରେକୃଷ୍ଣ ଗିରି, ଯତିର୍ମୟ ଆଚାର୍ଯ୍ୟ, ମଧୁସୂଦନ ସେନାପତି, ମଧୁସୂଦନ ଦତ୍ତ, ଭବତାରଣ ପରିଡା, ଅନନ୍ତ ରାଉଳ, ବିନ୍ଦୁବାଳା ନନ୍ଦି, ବିଦ୍ୟାଧର ମଲ୍ଲିକ, ଅନାଦି ଦାସ, ଗିରିଜା ମହାନ୍ତି, ସତ୍ୟଶୋଭନ ମିଶ୍ର, ଦିନେଶ ଜେନା ପ୍ରମୁଖ ବିଜୁବାବୁଙ୍କ କର୍ମନିଷ୍ଠା, ସ୍ୱାଭିମାନ, ମହିଳାଙ୍କ ପ୍ରତି ସମ୍ମାନ, ଗ୍ରାମାଭିମୁଖୀ ବଜେଟ୍ ଓ ଓଡିଆ ପ୍ରିତୀ ସଂପର୍କରେ ବକ୍ତବ ରଖିଥିଲେ । ଏହି ଅବସରରେ ଆୟୋଜିତ ଏକ ରକ୍ତଦାନ ଶିବିରକୁ ପୂର୍ବତନ ଅତିରିକ୍ତ ପୁଲିସ୍ ସୁପରିଟେଣ୍ଡେଣ୍ଟ ସୁମନ ଦତ୍ତ ଓ ଜୀବନବିନ୍ଦୁର ସଂଯୋଜକ ମଧୁସୂଦନ ସେନାପତି ଉଦ୍‌ଘାଟନ କରିଥିଲେ । ଡା. ମହେଶ କୁମାର ବିଶ୍ୱାଳ, ବିଜୟ କୁମାର ପଟ୍ଟନାୟକ, ସ୍ୱାତିସୁଚରିତା ରାଜ, କ୍ଷୀରୋଦ କୁମାର ବେହେରା, ହରିଶ୍ଚନ୍ଦ୍ର ମହାନ୍ତି ରକ୍ତ ଗ୍ରହଣରେ ସହାୟତା କରିଥିଲେ । କାର୍ଯ୍ୟକ୍ରମକୁ ଚନ୍ଦନ କର, ରାସବିହାରୀ ରଣା, କାଳିଚରଣ ଦାସ, ଦିନେଶ ଜେନା, ଭଗିରଥ ଚନ୍ଦ, ଗୌତମ ସାହୁ, ଉଜ୍ଜ୍ୱଳ ଗିରି, ଦାମୋଦର ପ୍ରଧାନ, ସମିର ଚାନ୍ଦ, ବ୍ରିଜେଶ ରଣା, ମମତା ହୁଇ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## କେନ୍ଦ୍ରାପଡା ବିଜେପି ସଂଖ୍ୟାଲଘୁ ସେଲ୍‌ର ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡା,୬।୩ (ନି.ପ୍ର): ବିଜେପି ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଅଧକ୍ଷ ସିକନ୍ଦର ଅଲ୍ଲୀଙ୍କ ଅନୁମୋଦନ ଓ ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ପ୍ରସ୍ତାବନା କ୍ରମେ ଜିଲ୍ଲା ବିଜେପି ସଂଖ୍ୟାଲଘୁ ସେଲ୍‌ର ନୂତନ କର୍ମକର୍ତା ଚୟନ କରାଯାଇଛି । ଏହି କମିଟିରେ ୧୩ଜଣ କର୍ମକର୍ତା ସ୍ଥାନ ପାଇଛନ୍ତି । ଜିଲ୍ଲା ସଭାପତି ଭାବେ ସେକ୍ ବୁରହାନ୍ ଅଲ୍ଲୀଙ୍କ ସମେତ ୪ଜଣ ଉପ ସଭାପତି ମିର୍ଜା କରାମତ୍ ବେଗ୍, ସେକ୍ ଇସାମୁଦ୍ଦିନ, ଅଇନୁଲ ଖାନ୍, ଅବଦୁଲ ବେଲାଲ ଖାନ୍, ସାଧାରଣ ସଂପାଦକ ଭାବେ ମିର୍ ସଲିମ୍, ସେକ୍ ମେହେରୁଲ୍ଲା, ସଂପାଦକ ଭାବେ ଅଫସର ଅଲ୍ଲୀ, ସେକ୍ ଖଲିଦ୍ ଅହେମ୍ମଦ୍, ମହମ୍ମଦ ରିଆଜ୍ ଅହେମ୍ମଦ୍, ମିର୍ ଜୁଲଫିକର ଅଲ୍ଲୀ, ସରଫରାଜ ଖାନ ଓ କୋଷାଧକ୍ଷ ଭାବେ ମହମ୍ମଦ ଅଜମଲ ଖାନ୍‌ଙ୍କୁ ଚୟନ କରାଯାଇ ଥିବାବେଳେ ଜିଲ୍ଲା କାର୍ଯ୍ୟାକରିଣୀ କମିଟିରେ ୧୭ଜଣଙ୍କୁ ସଦସ୍ୟ ଭାବେ ମନୋନିତ୍ କରାଯାଇଛି ।

# ବିନା ପ୍ରସ୍ତୁତିରେ ବିଏମସିର ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଜିଜିଆ କର ସଦୃଶ : ବାବୁ ସିଂ

ଭୁବନେଶ୍ୱର,୬।୩ (ନି.ପ୍ର): ରାଜଧାନୀବାସୀଙ୍କଠାରୁ ବିଏମସିର ହୋଲ୍ଡିଂଟ୍ୟାକ୍ସ ଆଦାୟ ଜିଜିଆ କର ସଦୃଶ । ବିନା କୌଣସି ପ୍ରସ୍ତୁତିରେ ରାଜ୍ୟ ସରକାର ଏବଂ ବିଏମସି ତରବରିଆ ଭାବେ ଆର୍ଥିକ ବୋଝ ଲଦି ଦେବାକୁ ବିରାଟ ଷଡଯନ୍ତ୍ର କରୁଛନ୍ତି ବୋଲି ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁସିଂ ଅଭିଯୋଗ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ହୋଲ୍ଡିଂଟ୍ୟାକ୍ସ ଆଦାୟ ପ୍ରକ୍ରିୟାଏବଂ ପ୍ରତ୍ୟେକ ଅଟ୍ଟାଳିକାର ନିର୍ଦ୍ଦିଷ୍ଟଟ୍ୟାକ୍ସ ନିର୍ଦ୍ଧାରଣକୁ ପାରଦର୍ଶୀ ବା ଟ୍ରାନ୍ସପରେଂଟ କରିବାକୁ କର୍ତ୍ତୃପକ୍ଷ ପ୍ରସ୍ତୁତ ନୁହନ୍ତି । ଟେକ୍ନୋଲୋଜିକୁ ବ୍ୟବହାର କରି ପ୍ରତ୍ୟେକ ଅଂଚଳର ପ୍ରତ୍ୟେକ ବିଲ୍ଡିଂ ପାଇଁ କେତେ ପରିମାଣର ଟିକସ ଧାର୍ଯ୍ୟହେବ ଏବଂ ଏହା କିପରି ସ୍ଥିର କରାଯିବ ତାହା ସ୍ପଷ୍ଟ କରିବାକୁ ବିଏମସି କତୃପକ୍ଷ ଚାହୁଁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଓଡିଶା ମ୍ୟୁନିସିପାଲ କର୍ପୋରେସନ ଆକ୍ଟ-୨୦୦୩ର ସେକ୍ସନ ୨୦୫ରେ ସିଧା ସିଧା ଲେଖାହୋଇଛି ଯେ, ୨୧୫ ସେକ୍ସନ ଅନୁସାରେ ଗଠନ ହୋଇଥିବା କର୍ପୋରେସନ ଭ୍ୟାଲୁଏସନ କମିଟି ଦ୍ୱାରା ଜମି ଘରର ବର୍ଗୀକରଣ ଏବଂ ବାର୍ଷିକ ମୂଲ୍ୟ ନିର୍ଦ୍ଧାରଣ ହେବ ।ଏହାର ଉଲ୍ଲଂଘନ ହେଉଛି । ସେକ୍ସନ ୨୦୬ ଅନୁଯାୟୀ ଜମି ଓ କୋଠାର ବର୍ଗୀକର ଉପରେ ଅଭିଯୋଗ ଶୁଣିବାର ପ୍ରକ୍ରିୟା ଶେଷ ହେବା ପରେ ଯାଇ ଜମିର ମୂଲ୍ୟ ଏବଂ କୋଠାର ମୂଲ୍ୟ ଫାଇନାଲ ହେବା କଥା ।କିନ୍ତୁ ଅଭିଯୋଗ ଶୁଣାଯାଇଛି ନା ନୋଟିସ ଆସିଛି । ବିଏମସିର ଟ୍ୟାକ୍ସ ଆଦାୟ ବଢି ଚାଲୁଛି ସତ, କିନ୍ତୁ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି ରାଜଧାନୀବାସୀ । ସ୍ୱଚ୍ଛ ସର୍ବେକ୍ଷଣ ରିପୋର୍ଟ-୨୦୨୦ ଅନୁଯାୟୀ ଭୁବନେଶ୍ୱରର ର୍ୟାଙ୍କ ତଳଗାମୀ ହେବାରେ ଲାଗିଛି । ୨୦୧୬ ମସିହାରେ ସ୍ମାର୍ଟସିଟି ଘୋଷଣା ହୋଇଥିବା ଭୁବନେଶ୍ୱର ଆବାସ ଓ ସହରୀ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୧୮ ଜୁନ ମାସରେ ଘୋଷଣା କରାଯାଇଥିବା ଇଣ୍ଡିଆ ସ୍ମାର୍ଟସିଟି ପୁରସ୍କାର ତାଲିକାରେ ସ୍ଥାନ ପାଇନଥିଲା । ସେହିବର୍ଷ ଜୁଲାଇ ମାସରେ ବର୍ଷା ପାଣିରେ ରାଜଧାନୀ ଜଳମଗ୍ନ ହୋଇଥିଲା, ଯାହାକି ଦୁର୍ବଳ ସହରୀକରଣର ବ୍ୟବସ୍ଥାଏବଂ ଏକ ତୃଟିପୂର୍ଣ୍ଣ ଜଳ ନିଷ୍କାସନ ବ୍ୟବସ୍ଥାକୁ ପଦାରେ ପକାଇ ଦେଇଥିଲା ବୋଲି ଶ୍ରୀ ସିଂକହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଦିଲୀପ ମହାନ୍ତି, ଜଗନ୍ନାଥ ପ୍ରଧାନ, ହରେକୃଷ୍ଣ ଖୁଂଟିଆଙ୍କ ସମେତ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତିମାନେ ଉପସ୍ଥିତ ଥିଲେ ।

# ଏନ.ସି.ସିରେ ରାଜ୍ୟସ୍ତରରେ ଜ୍ୟୋତିସାଇଙ୍କର କୃତିତ୍ୱ



କଟକ,୬।୩ (ନି.ପ୍ର): ଏନ.ସି.ସି ପକ୍ଷରୁ ଆୟୋଜିତ ଏକ ଉତ୍ସବରେ କଟକ ସିଡିଏ ଡି.ଏ.ଭି ସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଜ୍ୟୋତିସାଇ କରଙ୍କୁ ବେଷ୍ଟ କ୍ୟାଡେଟ ପୁରସ୍କାର ପ୍ରଦାନ କରାଯାଇଅଛି । ମାର୍ଚ୍ଚ ୩ ତାରିଖରେ କଟକ ରେଭେନସା କଲେଜର ସେଭେନ ପିଲାର କକ୍ଷରେ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ଏନ.ସି.ସିର ସର୍ବୋଚ୍ଚ ଅଧିକାରୀ ତରୁନ କୁମାର ଆଇଚ୍ ଜ୍ୟୋତିସାଇଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ସେ ଥାର୍ଡ ଓଡିଶା ନାଭାଲ ୟୁନିଟ୍‌ର କ୍ୟାଡେଟ ଅଟନ୍ତି । ସୂଚନାଯୋଗ୍ୟ କି ଜ୍ୟୋତିସାଇ ଏକାଧାରରେ ପାଠ, ଖେଳ, ସାହିତ୍ୟ, ଚିତ୍ରକଳା, ସଂଗୀତ କ୍ଷେତ୍ରରେ ମଧ ପାରଦର୍ଶୀତା ଲାଭ କରିଛନ୍ତି । ଶେଷରେ ଡିଫେନ୍‌ସରେ ମଧ ସଫଳତାର ସହିତ କୃତିତ୍ୱ ଅର୍ଜନ କରିପାରିଲେ । ସେ ପାଠ ପଢିବା ସହ ଟାଇକଣ୍ଡୋରେ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି ଏବଂ ଆର୍ନ୍ତଜାତୀୟ ଟାଇକଣ୍ଡୋ ଖେଳାଳି ହିସାବରେ ସୁନାମ ଅର୍ଜନ କରିବା ସହ ପୁରସ୍କୃତ ହୋଇଛନ୍ତି । ସାହିତ୍ୟ କ୍ଷେତ୍ରରେ ମଧ ଆର୍ନ୍ତଜାତୀୟ ସାର୍ଟିଫିକେଟ ଗ୍ରହଣ କରିପାରିଛନ୍ତି । ସେ ଜଣେ ଉଚ୍ଚ କୋଟିର ଲେଖିକା ଏବଂ ବକ୍ତା ମଧ ଅଟନ୍ତି । ଚିତ୍ରକଳାରେ ରହିଛି ତାଙ୍କର ଭିନ୍ନ ଏକ ଆକର୍ଷଣ । ସେ ଜଣେ ସୁଗାୟୀକା ମଧ ଅଟନ୍ତି । ବର୍ତ୍ତମାନ ସେ ରବିନେଜ୍‌ରେ ଷ୍ଟୁଡେଣ୍ଟ ରିପୋର୍ଟର ଭାବେ କାର୍ଯ୍ୟରତ । ଏତେ ଗୁଡିଏ କୃତିତ୍ୱର ଅଧିକାରିଣୀ ଜ୍ୟୋତିସାଇ ଜଣେ ଶାନ୍ତ ଓ ବିନମ୍ର ସ୍ୱଭାବର ବାଳିକା ଅଟନ୍ତି । ସିଡିଏ ଅଂଚଳର ବସନ୍ତ କୁମାର କର ଓ ସୁଧାଂଶୁବାଳା ଶତପଥୀଙ୍କ ଝିଅ ଜ୍ୟୋତିସାଇ ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କର ପରିଶ୍ରମ, ଭବବାନ, ପିତା ମାତା ଓ ପ୍ରଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳନ

ଧାମନଗର ,୬।୩ (ନି.ପ୍ର): ଓଡ଼ିଶାର ବରପୁତ୍ର, ଇଣ୍ଡୋନେସିୟାର ଭୂମିପୁତ୍ର, ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଜନମାନସର ହୃଦୟର ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମ ଜୟନ୍ତୀ ଧାମନଗର ବ୍ଲକ ବିଭିନ୍ନ ସ୍ଥାନରେ କରୋନା କଟକଣା ହେତୁ ନିରାଡ଼ମ୍ବର ଭାବରେ ପାଳନ କରାଯାଇଛି । ଧାମନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜୁବାବୁଙ୍କ ଜୟନ୍ତି ଅବସରରେ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ନୀତି ଆଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଧୁଷୁରୀ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ବିଜେଡ଼ି ସଭାପତି ଉମେଶଚନ୍ଦ୍ର ମହାନ୍ତି ନେତୃତ୍ୱରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ସମିତି ସଭ୍ୟ ପ୍ରଦୀପକୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, କବିଦୟାନିଧି ମିଶ୍ର, ଶୁକଦେବ ସ୍ୱାଇଁ, ଭାନୁପ୍ରକାଶ ପଲାଇ, ଭାରତବିଜୟ ଦଳାଇ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ଧାମନଗର ସାନବଜାର ଠାରେ ଥିବା ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସକାଳ ୧୦ଘଟିକା ସମୟରେ ଦଳର ନେତୃମବୃନ୍ଦ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଧାମନଗର ଏନ୍ଏସି ଅନ୍ତର୍ଗତ ସ୍ଥାନୀୟ କଲ୍ୟାଣୀ ମଣ୍ଡପ ପରିସରରେ ବ୍ଲକ ଓ ଏନ୍ଏସି ବିଜୁ ଜନତାଦଳ ପକ୍ଷରୁ ଦଳର ସଭାପତି



ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ସ୍ୱର୍ଗତ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ସମାରୋହରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ବିବିସିସି ସଭାପତି ରଘୁନାଥ ଲେଙ୍କା, ବିଜେଡ଼ି ନେତା ନାରାୟଣଚନ୍ଦ୍ର ସାହୁ, ବିନୋଦ ନାୟକ, ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ଦୟାନିଧି ମିଶ୍ର, ବିଜୟ କୁମାର ମିଶ୍ର, ସାରଦାପ୍ରସନ୍ନ ସାହୁ, ସୁଶାନ୍ତ କୁମାର ପଣ୍ଡା, ସୂର୍ଯ୍ୟକାନ୍ତ ନାୟକ, ମରତ ମାଝି. ଶରତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ଭାନୁପ୍ରକାଶ ପଲାଇ, ଭାରତବିଜୟ ଦଳାଇ, ରାମଚନ୍ଦ୍ର ସାହୁ, ସେକ୍ ଜାଫର ଅଲ୍ଲୀ, ଲମ୍ବୋଦର ଜେନା, ମାନସ ବାରିକ, ମାନସ ରାଉତ, କୃଷ୍ଣଚନ୍ଦ୍ର ଜେନା, ମହିଳା ନେତ୍ରୀ ସୁରତି ନାୟକ, ବିଦ୍ୟାଧର ରାଉତ, ନରେନ୍ଦ୍ର କୁମାର ନାୟକ, ସେକ୍ ସୟଫୁଦ୍ଦିନ୍, ସେକ୍ ରୋସ୍ତମ, ଅତିସ କୁମାର ନନ୍ଦ, ସୁବାସ ମହାକୁଡ଼, ବିଜୟ କୁମାର ବେହେରା, ଗୌତମ ନାୟକ, ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ କାର୍ଯ୍ୟକଲେ ବିଜୁ ବାବୁଙ୍କ ସ୍ୱପ୍ନ ସାକାର ହେବବୋଲି ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ । ନଗରସଭାପତି ସୁଶାନ୍ତ କୁମାର ରାଉତ ଅତିଥି ପରିଚୟ ପ୍ରାଦନ କରିଥିବାବେଳେ ଶେଷରେ ନଗର ବିଜେଡ଼ଇ ନେତା ଏମ୍‌ଡ଼ି ଫକିରୁଦ୍ଦିନ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୮

(ପୂର୍ବପ୍ରକାଶିତ ଉତ୍ତାରୁ...)

ଯେଉଁଘରେ ବର୍ତ୍ତମାନ କଟକର ଜଜ୍ କୋର୍ଟ (ବଡ଼ ଅଦାଲତ), ସେହିଘର ଥିଲା ସେହି ସମୟରେ ଆମ୍ଭମାନଙ୍କ କଲେଜ ଓ ବର୍ତ୍ତମାନ କଲେଜିଏଟ୍ ସ୍କୁଲର ଛାତ୍ରାବାସ କଲେଜର ଛାତ୍ରାବାସ ଥିଲା। କାଠଯୋଡ଼ି ନଦୀକୁ ଯାଇଁ ଆମ୍ଭେମାନେ ସ୍ନାନକରୁ । ଯେଉଁ ଘାଟରେ ଆମ୍ଭେମାନେ ସ୍ନାନ କରୁଁ, ତାହାର ନାମ ଥିଲା କଲେଜ ଘାଟ । ସେତେବେଳେ ଖରାଦିନେ ସୁଦ୍ଧା କାଠଯୋଡ଼ିରେ ଗଭୀର ହାତୀବୁଡ଼ା ପାଣି ରହୁଥାଏ । ଗଭୀର ପାଣିରେ ଆମ୍ଭେମାନେ ପହଁରୁ । ୧୯୦୮ ମସିହା ଗ୍ରୀଷ୍ମାବକାଶ ପର୍ଯ୍ୟନ୍ତ ଏହିପରି ନଦୀର ଗଭୀର ସ୍ରୋତ ଥାଏ । ପ୍ରାୟ ପ୍ରତିବର୍ଷ ବର୍ଷାଦିନର ବଢ଼ିରେ ଜଣେ ନା ଜଣେ କଲେଜ ଛାତ୍ର ବୁଡ଼ି ମରନ୍ତି । ବଡ଼ ବୁରୁଜ ତଳେ ପଡ଼ିଲେ ଆଉ ଜୀବନରକ୍ଷା ଅସମ୍ଭବ ହୋଇପଡ଼େ । ୧୯୦୯ ମସିହାରେ ଆସି ଦେଖେଁ, ନଦୀବକ୍ଷ ପ୍ରାୟ ଶୁଷ୍କ । ବାଲିପୋତି ହୋଇଛି । ସେହିଦିନରୁ କାଠଯୋଡ଼ି ନଦୀରେ କଟକବାସୀଙ୍କର ଜଳାଭାବ ହୋଇଅଛି । ପ୍ରାୟ ପ୍ରତିବର୍ଷ ବର୍ଷାଋତୁର ଆରମ୍ଭରେ କଟକରେ କଲେରା ହୁଏ ଓ ତହିଁରେ ଛାତ୍ରାବାସର ଜଣେ ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୁଏ । ଏହାର ପ୍ରକୋପରେ ବର୍ଷେ ବର୍ଷେ କଲେଜ ଦୀର୍ଘକାଳ ପର୍ଯ୍ୟନ୍ତ ବନ୍ଦ ହୋଇଯାଏ ।

ସେହି ସମୟରେ ଜିନିଷ ପତ୍ର ଏତେ ଶସ୍ତା ଥିଲା ଯେ ସାଧାରଣ କଲେଜ ଛାତ୍ର ଟ. ୧୫/-ରୁ ଅଧିକ ଖର୍ଚ୍ଚ ହେଉନଥିଲା । ଅବଶ୍ୟ ଆଜିକାଲି ପିଲାଙ୍କ ପରି ଆମ୍ଭେମାନେ ବିଳାସୀ ନଥିଲୁ । ସେତେବେଳେ ଏତେଗୁଡ଼ିଏ ବିଳାସର ସାମଗ୍ରୀ ମଧ୍ୟ ବଜାରକୁ ଆସୁନଥିଲା । ଥିଏଟର୍ ସିନେମା ନଥିଲା, ଦେଶରେ ଚିତ୍ତବିନୋଦନର ସାମଗ୍ରୀ ଥିଲା ପାଲା, ସୁଆଙ୍ଗ ଯାତ୍ରା ପ୍ରଭୃତି । ହରହରି ଘାଟରେ ବାଦୀପାଲାରେ ବସିଲେ ଛାଡ଼ି ଆସିବାକୁ ମନହୁଏ ନାହିଁ । ବାସ୍ତବରେ ଉତ୍କଳରେ ପାଲାବାଲାମାନେ ପୁରାତନ ଓଡ଼ିଆ ସାହିତ୍ୟକୁ ସଜୀବ ରଖିଅଛନ୍ତି । କେତେକ ପାଲାବାଲାଙ୍କ ତତ୍କାଳୀନ କବିତା ରଚନାରେ ମୁଗ୍ଧ ହେବାକୁ ହୁଏ । ଏହି ଅମୂଲ୍ୟ ଅନୁଷ୍ଠାନକୁ ସମୁତ୍ସାହିତ କରି ରଖିବା ଦେଶବାସୀଙ୍କ କର୍ତ୍ତବ୍ୟ ।

ଆମ୍ଭମାନଙ୍କ ସଙ୍ଗେ କେତେକ ଧନୀ ଛାତ୍ର ମଧ୍ୟ ଛାତ୍ରାବାସରେ ରହୁଥିଲେ । ସେମାନଙ୍କ ଅଭ୍ୟାସ ସୁଦ୍ଧା ସାଧାରଣ ଛାତ୍ରଙ୍କ ତୁଲ୍ୟ ଥିଲା । ମେସ୍ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ମେସ୍ ଖର୍ଚ୍ଚ ମାସକୁ ଛଅଟଙ୍କାରୁ ଅଧିକ ହେଉନଥିଲା । ଏହି ଖର୍ଚ୍ଚ ବାହାରେ କଲେଜ ଫି ମାସକୁ ଚାରିଟଙ୍କା, ଛାତ୍ରାବାସର ଭଡ଼ା ଟଙ୍କାଏ । ଏପରି ମୋଟ ଖର୍ଚ୍ଚ ଏଗାର ଟଙ୍କା । ଏହାଛଡ଼ା କଲେଜରେ ଆଉ କୌଣସି ଖର୍ଚ୍ଚ ନଥାଏ । ଅବଶିଷ୍ଟ ଚାରିଟଙ୍କା ଜଳଖିଆ ଆଦି ସକାଶେ ଯଥେଷ୍ଟ ହେଉଥିଲା । ପୂଝାରୀଚାକରଙ୍କ ଦରମା ଦୁଇଟଙ୍କା ଲେଖାଏଁ । ଉତ୍କୃଷ୍ଟ ପାଚକ ନାରାୟଣ ପୂଝାରୀର ଦରମା ତିନିଟଙ୍କା । ଚାନ୍ଦନୀଚୌକର ହରିଆ ଧୋବା ନିଏ କୋଡ଼ିକୁ ଦୁଇ ଅଣା । ପୋଷ୍ଟକାର୍ଡ ଗୋଟିକୁ ପଇସା ଓ ଲଫାପା ଗୋଟିକ ଦୁଇ ପଇସା । ଧୋତି ଖଣ୍ଡକୁ ବାର ଚଉଦଅଣା, କମିଜ ଖଣ୍ଡକୁ ଟଙ୍କାଏ ।

୧୯୦୫ ମସିହା ଅକ୍ଟୋବର ମାସ ୧୬ ତାରିଖ ଓଡ଼ିଶାର ଇତିହାସରେ ଏକ ସ୍ମରଣୀୟ ଦିବସ । ବହୁକାଳରୁ ମାତୃ ଅଙ୍ଗରୁ ବିଚ୍ଛିନ୍ନ ସମ୍ବଲପୁର ଜିଲ୍ଲା ଏହିଦିନ ଓଡ଼ିଶା ସହିତ ମିଳିତ ହୋଇଥିଲା । ଏହିଦିନ ବଙ୍ଗ ପ୍ରଦେଶର ଅଙ୍ଗଚ୍ଛେଦ ମଧ୍ୟ ହୋଇଥିଲା । ଅତି ପ୍ରତ୍ୟୁଷରେ ଦଳେ ବଙ୍ଗାଳୀ ଯୁବକ ଆମ୍ଭମାନଙ୍କର ଛାତ୍ରାବାସକୁ ଆସି ଆମ୍ଭମାନଙ୍କ ହାତରେ ଗୋଟିଏ ଲେଖାଏଁ ରାଖି ବାନ୍ଧିଦେଇ ଗଲେ ଓ କହିଲେ, ସେମାନଙ୍କ ସହିତ ନଗ୍ନପଦରେ ସ୍ନାନ କରିବାକୁ ଯିବାକୁ ହେବ ଓ ଦିନଯାକ ଉପବାସରେ ରହିବାକୁ ହେବ । ସେମାନଙ୍କ ଆଗରେ ନୀଳକଣ୍ଠ ଦାସେ ଥିଲେ ଓ ବଙ୍ଗୀୟ ଭ୍ରାତାମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ସେମାନଙ୍କ ସହିତ ତନ୍ମୁହୂର୍ତ୍ତରେ ମହାନଦୀକୁ ସ୍ନାନାର୍ଥେ ଅନୁସରଣ କରିବା ସକାଶେ କହିଲେ । ମୁଁ କହିଲି, "ବଙ୍ଗୀୟ ଭ୍ରାତାମାନଙ୍କ ଦୁଃଖରେ ଆମ୍ଭେମାନେ ମଧ୍ୟ ଦୁଃଖୀ । କିନ୍ତୁ ସେହିଦିନ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହୋଇଥିବାରୁ ଆମ୍ଭେମାନେ ଉକ୍ତ ମିଳନୋତ୍ସବ ପାଳନ କରିବୁଁ ।" ନୀଳକଣ୍ଠ ଦାସେ ଆମ୍ଭମାନଙ୍କ ପ୍ରତି ବିରକ୍ତି ପ୍ରକାଶ କଲେ ଓ କଟୂକ୍ତିମାନ ପ୍ରୟୋଗକରି ଆମ୍ଭମାନଙ୍କ ପାଳିତ ଉତ୍ସବରେ ଯୋଗ ଦେଲେ ନାହିଁ । ସକାଳେ ଆମ୍ଭେମାନେ ମହାନଦୀରେ ସ୍ନାନକରି ଗଡ଼ଗଡ଼ିଆ ମହାଦେବ ଓ କଟକଚଣ୍ଡୀଙ୍କୁ ଭୋଗଦେଇ ଦର୍ଶନ କଲୁଁ ଏବଂ ଭୋଜି ଓ ସଙ୍ଗୀତରେ ରାତ୍ରିଯାପନ କଲୁଁ । ପରଦିନ ସକାଳେ ଶୁଣିଲୁ, ବଙ୍ଗାଳୀ ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟଙ୍କ ବିରୁଦ୍ଧରେ ରାତ୍ରିରେ ହଷ୍ଟେଲରେ ଗୋଳମାଳ କରିଥିବା ଅଭିଯୋଗରେ ସମ୍ବଲପୁର ଛାତ୍ରମାନଙ୍କୁ ଟଙ୍କାଏ ଲେଖାଏଁ ଜୋରିମାନା ହୋଇଛି । ଅବଶ୍ୟ ଆମ୍ଭମାନଙ୍କ ପ୍ରତିବାଦରେ ପରେ ତାହା କଟିଗଲା ।

ବଙ୍ଗର ଅଙ୍ଗ ବ୍ୟବଚ୍ଛେଦଯୋଗୁଁ ସେହି ପ୍ରଦେଶର ପ୍ରବଳ ଜନ ଆନ୍ଦୋଳନର ହାଓ୍ୱା ଓଡ଼ିଶାକୁ ମଧ୍ୟ ନଆସି ରହିପାରି ନଥିଲା । ଦଳ ଦଳ ବଙ୍ଗାଳୀ ଆସି ଓଡ଼ିଆବାସୀଙ୍କ ସହାନୁଭୂତି ଆକର୍ଷଣ କରିବାକୁ ଲାଗିଲେ । ଏମାନଙ୍କ ମଧ୍ୟରେ ଛାତ୍ର ସଂଖ୍ୟା ଅଧିକ । ବଙ୍ଗଦେଶର ଛାତ୍ରମାନଙ୍କୁ ଅନୁକରଣ କରି ଓଡ଼ିଆ ଛାତ୍ରମାନେ ମଧ୍ୟ ଏହି ଆନ୍ଦୋଳନଜନିତ ସ୍ୱଦେଶପ୍ରେମିକତାରେ ପ୍ରଣୋଦିତ ହେବାକୁ ଲାଗିଲେ ।

ବିଲାତି ଦ୍ରବ୍ୟ ବର୍ଜ୍ଜନ ଭାରତବର୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଯୁକ୍ତ ମୁଖ୍ୟ ନୀତି ରୂପେ ଗୃହୀତ ହେଲା । ଦଳ ଦଳ ବଙ୍ଗାଳୀ ଯୁବକ ଆସି ଏହି ନୀତି ଓଡ଼ିଶାରେ ପ୍ରଚାର କରିବାକୁ ଲାଗିଲେ । ଏହିଦିନରୁ ଏହା ସ୍ୱଦେଶୀ ଆନ୍ଦୋଳନ ନାମରେ ଖ୍ୟାତହେଲା । ଯେଉଁ ତନ୍ତୀମାନେ ନିଜ ନିଜ ବ୍ୟବସାୟ ପରିତ୍ୟାଗ କରି ଅନ୍ୟ ବ୍ୟବସାୟ ଗ୍ରହଣ ପୂର୍ବକ ଗୃହତ୍ୟାଗ କରିଥିଲେ ସେମାନେ ଘରକୁ ଫେରିଆସି ବର୍ତ୍ତମାନ ଲୁଗା ବୁଣିବାକୁ ଲାଗିଲେ । କଟକର ଲୁଗାଦୋକାନମାନ ସ୍ୱଦେଶୀ ବସ୍ତ୍ରରେ ପୂର୍ଣ୍ଣ ହୋଇଗଲା । ଛାତ୍ରମଣ୍ଡଳୀ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରିବାରେ ଅଗ୍ରଣୀ ହେଲେ । ଆମ୍ଭମାନଙ୍କ ଛାତ୍ରାବାସସ୍ଥ ଜଣେ ଦୁଇଜଣ ଏ ସମ୍ପର୍କରେ ନେତୃତ୍ୱ ଗ୍ରହଣ କଲେ । ଛାତ୍ରବାସସ୍ଥ ପ୍ରତ୍ୟେକ ଛାତ୍ରଠାକୁ ଯାଇ କେହି ବିଲାତି ବସ୍ତ୍ର ବ୍ୟବହାର କରୁଛି କି ନାହିଁ, ପରୀକ୍ଷା କରୁଥିଲେ ଓ କାହାରିଠାରେ ବିଲାତି ବସ୍ତ୍ର ଦେଖିଲେ ତୀବ୍ର ଭାଷାରେ ତାହାକୁ ତିରସ୍କାର କରୁଥିଲେ । ସ୍ୱଦେଶୀ ବସ୍ତ୍ର ସହିତ ଅନ୍ୟାନ୍ୟ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ମଧ୍ୟ ବୃଦ୍ଧି ହେବାକୁ ଲାଗିଲା । ତଦାନୀନ୍ତନ ଭାରତର ବଡ଼ଲାଟ ଲର୍ଡ କର୍ଜନ ବଙ୍ଗର ଅଙ୍ଗଚ୍ଛେଦ ବ୍ୟବସ୍ଥା କରି ବଙ୍ଗଦେଶ ତଥା ଭାରତବର୍ଷରେ ଯେଉଁ ସ୍ୱଦେଶପ୍ରେମିକତା ବୀଜ ବପନ କରିଦେଲେ ସେହି ସକାଶେ ଭାରତବାସୀ ତାଙ୍କ ପ୍ରତି ଚିରକୃତଜ୍ଞ । ବଙ୍ଗର ଅଙ୍ଗଚ୍ଛେଦ ଭାରତବର୍ଷ ପକ୍ଷରେ ପ୍ରକାରାନ୍ତରେ ମଙ୍ଗଳକର ହୋଇଥିଲା । ତାହା ବୋଧହୁଏ ଈଶ୍ୱରପ୍ରେରିତ । ତାହା ହୋଇ ନଥିଲେ ଇଂରେଜ ସଭ୍ୟତାନୁରକ୍ତ ବଙ୍ଗାଳୀଙ୍କ ମତିଗତି ସ୍ୱଦେଶ ପ୍ରତି ଫେରିନଥାନ୍ତା । ସେହି ସମୟର ବଙ୍ଗଦେଶସ୍ଥ ଶିକ୍ଷିତ ସମ୍ପ୍ରଦାୟର ମତିଗତି ପ୍ରତି ସୂକ୍ଷ୍ମଭାବରେ ନିରୀକ୍ଷଣ କଲେ ଅନୁଭବ କରିବାକୁ ହେଉଥିଲା ଯେ ପଲାସି ଯୁଦ୍ଧ ପରେ ପରେ ଇଂରେଜମାନେ କଲିକତା ସହରରେ ରାଜଧାନୀ ସ୍ଥାପନ କରି ଯେପରି ଭାବରେ ନିଜ ଆସ୍ଥାନ ଦୃଢ଼ୀଭୂତ କଲେ ଶିକ୍ଷିତ ବଙ୍ଗାଳୀ ସେମାନଙ୍କ ହାବଭାବ, ଆଦବକାଇଦା ଅନୁସରଣ କରି ଏକାବେଳକେ ସାହେବ ପାଲଟିଗଲେ । ଅନେକ ବିଶିଷ୍ଟ ଶିକ୍ଷିତ ବ୍ୟକ୍ତି ମଧ୍ୟ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ଶୁଭଯୋଗରେ ବଙ୍ଗର ଅଙ୍ଗଚ୍ଛେଦ ସେମାନଙ୍କ ମୋହ ଦୂର କରିବାରେ ସହାୟ ହୋଇଥିଲା । କ୍ରମେ ସେମାନେ ଜାଗ୍ରତ ହେଲେ ଓ ଭାରତରେ ସ୍ୱାଧୀନତାର ମୂଳପତ୍ତନ ସ୍ଥାପନ କରି ଭୀଷଣ ସଂଗ୍ରାମରେ ଝାମ୍ପ ପ୍ରଦାନ କଲେ।

ଦିନେ ଓଡ଼ିଶାର ତଦାନୀନ୍ତନ କମିଶନର Greer ସାହେବ (R.T. Greer I.C.S) ଆମ୍ଭମାନଙ୍କ ଛାତ୍ରାବାସରେ ହଠାତ୍ ଆସି ଉପସ୍ଥିତ ହେଲେ ଓ ତାଙ୍କ ସଙ୍ଗେ ଆସିଥିବା କଟକର ଜଣକେତେ ହାକିମ ପ୍ରତ୍ୟେକ ଛାତ୍ରଙ୍କ ଜିନିଷପତ୍ର ତଲାସ କଲେ । କିନ୍ତୁ ଆପତ୍ତିଜନକ କୌଣସି ଦ୍ରବ୍ୟ ପାଇଲେ ନାହିଁ । ପରେ ଶୁଣାଗଲା ଜଣେ ବଙ୍ଗାଳୀ ଅଧ୍ୟାପକଙ୍କ ପ୍ରରୋଚନା ଏହି ତଲାସର କାରଣ । ସ୍ୱଦେଶୀ ଆନ୍ଦୋଳନର ସୁବିଧା ନେଇ ଅଧ୍ୟାପକ ମହାଶୟ କଟକର ଇଂରେଜୀ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ କମିଶନର୍ଙ୍କ ସହିତ ଘନ ଘନ ସାକ୍ଷାତ କରି କଲେଜ ଛାତ୍ରଙ୍କ ନାମରେ ଚୁଗୁଲି କରନ୍ତି । ତାଙ୍କୁ ଏହି ଅବିମୃଶ୍ୟକାରିତାର ସଦ୍ୟ ଫଳଭୋଗ କରିବାକୁ ହୋଇଥିଲା । ବଦଳି ହୋଇ ଅବିଳମ୍ୱେ ତାଙ୍କୁ କଟକ ତ୍ୟାଗ କରିବାକୁ ହୋଇଥିଲା ।

Greer ସାହେବଙ୍କ ପୂର୍ବେ ଓଡ଼ିଶାର କମିଶନର ଥିଲେ କେ.ଜି.ଗୁପ୍ତ ଓ ତାହାଙ୍କ ପୂର୍ବେ ଥିଲେ ସ୍ୱନାମଧନ୍ୟ ଇଂରେଜ ଓ ବଙ୍ଗ ସାହିତ୍ୟବିତ୍ ଓ ଐତିହାସିକ ରମେଶଚନ୍ଦ୍ର ଦତ୍ତ । କଟକ ଲାଲ୍‌ବାଗସ୍ଥ କମିଶନର କୋଠି ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଦିନଠାରୁ ଓଡ଼ିଶା ରାଜ୍ୟପାଳଙ୍କ ରାଜଭବନ ହେଲା ।

(କ୍ରମଶଃ)




## ଡାଏରୀ -୫୫

ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



# ରଂଗ ମାଖିବାର ମୋହ

ମୁହଁରେ ରଂଗମାଖି ଷ୍ଟେଜ୍‌କୁ ଓହ୍ଲାଇବାର ମୋହ ରଜନୀ ଦାଶର ପିଲାଦିନରୁ । ମନେଅଛି ଚତୁର୍ଥ ଶ୍ରେଣୀରେ ପାଠ ପଢ଼ିବାବେଳେ ପ୍ରଥମ ଅଭିନୟର କଥା । ରାଜପୁତ୍ର କୁନାଲ ନାଟକ ପାଇଁ ଘର ବାରିପଟ ବାରଣ୍ଡାରେ ଲୁଗାଟାଙ୍ଗି ଷ୍ଟେଜ ପ୍ରସ୍ତୁତ ହୋଇଥିଲା । ଦର୍ଶକ ଥିଲେ ଛଅ କି ସାତ ଜଣ । ସେହିଦିନଠୁ ରଜନୀ ଦାଶ ଆଜିଯାଏ ବି' ରଂଗର ମୋହରେ । ସ୍କୁଲ କଲେଜ କ୍ୟାରିୟର୍‌ରେ ବେଷ୍ଟ ଆକ୍ଟର ସମ୍ମାନରେ ସମ୍ମାନିତ ହୋଇଛି ବହୁବାର । ହାଇସ୍କୁଲରେ ଏକାଦଶ ଶ୍ରେଣୀର ଛାତ୍ରଥିଲା ବେଳେ "ମହିଷାମର୍ଦ୍ଦିନି' ନାଟକରେ ନିର୍ଦ୍ଦେଶନା ଦେଇଥିଲା ସେ । ସେତେବେଳେ ନାଟକରେ ଖର୍ଚ୍ଚ ହୋଇଥିଲା ଚାଳିଶ ଟଙ୍କା । ରଜନୀ ଦାଶର ବୋଉ ଗୀତ ଗାଉଥିଲେ ଉଇଙ୍ଗ୍‌ସକରରେ ହାର୍‌ମୋନିୟମ୍ ଧରି । ପରେ ପରେ ରଂଗର ମୋହ ଅପେକ୍ଷା କାଗଜ କଲମର ମୋହ ତାକୁ ଆଗକୁ ଟାଣିନେଲା ।

ସବ୍ୟଦା' (ସବ୍ୟସାଚୀ ମହାପାତ୍ର)ଙ୍କ ନିର୍ଦ୍ଦେଶନାରେ ଦୂରଦର୍ଶନରେ 'ଘର' ଧାରାବାହିକର ପ୍ରସ୍ତୁତି ଚାଲିଥାଏ । ସବ୍ୟଦା'ଙ୍କ ସହ "ସବିତା" ଶୀର୍ଷକରେ ଆଉ ଗୋଟିଏ ଧାରାବାହିକରେ ସଂପୃକ୍ତ ଥାଏ ରଜନୀ ଦାଶ । ସବିତା ଥିଲା ଦୂରଦର୍ଶନ ପାଇଁ ରଜନୀ ଦାଶର ପ୍ରଥମ ଏଣ୍ଟ୍ରି, ସଂଳାପ ଓ ଗୀତିକାର ଭାବରେ । ସବ୍ୟଦା'ଙ୍କ ଠାରୁ ଚିତ୍ରନାଟ୍ୟର କଳା ଶିଖି ନେଇଥିଲା ରଜନୀ ଦାଶ । ଦିନେ ସବ୍ୟଦା' କହିଲେ, "ରଜନୀ ବାବୁ ଆପଣ 'ଘର' ଧାରାବାହିକରେ ଅଭିନୟ କରିବେ ।" ରଜନୀ ଦାଶ ଯେ ଭଲ ଅଭିନୟ କରିପାରେ ସେକଥା ସବ୍ୟ'ଦା କେମିତି ଜାଣିଲେ । "ଆପଣ ଭଲ ଅଭିନୟ କରିପାରିବେ ଏ ବିଶ୍ୱାସ ମୋର ଅଛି" ସବ୍ୟଦା' କହିଲେ ।

କ୍ୟାମେରାକୁ ସାମ୍ନା କରିବାର ସମୟ । କ୍ୟାମେରା ପଛରେ ଥାଇ କିନ୍ତୁ କଥା ଲେଖିବା ସହଜ । ମାତ୍ର 'ଲାଇଟ୍, ଆକ୍ସନ୍, ସାଉଣ୍ଡ"ଚିତ୍କାରରେ ଛାତି ଥରିଯାଏ । ନିଜେ ଲେଖିଥିବା ସଂଳାପ ବି' ଭୁଲି ହେଇଯାଏ । ନିର୍ଦ୍ଦିଷ୍ଟ ଦିନ ସଟ୍ ରେଡି ହୋଇଥାଏ ସାମନ୍ତରାପୁର (ଭୁବନେଶ୍ୱର)ର ଏକ ଫ୍ଲାଟ୍‌ରେ ସବ୍ୟଦା'ଙ୍କ ଆସିଷ୍ଟାଣ୍ଟ ମୁନାବାବୁ (ପ୍ରକାଶ ମିଶ୍ର) ସିକ୍ୟୁଏନ୍ସ ବୁଝାଇ ଦେଲେ । ନାୟକ (ଗଜେନ୍ଦ୍ର ନାୟକ) ହଷ୍ଟେଲରେ ରହୁଛି । ତାକୁ ଭେଟିବା ପାଇଁ ନାୟିକା (ପୁଷ୍ପା ପଣ୍ଡା) ଆସୁଛି । ହଷ୍ଟେଲ ବାହାରେ ନାୟକର ବଂଧୁ ଭାବରେ ଥିବ ରଜନୀ ଦାଶ । ନାୟିକା ନାୟକ ସଂପର୍କରେ ପ୍ରଶ୍ନ କରିବ । ରଜନୀ ଦାଶ ନାୟକ ନାମରେ ଏଣୁ ତେଣୁ କହି ଭଗେଇ ଦେବ ।

ରଜନୀ ଦାଶ ନିଜକୁ ପ୍ରସ୍ତୁତ କରିନେଲା । ଠିକ୍ ସମୟରେ ସବ୍ୟଦା' ଅର୍ଡର ଦେଲେ "ଲାଇଟ୍, ସାଉଣ୍ଡ, ଆକ୍ସନ"- ରଜନୀ ଦାଶର ଦେହରେ ଗମ୍‌ଗମ୍ ଝାଳ କିନ୍ତୁ ସାହସର ସହ ସଂଳାପ କହିଦେଲା । ୱାନ୍ ଟେକ୍‌ରେ ଓକେ ହୋଇଗଲା ସଟ୍‌ଟି । ଜୀବନରେ ପ୍ରଥମଥର କ୍ୟାମେରାକୁ ସାମ୍ନା କରିବାର ପ୍ରୟାସ । ଥରକରେ ସଫଳ ହୋଇଥିବାରୁ ମନକୁ ମନ ଆତ୍ମପ୍ରସାଦ ଅନୁଭବ କରୁଥାଏ ରଜନୀ ଦାଶ । ସବ୍ୟଦା' ବି ସାବାସି ଦେଲେ । ତେବେ ଏଥିରେ ବାହାଦୂରୀ କିଛି ନାହିଁ ବୋଲି ରଜନୀ ଦାଶ ସେଦିନ ସାରା ୟୁନିଟ୍ ସାମ୍ନାରେ ଘୋଷଣା କରିଥିଲା । କଥାଟି ଥିଲା ଏମିତି । କଲେଜରେ ରଜନୀ ଦାଶ ଓ ତା ବଂଧୁ ଏକାଠି ଅଧ୍ୟାପନା କରୁଥିଲେ । ବଂଧୁ ଥିଲେ ମଲ୍‌ଟି ଟ୍ୟାଲେଣ୍ଟେଡ୍ । ତାଙ୍କର ପ୍ରେମିକାଙ୍କର ସଂଖ୍ୟା ମଧ୍ୟ କିଛି କମ୍ ନଥିଲା । ତେବେ ଗୋଟିଏ ଝିଅକୁ ରଜନୀ ଦାଶ ମୋଟେ ଟଲରେଟ୍ କରିପାରୁନଥିଲା । ଝିଅଟି ପ୍ରାଇଭେଟ୍ ସ୍କୁଲ୍‌ରେ ଶିକ୍ଷକତା କରୁଥିଲା । ଚେହେରା ବି' ଖାସ୍ ନଥିଲା । କିଛି କିଛି କବିତା ଲେଖୁଥିଲା । ସବୁ କବିତାରେ ବଂଧୁଙ୍କ ଶବ୍ଦର ଛାପ ରହୁଥିଲା । ଝିଅଟି ଥିଲା ଅସମ୍ଭବ ଭାବରେ ମତଲବି । ବଂଧୁଙ୍କ ଠାରୁ ଦୂରେଇ ଦେବାର ସମସ୍ତ ପ୍ରଯତ୍ନ କରୁଥିଲା ରଜନୀ ଦାଶ । ପ୍ରତିଥର ବଂଧୁଙ୍କୁ ଭେଟିବାକୁ ଆସିବାବେଳେ ରଜନୀ ଦାଶ ତାକୁ ଭଗେଇ ଦେଉଥିଲା । ଅବଶ୍ୟ ସେ ଝିଅଟି ଅନେକ ବର୍ଷ ପରେ ଆପେ ଆପେ ବଂଧୁଙ୍କ ଠାରୁ ଦୂରେଇ ଯାଇଥିଲା । ସେଦିନ ବେଶ୍ ହାସ୍ୟଲୋଳ ସୃଷ୍ଟି ହୋଇଥିଲା ରଜନୀ ଦାଶର ଏଇ ମୁକ୍ତ ସ୍ୱୀକାରୋକ୍ତିରେ । ରଂଗମାଖିବାର ମୋହରୁ ଏବେବି ନିଜକୁ ମୁକ୍ତ କରିପାରିନି ରଜନୀ ଦାଶ । ତେବେ ଗୋଟିଏ କଥାର ଉପଲବ୍ଧି ତା ଭିତରେ । ରଂଗର ପରଦା ଆଢୁଆଳରେ କୋଉଠି ନା କୋଉଠି ବାସ୍ତବତାର ସତେଜ କାକ୍‌ଟସ୍‌ଟିଏ ଆତ୍ମଗୋପନ କରିଥାଏ ସନ୍ତର୍ପଣରେ ।

କବିତା.... ଆମ ସମୟର

## ॥ କାଠ କଣ୍ଢେଇ ॥



ପ୍ରୀତିଲେଖା ଦାସ

ହଠାତ୍ ଘୋଷଣା କଲା
ସେ ମୃତ ନୁହେଁ, ଜୀବିତ,
ଏବେବି ତା'ଆଖିରେ ବଞ୍ଚିଛି
ଅଜ୍ଞ ବହୁତ ସ୍ୱପ୍ନ ।

ଆମେ ପଚାରିଲୁ ତାକୁ ବସନ୍ତ ହେବୁ ?
ସେ ଭରିଲା, 'ହଁ' ;
ପଚାରିଲୁ, ବାସନ୍ତୀ ହେବୁ ?
ସେ କଲା, 'ହଁ'।

ପାଦରେ ତା'ର
ପିନ୍ଧେଇଦେଲୁ ଘୁଙ୍ଗୁର
ମୁଣ୍ଡର ଠେକାରେ ଖୋସିଦେଲୁ
ଚଢେଇର ପର,
କହିଲୁ ତାକୁ, ଯାଆ..
ଏଣିକି ତୁ ଠାକୁର।

ତା'ପାଇଁ ସଜାଡି ଦେଇ
ମନ୍ଦିର, ମଣୋହି, ଗୁଆଘିଅ ଦୀପ
ଶଙ୍ଖ, ଘଣ୍ଟା, ହୁଳହୁଳି, ଆଲଟଚାମର,
ଆମ ଇଚ୍ଛାରେ ନାଚିବାକୁ କହି ତାକୁ
ଛିଡା ହୋଇଗଲୁ ବାଇଶି ପାହାଚ ତଳେ
ଜୟ ଜୟକାର ଦେଇ ଯୋଡହସ୍ତରେ।

ସେ ମୁରୁକି ହସିଲା।
ଉଇହୁଙ୍କାକୁ ଏଭରେଷ୍ଟ କରି
ଗୋଡହାତ ଛାଟି ବହେ ନାଚିଲା।

ଏଥର ଖସେଇନେଲୁ ଆମେ
ସୂତାଖିଅ ଅଗରେ ବନ୍ଧା
କାଠକଣ୍ଢେଇର ସମସ୍ତ ଇଚ୍ଛା,
ଖୋଲିନେଲୁ, ତା'ପାଦରୁ ଘୁଙ୍ଗୁର
କାଢିନେଲୁ ମୁଣ୍ଡରୁ ଚଢେଇର ପର।

ଛାତିତଳେ ବିଛେଇ ଦେଲୁ ତା'ର
ବାରୁଦର ଚାଦର
ହାତରେ ବନ୍ଧୁକ ଧରେଇ
ଶିଖେଇଦେଲୁ ତାକୁ
କେମିତି ହୋଇଯାଏ ଦୁଇଫାଳ
ଗୋଟେ ଦେଶର ଛାତି
ଟିପିଦେଲେ ଟ୍ରିଗର।

ମାର୍ଫତ୍/ ହିମାଂଶୁ ଶେଖର ଦାସ
ଭୋଇସାହି, ବାଲେଶ୍ୱର
୯୮୫୩୩୪୪୬୮୮

## ॥ ଯୀଶୁଖ୍ରୀଷ୍ଟ ॥



ସୌଭାଗ୍ୟବନ୍ତ ମହାରଣା

କ୍ରୁଶବିଦ୍ଧର ରକ୍ତାକ୍ତ ପାପୁଲିରେ
ସୂର୍ଯ୍ୟାସ୍ତର କାନ୍ଦକାନ୍ଦ ମୁହଁ।
ଛାତିରୁ ନିଗିଡି ପଡୁଥିବା
ଗାଢ ରକ୍ତ ହିଁ ଜାଣେ
ଧର୍ମରେ କେତେ ଷଡଯନ୍ତ୍ରର
ଅନୁପାତ !
କଣ୍ଟାର ନିର୍ମମ ଆଘାତରେ
ଆକାଶ ଫାଟି
ବଦଳି ଯାଉଥିବା ରଙ୍ଗର
ତୁହାକୁ ତୁହା କାନ୍ଦର ପ୍ରତିଧ୍ୱନି।

କ୍ରୁଶବିଦ୍ଧ ଯୀଶୁଙ୍କ ଥିପେ ରକ୍ତରେ
ପାଆଁଳି ଯାଏ
କୁଷ୍ଠରୋଗୀର ଆଙ୍ଗୁଠି।
କ୍ରୁଶବିଦ୍ଧ ରକ୍ତ ହିଁ କହିଦିଏ
ଦେଶଦ୍ରୋହର ଛଳନା ଭିତରେ
ମୁଖାପିନ୍ଧା ସଇତାନଙ୍କ
ଷଡଯନ୍ତ୍ରର ସାନ୍ଦ୍ରତା କେତେ !

କଣ୍ଟାରେ ଦେହକୁ ଫୋଡିବା ସତ୍ତ୍ୱେ
ଅଜ୍ଞାନପାପୀଙ୍କୁ କ୍ଷମା ଦେବାରେ
କୃତଘ୍ନ ଇତିହାସର ଜଳି
ଯାଉଥିବା ପୃଷ୍ଠାରେ ନିଜ ରକ୍ତକୁ
ପାଣି ଭଳି
ଲିଭେଇବାର ନିରହଙ୍କାର
ପ୍ରାର୍ଥନା।

ଧର୍ମର ଦ୍ରୋହକାଳରେ ଅକୃତଜ୍ଞ
ସମୟର ଅସହାୟତା
ଲୁହ ଲହୁର ବିନିମୟରେ
ପ୍ରିୟ ମୃତ୍ୟୁକୁ ଆଲିଙ୍ଗି ନେବା
ମାନବତାର ସତେ ଗୋଟେ
କେତେ ବିରଳ ଧାର୍ମିକ
ଉଦାରତା!

ଭାରତୀ ଭବନ, ଶିବମ୍
କଲୋନୀ, ଆୟକର ଭବନ
ପଛ, ସମ୍ବଲପୁର-୭୬୮୦୦୪
(ମୋ) ୯୪୩୭୪୫୭୭୩୬

## ॥ ରାଜକୁମାରୀ ସୂକ୍ତ ॥



ବଂଶୀଧର ଷଡ଼ଙ୍ଗୀ

ଚାରିପଟେ ପାଣି ମଝିରେ ଦ୍ୱୀପଟିଏ
ତା' ଭିତରେ ରାଜକୁମାରୀ
ଦ୍ୱୀପ ଭିତରେ ଗଛପତ୍ର କୂଅ ପୋଖରୀ
ପାହାଡ଼ ପର୍ବତ ଓ ରାଜକୁମାରୀର ଉଆସ
ପୋଖରୀରେ ଗାଧୋଇ ସାରି
ଚଉତରାରେ ବାଳ ଶୁଖାଏ ରାଜକୁମାରୀ
ସେଇ ଚଉତରାର କାନ୍ଥରେ ଶିଉଳି
ଏମିତି ଗୋଟେ ପରିବେଶ
ଇଚ୍ଛା କରିଥିଲେ ରାଜକୁମାରୀ
ଯିଏ ତାକୁ ସବୁବେଳ ପାଇଁ
ଆଚ୍ଛନ୍ନ କରି ରଖିଥିବ

କାଳେ ଗୁମର ଖୋଲିଯିବ
ସେଇଥିପାଇଁ ରାତି ଅନ୍ଧାରରେ
ଭୂତପ୍ରେତଙ୍କ ସହିତ
କଥାହୁଏ ରାଜକୁମାରୀ
କିଏ କାହାକୁ ଗୁହାରି କରନ୍ତି
କି ନା ଜଣାପଡ଼େନି ବାହାରକୁ

ବେଳେବେଳେ ରାଜକୁମାରୀ
ଚଢ଼ିଯାଏ ପର୍ବତ ଶିଖରକୁ ତ
କଣ ତାର ମନହୁଏ କେଜାଣି
ମୟୂରଚନ୍ଦ୍ରିକା ମୁଣ୍ଡରେ ଖୋସି
କାଇଁଚ ମାଳି ବେକରେ ପକେଇ
ମନଖୁସିରେ ସିଏ ତାର ଚଲାବୁଲାରେ ଲାଗିଯାଏ

ପର୍ବତ ଶିଖର ସମେତ ରାଜକୁମାରୀର ଛାଇ
ପୋଖରୀରେ ପଡ଼ିଯାଇଚି କେତେବେଳେ
ପାଣି ଭିତରେ ଥିବା ପିଶାଚ
କାଳେ ଛାଇକୁ ଟାଣି ନିଏ
ଏଠେଇ ତାହା ହିଁ ହେବାକୁ ଯାଉଥିଲା
ରାଜକୁମାରୀର ନଜର ପଡ଼ିବା ମାତ୍ରେ
ସେ ପଛକୁ ଘୁଞ୍ଚି ଆସିଲା

ନିଜ ଶରୀରର ପର୍ବତ ଶିଖରରେ
ହଜାରେ ପାଖୁଡ଼ା ବିଶିଷ୍ଟ ପଦ୍ମ କେଶରରେ
ସଦା ଜାଗ୍ରତ ଶିବ ଲିଙ୍ଗରେ
ନିଜର ଅଢ଼େଇ କୁଣ୍ଡଳୀ ସର୍ପ ବସାଣ କଲା
ତେବେ ଯାଇ ସ୍ଥିର ହେଲା ରାଜକୁମାରୀ
ଏବଂ ପୂର୍ବ ଅବସ୍ଥାକୁ ଫେରି ଆସିବା
ସମ୍ଭବ ହେଲା ରାଜକୁମାରୀ ପକ୍ଷରେ ।

କବିତାଘର ଗୁହାଳପଡ଼ା, ନିମାପଡ଼ା,
ପୁରୀ-୭୫୨୧୦୬
ମୋ: ୮୯୧୭୨୭୦୫୫୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ମାର୍ଚ୍ଚ, ୨୦୨୧


## ମନେପଡେ....(୫୫)

### ବି.ଏ. ପଢୁଥିଲା ବେଳେ ଶିଶିର ସାହୁ ଉଠାଇଥିବା ଫେମିଲି ଫଟୋ ହଜି ଯିବାର ଅବଶୋଷ




ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**


ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।


ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯


ବି.ଏ. ୪ର୍ଥ ବର୍ଷରେ ମୁଁ ହଷ୍ଟେଲରେ ରହିବା ପାଇଁ ସିଦ୍ଧାନ୍ତ କଲି । ସେଥିପାଇଁ ପ୍ରଥମେ ଯାଇ ସାଉଥ୍ ହଷ୍ଟେଲରେ ହଷ୍ଟେଲ ଏଡ୍‌ମିସନ ଯାଏ ଆଡଜଷ୍ଟ କରିଥିଲି । ମୁଁ ଗୌରାଙ୍ଗ ସାସମଲ ବେଡରେ ଥିଲି । ସେ ଥିଲା ମେସ୍ ସେକ୍ରେଟେରୀ । ସେଇଠି ମୋର ଶିଶିର ସାହୁ ସହ ଘନିଷ୍ଠତା । ସେ ସେହି ହଷ୍ଟେଲରେ ରହୁଥିଲା । ଶିଶିର ସହ ମୋର ଏତେ ଆନ୍ତରିକତା ବଢି ଯାଇଥିଲା ଯେ ଆମେ ଆମର ସମସ୍ତ ବ୍ୟକ୍ତିଗତ କଥା ରାତିରେ ଖାଇ ସାରିଲା ପରେ ସେୟାର କରିପାରୁଥିଲୁ ।

ଶିଶିରର ସେତେବେଳେ ଗୋଟେ କେମେରା ଥିଲା । ସେଥିରେ ସେ ଭଲ ଫଟୋ ଉଠାଇ ପାରୁଥିଲା ବୋଲି କଲେଜରେ ସମସ୍ତେ ତାକୁ ତାରିଫ କରୁଥିଲେ । ଗୋଟେ ଶନିବାରରେ ମୁଁ ତାକୁ ଆମ ଗାଁକୁ ନେଇ ଯାଇଥିଲି । ତା' କେମେରାରେ ନୂଆ ରିଲ୍ ମହଜୁଦ ଥିଲା । ଶନିବାର ରାତିରେ ଆମ ଘରେ ପହଞ୍ଚିଲା ପରେ ବାପାଙ୍କ ସଂଗରେ ତାର ଖୁବ୍ ବନ୍ଧୁତା ହେଇଗଲା । ବାପାଙ୍କର ଗୋଟେ ଅଦ୍‌ଭୁତ ଗୁଣ ଥିଲା ଯେ କୌଣସି ଲୋକ ସହ ସେ ସଂଗେ ସଂଗେ କଥା ଆରମ୍ଭ କରିଦେଇ ନିଜର ଏକାନ୍ତ ହେଇଯିବେ । ବଡ଼ କଥା ହେଲା ତାଙ୍କ ଭିତରେ କେବେ ବି ଅହଂ ବା ଇଗୋ ନଥିଲା । ସେ ସବୁବେଳେ ନିଜକୁ ଖୁବ୍ ତଳୁଆ କରି ଦେଖୁଥିଲେ ବୋଲି ତାଙ୍କର କାହାରି ସହ ମିଶିବା ପାଇଁ ମୋଟେ ବି ଅସୁବିଧା ହେଉ ନଥିଲା ।

ବାପା ରାତିରେ ଆମେ ଖାଇବା ପାଇଁ ମଳିକ ସାହିରୁ ଯାଇ ଇଲିସି ମାଛ ଆଣିଥିଲେ । ଗଛରୁ ନଡ଼ିଆ ବିଛେଇ ଥିଲେ । ଶିଶିର ମୋ ବାପା ବୋଉ ଓ ସାନ ଭାଇର ବ୍ୟବହାରରେ ମୋହିତ ହେଇଯାଇ କହିଥିଲା, 'ଆରେ ତୋ ଘରେ ତ ମୁଁ ନିଜକୁ ମୋ ଘର ମୋ ବାପା ମାଆ ବୋଲି ମନେ କରୁଛି । ପ୍ରକୃତରେ ତୋ ଘର ହିଁ ବୈକୁଣ୍ଠ ସମାନ ଘର ।'

ରାତିର ଦୀର୍ଘ ସମୟ ଧରି ବାପା ଶିଶିରକୁ ପୁରାଣର ଅନେକ କାହାଣୀ ଶୁଣାଇଥିଲେ । ସେ ବି ବାପାଙ୍କ କଥାକୁ ଆଗ୍ରହରେ ଶୁଣୁଥିଲେ । ସକାଳ ହେଲା କ୍ଷଣି ମୁଁ ତାକୁ ନେଇ ଆମ ଗାଁର ପୋଖରୀ, ରାଜାଙ୍କ ଭଗ୍ନ କାନ୍ଥ, ଗାଁରେ ଥିବା ଶିଳାଲେଖ, କଣ୍ଟିଆଚରୀରା ନଈ, ସମୁଦ୍ର ବେଳାଭୂମି ସବୁ ବୁଲାଇ ଦେଖାଇ ଥିଲି । ବାପା ବି ଆମ ସହ ଯାଉଥିଲେ । ସେ ସବୁ କଥାର କିମ୍ବଦନ୍ତୀକୁ ବାଖ୍ୟା କରି ତାକୁ କହୁଥିଲେ । ଶିଶିର ଆମ ଗାଁ ଦୃଶ୍ୟ ଦେଖି ଚକିତ ହେଇ ଯାଇଥିଲା ଓ ବିଭିନ୍ନ ଜାଗାରୁ ଫଟୋ ସବୁ ତା କେମେରାରେ ରଖୁଥିଲା ।

ଯା ଭିତରେ ମୁଁ ଯାଇ ମୋର ପ୍ରିୟ ପାଳକ ବାପା 'ବନ ବା'ଙ୍କୁ ଡାକି ଆଣିଥିଲି ଆମ ଘରକୁ । ଶିଶିର ସହ ଆମେ ସମସ୍ତେ ଆମ ଘର ବାଡ଼ି ପଛ ପଟର ଥିବା ନଡ଼ିଆ ବଗିଚ ଭିତରକୁ ଯାଇଥିଲୁ । ସେଇଠି ସେ ଆମ ଫେମିଲି ଫଟୋ ସବୁ ଉଠାଇଥିଲା । ବାପା ବୋଉଙ୍କୁ ନେଇ ଗୋଟେ ଫଟୋ, ବନ ବା ସହ ମୋର ଫଟୋ, ଖାଲି ବନ ବା'ଙ୍କ ଫଟୋ ଓ ବାପା ବୋଉ, ସାନ ଭାଇ ଓ ମୋ ଫଟୋ ସବୁ ଉଠାଇ ଥିଲା । ସାହି ଲୋକ ମାନେ ତଟସ୍ଥ ହେଇ ଆମମାନଙ୍କୁ ଅନାଉ ଥିଲେ । ସତକଥା ହେଲା ସେତେବେଳେ ଗାଁରେ ଫଟୋ ଯେ ଏମିତି କେମେରାରେ ବାହାରେ ଉଠାଯାଇ ପାରିବ ସେ ଧାରଣା ନଥିଲା ।

ରବିବାର ସନ୍ଧ୍ୟାରେ ବାପା କେଉଁଠୁ ଯାଇ ସାଗୁଆତି ଆଣିଥିଲେ । ଆମ ଘରର ଗୋଟେ ପରମ୍ପରା ଥିଲା । ସାଗୁଆତି ସ୍ତ୍ରୀ ଲୋକ ରାନ୍ଧିବା ତ ଦୂରର କଥା ଦେଖୁ ନଥିଲେ । ସାଗୁଆତି ଖାଇବା ପାଇଁ ଆମ ଘରେ ପଥୁରୀ ବାଟି ଥିଲା । ବାପା ରାତିରେ ସାଗୁଆତି ରାନ୍ଧି ଆମ ସମସ୍ତଙ୍କୁ ପରସି ଦେଇଥିଲେ । ଶିଶିର କହୁଥିଲା, 'ସତରେ ତୋ ଘର ଛାଡ଼ି ମୋତେ ସହର ଯିବାକୁ ଆଉ ମନ ନାହିଁରେ ।'

ଆମେ ସୋମବାର ଦିନ ସକାଳେ ବାଲେଶ୍ୱର ଫେରିଥିଲୁ । ସେ ଫଟୋ ସବୁ ଷ୍ଟୁଡିଅରୁ ଧୋଇ ଆଣିଥିଲା । ସେଇ ସବୁ ଫଟୋ ମୁଁ ସାଇତି ରଖିଥିଲି । ସେଥିରୁ କେତୋଟି ଫଟୋକୁ ବନ୍ଧେଇ କରି ଦେଇଥିଲି ମଧ୍ୟ । ଆଜି ଜୀବନର ଅପରାହ୍ଣ ଅତିକ୍ରାନ୍ତ କରି ସାରିଲାଣି । ଆଉ ଶେଷକୁ ସେ ଫଟୋ ମିଳୁ ନାହିଁ । କାଳ ବକ୍ଷରେ କେଉଁଠି ସେସବୁ ବିଲୁପ୍ତ ହେଇଯାଇଛି । କିନ୍ତୁ ମନେମନେ ମୁଁ ସେଇ ସବୁ ଫଟୋକୁ ଖୋଜୁଛି । ଫଟୋ ପାଇଗଲେ ଅନ୍ତତଃ ପକ୍ଷେ ସେଇ ପୁରୁଣା ଦିନ ସ୍ମୃତି ମୋ ଭିତରେ ଆହୁରି ଅଧିକ ଜାଜ୍ଜ୍ୱଲ୍ୟମାନ ହେଇ ଯାଆନ୍ତା । (ଆରଥରକୁ)

---

ଧାରାବାହିକ ଉପନ୍ୟାସ

# ନାତି


ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨






ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୧୮

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏ ସଂପର୍କରେ ଦୀର୍ଘଦିନ ଅନୁଧ୍ୟାନ ଓ ଅନୁସନ୍ଧାନ କରିଛନ୍ତି ଦୀନନାଥ ବାବୁ । ଶେଷରେ ଗୋଟେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, କେତେକ ମଣିଷ ନିଜର ଅହମିକା ଏବଂ ଅଭିମାନ ନିକଟରେ ବଂଧା ପଡ଼ିଥାନ୍ତି । ସହଜରେ ସେଥିରୁ ମୁକୁଳି ପାରନ୍ତି ନାହିଁ । ଜୀବନରେ କିଛି ଧନଧାନ୍ୟ ବା ବୈଷୟିକ ଉନ୍ନତି ଘଟିଲେ କେତେକ ମଣିଷଙ୍କ ନିକଟରେ ଅହମିକା ବଢ଼ିଯାଏ କିମ୍ବା ତା'ର ଅପ୍ରାପ୍ତିରେ ଅଭିମାନ ଓ ଖେଦ ସୃଷ୍ଟି ହୁଏ ।ଏଇ ଦୁଇ ବର୍ଗର ମଣିଷ ଅହମିକା କିମ୍ବା ଅଭିମାନର ଏକ ବଳୟ ନିଜ ଚତୁଃପାର୍ଶ୍ୱରେ ସୃଷ୍ଟି କରିଥାନ୍ତି, ଯାହାକୁ ଟପି ଅନ୍ୟ କେହି ସହଜରେ ପ୍ରବେଶ କରିପାରେ ନାହିଁ ଭିତରକୁ । ସେ ବଳୟ ଏତେ ଦୃଢ଼ ହୋଇଥାଏ ଯେ, ତାକୁ ଭାଂଗିବା ଅନ୍ୟଜଣକ ପକ୍ଷେ ସଂପୂର୍ଣ୍ଣ ଅସଂଭବ ।

ଗେଟ୍ ଚାବି ଖୋଲିଦେଇ ଫେରିଆସିଲେ ଦୀନନାଥ ଘରକୁ । ପ୍ରିୟନାଥ ଉଠିନାହିଁ । ଉଠିଲେ, ତା'ର ଆଜି ଟୁର୍ ଅଛି, ଯିବ ଉଦଳା । କାମ କରି କରି ହାଲିଆ ହୋଇ ଶୋଇଛି କଳ୍ପଲତା । ଶୋଇଛି ତ ଶୋଇଥାଉ । ଦୀନନାଥ ବାଥ୍‌ରୁମ୍‌ରୁ ଫେରି ଧାଇଁଲେ ଡାକ୍ତରଖାନା । ସାରାରାତି ମଶା ଡାଆଁସରେ ଛଟପଟ ହୋଇ ଅନିଦ୍ରା ଥିବା ପୁତୁରା ଦ୍ୱୟଙ୍କୁ ପଠେଇ ଦେବେ ଘରକୁ ।

ଡାକ୍ତରଖାନାରେ ପହଞ୍ଚି ଦେଖିଲେ ଜୀତେଶ ଆଉ ଲିପୁ ଚେୟାର୍ ଉପରେ ବସି ବସି ଢୁଳଉଛନ୍ତି । ସେମାନଙ୍କର ଶେଥାଳିଆ ମୁହଁ ଆଉ ଫୁଲା ଫୁଲା ଆଖି ଆହୁରି କରୁଣ ଦିଶିଲା ଦୀନନାଥଙ୍କୁ । ମାନସିକ କଷ୍ଟ ଅନୁଭବ କଲେ ସେ । କହିଲେ -

"ଦୁହେଁ ଘରକୁ ଯାଅ । ନିତ୍ୟକର୍ମ ସାରି ଖାଇପିଇ ଶୋଇପଡ଼ । ଭଲ ଲାଗିଲେ ଆସିବ ।" ଦୀନନାଥ ଏକୁଟିଆ ବସି ରହିଲେ କିଛିକ୍ଷଣ । ରାସ୍ତା କଡ଼ରେ ପିଚୁ ଉପରେ ଜଣେ ଦୁଇଜଣ ମଶା ଦାଉରୁ ରକ୍ଷା ପାଇବା ପାଇଁ ଲୁଗା ଘୋଡ଼ିହୋଇ ଶୋଇଛନ୍ତି ଏ ଯାଏଁ । କେଉଁ ଦୂରଦୂରାନ୍ତରୁ ରୋଗୀ ନେଇ ଆସିଛନ୍ତି । ରାତିସାରା ମଶାରେ ଏପଟ ସେପଟ ହୋଇ ରୋଗୀ କଥା ବୁଝିଛନ୍ତି । ଭୋରୁ ଭୋରୁ ହୁଏତ ଶୋଇ ଯାଇଥିବେ !

ଗଛଡ଼ାଳରେ ପକ୍ଷୀଗୁଡ଼ିକ କିଚିରିମିଚିରି ହୋଇ ଏ ଡାଳ ସେ ଡାଳ ହେଉଛନ୍ତି । ବସା ଛାଡ଼ି ଏବେ ଉଡ଼ିଯିବେ ଦୂରକୁ । ସୂର୍ଯ୍ୟ ଉଇଁଲେଣି । କୋଠାଘରଗୁଡ଼ିକ ଉପରେ ସୁନେଲୀ କିରଣ ଝଲମଲ କରୁଛି ।

ନାତି ଆଜି କଟକ ଯାଇପାରେ କିମ୍ବା ଆଉ ଚବିଶଘଣ୍ଟା ଏଠି ରହିପାରେ । ତାକୁ ଦେଖିବାର ଆଗ୍ରହକୁ ଅଟକେଇ ପାରିଲେ ନାହିଁ ଦୀନନାଥ । ଉଠିଗଲେ ଭିତରକୁ । ପ୍ରଥମ କବାଟ ଖୋଲାଥିଲା । କିନ୍ତୁ ଦ୍ୱିତୀୟ କବାଟଟି ବନ୍ଦ ଅଛି । ନର୍ସ କେହି ଦେଖା ଯାଉ ନାହାନ୍ତି । ହୁଏତ କେଉଁଠି ଘୁମେଇ ପଡ଼ିଥିବେ କି ସେପାଖେ ଥିବେ ! କାଚଦେଇ ଖୁବ୍ ନିଠେଇ ନିଠେଇ ଅନିଶା କଲେ ସେ । ଛ' ନମ୍ବର ବେଡ୍‌ରୁ ଅଳ୍ପ ଅଳ୍ପ ଦିଶୁଚି ନାତି । ଚୁପ୍‌ଚାପ୍ । ହାତଗୋଡ଼ ହଲଉ ନାହିଁ । ବୋଧହୁଏ ଶୋଇ ଯାଇଥିବ ! ସଦ୍ୟଜାତ ଶିଶୁମାନଙ୍କର ଅଠରଘଣ୍ଟା ଶୋଇବା ଦରକାର । ଶୋଇଛି ତ ଶୋଇଥାଉ । ଶୃଙ୍ଖଳା ଭାଂଗି ଭିତରକୁ ପ୍ରବେଶ କରିବାକୁ ସଂକୋଚବୋଧ କଲେ ସେ । ତେଣୁ ଫେରି ଆସି ଆପଣା ସ୍ଥାନରେ ବସିଲେ ।

ନିଜ ଭିତରେ ଏତେଟା ବ୍ୟସ୍ତ ଏବଂ ବିବ୍ରତ ବୋଧକରୁ ନ ଥିଲେ ଦୀନନାଥ । କୌଣସି ଘଟଣା କିମ୍ବା ଦୁର୍ଘଟଣା, ସ୍ଥିତି କିମ୍ବା ଦୁଃସ୍ଥିତି ମଣିଷ ଭିତରେ ନିରନ୍ତର ସୁଖ ବା ଦୁଃଖ ଦିଏ ନାହିଁ । କ୍ରମେ ତାହା ଦେହସୁହା ହୋଇଯାଏ । ଦୀନନାଥଙ୍କର ଦୀର୍ଘଦିନର ସ୍ୱପ୍ନଟିଏ ଥିଲା ଘରକରିବା । ସେଥିପାଇଁ ତାଙ୍କୁ କମ୍ କଷ୍ଟ କରିବାକୁ ପଡ଼ିନାହିଁ । ଯାବତୀୟ ଆବେଗ, ଉଦ୍‌ବେଗ ଭିତରେ ଘର ତିଆରି ସରିଲା । ଏଥିପାଇଁ ଯେତେ ଅଧିକ ସମୟ, ଶ୍ରମ ଓ ଚିନ୍ତା ଦେବା କଥା ଦିଆଯାଇଥିଲା । ତାଙ୍କ ସୂକ୍ଷ୍ମ କଳାତ୍ମକ ଚେତନାର ସ୍ୱଷ୍ଟ ପ୍ରତିଲିପି ବହନ କରି ଛିଡ଼ା ହେଲା କୁନି ପ୍ରାସାଦ ସଦୃଶ ଘରଟିଏ । ଭାବିଲେ ଏହି ଘରଟି ତାଙ୍କୁ ସର୍ବୋତ୍ତମ ସୁଖ ପ୍ରଦାନ କରିପାରିବ । କିନ୍ତୁ ବିଡ଼ମ୍ବନା ଥିଲା ଏଇଆ ଯେ, ସେହି ସର୍ବୋତ୍କୃଷ୍ଟ ଆନନ୍ଦ ଓ ସୁଖ, ଗୃହ ପ୍ରବେଶ ଦିନ ପର୍ଯ୍ୟନ୍ତ ହିଁ ଥିଲା । ତା'ପରେ ଭଡ଼ାଘରେ ରହିବା ଓ ନିଜ ଘରେ ରହିବା ଭିତରେ ଯେଉଁ ମାନସିକତାର ଅଦଳବଦଳ ହେବା କଥା, ତାହା ହେଲା ନାହିଁ । ଠିକ୍ ସେହିପରି ଗତକାଲି ସକାଳର ଆବେଗ, ଉଦ୍‌ବେଗ, ବିମର୍ଷ ଓ ବିଷାଦ ଆଜି ସକାଳକୁ ଦୀନନାଥଙ୍କ ଭିତରେ ତା'ର ପ୍ରଭାବ ହରେଇ ସାରିଥିଲା । ସୁତରାଂ ଏଇ ମୁହୂର୍ତ୍ତରେ ସେ ଅନ୍ତରରେ ସ୍ୱାଭାବିକତାକୁ ଅନୁଭବ କରୁଥିଲେ ।

ହଠାତ୍ ଏକ ଅସ୍ୱାଭାବିକ ଚିଁ ଚିଁ ଚିତ୍କାରରେ ନିଜ ଭାବନାରୁ ଅନ୍ତର ହେଲେ ଦୀନନାଥ । ଶବ୍ଦଟି କେଉଁଠି ଆସୁଛି ବୋଲି ଚାରିଆଡ଼କୁ ଅନେଇଲେ । କିନ୍ତୁ ଗଛ ଉପରୁ ହିଁ ଆସୁଥିଲା ଶବ୍ଦଟି । ଉପରକୁ ଚାହିଁ ଖୁବ୍ ଗହିଡ଼େଇ ନିରୀକ୍ଷଣ କଲେ ସେ । ଦେଖିଲେ ଗୋଟେ ଡାଳର ଅଗ୍ରଭାଗରେ କାଠିକୁଟାର ବସାଟିଏ । ତା' ଭିତରେ ଦୁଇଟି ବଣିଶାବକ କଣ୍ଠଫଟେଇ ଚିତ୍କାର କରୁଛନ୍ତି । ସେମାନଙ୍କୁ ଲକ୍ଷ୍ୟ କରି ସାପଟିଏ ବସା ଆଡ଼କୁ ଧୀରେ ଧୀରେ ଆଗେଇ ଯାଉଛି । ଆସନ୍ନ ବିପଦ ଆଶଂକାରେ ପକ୍ଷୀଶାବକ ଦ୍ୱୟ ଭୟରେ ଚିତ୍କାର କରୁଛନ୍ତି । ତାଙ୍କ ଚିତ୍କାର ସ୍ପଷ୍ଟରୂପେ ଦୀନନାଥଙ୍କୁ ଶୁଭୁଛି ମା' ମା' ବୋଲି ।

ଏ ଦୃଶ୍ୟରେ ସଂପୂର୍ଣ୍ଣ ଶିହରିତ ହୋଇ ପଡ଼ିଲେ ସେ । ସେତେବେଳେ ଡାକ୍ତରଖାନା ପରିସରରେ ଉପସ୍ଥିତ ସଂଖ୍ୟାଧିକ ଲୋକମାନଙ୍କ ଆଖିରେ ପଡୁ ନଥିଲା ଏ ଦୃଶ୍ୟ । ସଭିଏଁ ଆପଣା ଆପଣା କାମରେ ବ୍ୟସ୍ତଥିଲେ । ସେମାନଙ୍କ ବ୍ୟସ୍ତତା ସମୟୋଚିତ ଏବଂ ପ୍ରାସଂଗିକ ଥିଲା । ପାଣିକଳ ଓ ଶୌଚାଳୟ ସମ୍ମୁଖରେ ସେମାନଙ୍କର ଲମ୍ୱାଧାଡ଼ି ଲାଗିଥିଲା । ସେମାନଙ୍କ ଆବଶ୍ୟକତାକୁ ଚାହିଁ ଦାନ୍ତକାଠି ଓ ଗୁଡ଼ାଖୁ ବିକୁଥିବା ଲୋକଟା ତା'ର ପସରା ମେଲି ଦେଇଥିଲା । ଚାହାବାଲା ଗୋଟେ ବଡ଼ କେଟିଲ୍‌ରେ ଗରମ ଗରମ ଚା' ଓ ଛୋଟଛୋଟ ପ୍ଲାଷ୍ଟିକ୍ ଗ୍ଲାସ୍‌ର ବେଶ୍ ଲମ୍ବା ଥାକଟିଏ ଧରି ଡାକି ଡାକି ଇତସ୍ତତଃ ଚା' ବିକୁଥିଲା । ଏଣୁ ସେ ଆଡ଼କୁ କାହାର ନଜର ପଡୁ ନଥିଲା ।

ଏକକାଳୀନ ଭୟ ଏବଂ ଉଦ୍‌ବେଗ ଦୀନନାଥଙ୍କୁ ମଡ଼ି ପକେଇଲା । ସେ ଚେୟାର୍‌ରୁ ଉଠି ଛିଡ଼ା ହୋଇପଡ଼ିଲେ ଏବଂ ତଳୁ ଛୋଟ ଖଣ୍ଡେ ଇଟା ଟୁକୁରା ଉଠେଇ ହାତରେ ଧରିଲେ । ଲକ୍ଷ୍ୟଭେଦ କରି ସାପଟିକୁ କିପରି ତଳକୁ ଖସେଇ ଦିଆଯାଇ ପାରିବ, ନତୁବା ଲକ୍ଷ୍ୟଚ୍ୟୁତ ହେଲେ ବସା ସହିତ ଶାବକ ତଳେ ଖସି ପଡ଼ି ବିନଷ୍ଟ ହେବେ, ଏଇ ଚିନ୍ତାରେ ସେ ଅଟକି ଗଲେ । ପରବର୍ତ୍ତୀ ଘଟଣା ତାଙ୍କୁ ଆଶ୍ୱସ୍ତ କଲା । ଦେଖିଲେ ପକ୍ଷୀଶାବକର ମାତାପିତା କାହିଁ ଥିଲେ, ଅଚାନକ ଆସି ଉପସ୍ଥିତ ହୋଇଗଲେ ନିଜ ପିଲାମାନଙ୍କର ସୁରକ୍ଷା ପାଇଁ । ସଚରାଚର ତାହା ହିଁ ହୋଇଥାଏ । ନିଜ ପିଲାର ଜୀବନରକ୍ଷା ନିମନ୍ତେ ମାତାପିତା ପ୍ରାଣ ପର୍ଯ୍ୟନ୍ତ ଦେବାକୁ ଆଗେଇ ଆସିଥାନ୍ତି ।

ପକ୍ଷୀ ଦୁଇଟି ସେମାନଙ୍କର ମୃତ୍ୟୁଦୂତ ସାଜି ଆସିଥିବା ସାପଟି ସହିତ ଲଢ଼େଇ ଆରମ୍ଭ କରିଦେଲେ । ସାପର ଲାଞ୍ଜକୁ ନିଜ ନିଜର ଚଞ୍ଚୁ ଏବଂ ନଖରେ ଆକ୍ରମଣ କରିଦେଲେ । ଦୀନନାଥଙ୍କର ସମ୍ବେଦନଶୀଳ ମନଟି ଭୟ ଏବଂ ଆତଙ୍କରେ ଜଡ଼ସଡ଼ ହୋଇ ପଡ଼ିଥିଲା । ନିଶ୍ୱାସ ପ୍ରଶ୍ୱାସ ମନ୍ଥର ହୋଇ ପଡ଼ିଲା । ସତରେ କ'ଣ ସାପ କବଳରୁ ପକ୍ଷୀ ଏବଂ ପକ୍ଷୀଶାବକ ଉଦ୍ଧାର ହେବେ ?

ପ୍ରାଣମୂର୍ଚ୍ଛା ଲଢ଼େଇ କରି ପକ୍ଷୀ ଦୁଇଟି ସଫଳ ହେଲେ ଏବଂ ସାପଟି ସେମାନଙ୍କ ଆକ୍ରମଣରେ ଭାରସାମ୍ୟ ହରେଇ ତଳକୁ ଖସି ପଡ଼ିଲା । ସାପଟିଏ ଖସିଲା ବୋଲି ଲୋକେ ଜାଣିଲେ । ଢେଲା ଓ ପଥର ଫୋପାଡ଼ି ମାରିଦେଲେ ।

ଶିଶୁ ଭବନ ଏସ୍.ଏନ୍.ସି.ୟୁ. ସାମ୍ନାରେ ବିଷଧର ସର୍ପ ! ଖବରପାଇ ସାମ୍ବାଦିକଗଣ ପହଞ୍ଚିଲେ ! 'ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଶିଶୁଭବନରେ ନବଜାତ ଶିଶୁମାନେ କେତେ ସୁରକ୍ଷିତ' ଶୀର୍ଷକ ସମ୍ବାଦଟିଏ ଧରି ଫେରିଗଲେ ।

ଦୀନନାଥ ଆଶ୍ୱସ୍ତ ହେଲେ, ସମ୍ବାଦ ପାଇଁ ନୁହେଁ, ପକ୍ଷୀଶାବକ ଦୁଇଟିର ଜୀବନ ରକ୍ଷାପାଇଁ । କିନ୍ତୁ ସେତେବେଳେ ସେ ଭୟରେ ଜଡ଼ସଡ଼ ହୋଇ ପଡ଼ିଥିଲେ । ନିଶ୍ୱାସ ପ୍ରଶ୍ୱାସ ତାଙ୍କର କ୍ଷୀଣ ହୋଇ ଆସିଥିଲା ?

ଭୟ ପାଇଲେ ନିଶ୍ୱାସ ପ୍ରଶ୍ୱାସ କ୍ଷୀଣ ହୋଇ ଆସେ କି ? ଠିକ୍‌କଥା, ଗତକାଲି ଡାକ୍ତର ନାତିର ଏଇ ନିଶ୍ୱାସ ପ୍ରଶ୍ୱାସ କ୍ଷୀଣ ହେବା କିମ୍ବା ସ୍ୱାଭାବିକ ନ ହେବା କଥା କହୁଥିଲେ । ଯାହା ତାଙ୍କର ଏବେ ସ୍ମରଣ ହେଉଛି ।

ଡାକ୍ତର ନୀଳମାଧବଙ୍କୁ ନର୍ସିଂହୋମ୍‌ରେ ଦୀନନାଥ ବାବୁ ପଚାରିଥିଲେ -

"ପିଲାକୁ କାହିଁକି ଏସ୍.ଏନ୍.ସି.ୟୁ.କୁ ସ୍ଥାନାନ୍ତର କରାଯିବ ?"

ଡାକ୍ତର ନୀଳମାଧବ ଉତ୍ତରରେ କହିଥିଲେ -

"ପିଲାର ନିଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ହେଉନାହିଁ । ଖୁବ୍ କ୍ଷୀଣ ଅଛି ।"

ଏବେ ନିଜ ଅନୁଭୂତିରୁ ନବଜାତ ଶିଶୁର ନିଶ୍ୱାସ ପ୍ରଶ୍ୱାସ କ୍ଷୀଣ ହେବାର ସ୍ପଷ୍ଟ କାରଣ ତାଙ୍କ ଚେତନାରେ ଉଦ୍‌ଭାସିତ ହୋଇ ଉଠିଲା । ଶୁଭଦାକୁ ଡାକ୍ତରମାନେ ନିଶ୍ଚେତକ ଦେଇ ଛୁରୀ କଇଁଚି ଚଳେଇଲା ବେଳେ ହୁଏତ ଛୋଟ ଶିଶୁଟି ତାହା ଦେଖି ଭୟରେ ଜଡ଼ସଡ଼ ହୋଇ ଯାଇଥିବ ! ଫଳତଃ ତା'ର ନିଶ୍ୱାସ ପ୍ରଶ୍ୱାସ କ୍ଷୀଣ ଏବଂ ମନ୍ଥର ହୋଇ ଆସିଥିବ !

କିନ୍ତୁ ବିଡ଼ମ୍ବନା ଏଇଆ ଯେ, ସେ ଏହାକୁ ସ୍ପଷ୍ଟରୂପେ ପ୍ରତିପାଦିତ କରିପାରିବେ ନାହିଁ । ଏଥିପାଇଁ ସେ ବିମର୍ଷ ହୋଇପଡ଼ିଲେ । ମୁହଁ ଫେରେଇଲେ ଏସ୍.ଏନ୍.ସି.ୟୁ. ଆଡ଼କୁ । ଏ ପର୍ଯ୍ୟନ୍ତ ତାହା ଭିତରୁ ବନ୍ଦ ଅଛି । ଦୁଇ ଚାରିଜଣ ପ୍ରସୂତି ସେମାନଙ୍କ ପିଲାଙ୍କୁ (ଯେଉଁମାନଙ୍କର ସଦ୍ୟଜାତ ଶିଶୁ ଏଠାରେ ଅଛନ୍ତି) କ୍ଷୀର ଦେବାପାଇଁ ଆସି ଛିଡ଼ା ହେଲେଣି ।

ହୁଏତ କିଛିକ୍ଷଣ ପରେ କବାଟ ଖୋଲିଯିବ । ଏବେ ସମୟ ହୋଇନାହିଁ କିମ୍ବା ନର୍ସ ଦୁଇଜଣଯାକ ରାତି ଡ୍ୟୁଟି ସାରି କ୍ଳାନ୍ତିରେ କେଉଁଠି ଟିକେ ଘୁମେଇ ପଡ଼ିଛନ୍ତି !

ସାମ୍ନାଦେଇ ଅତିକ୍ରମ କରିଯାଉଥିବା ଚା' ବିକାଳିକୁ ଡାକି ଦୀନନାଥ ଚା' ପିଇଲେ । ସକାଳ ଚା' ପିଇବା ତାଙ୍କର ଆଜି ସାମାନ୍ୟ ଡେରି ହୋଇଗଲାଣି ।

ଚା'ପିଉ ପିଉ ଆଉ ଏକ ବିରଳ ଦୃଶ୍ୟ ତାଙ୍କୁ ପ୍ରଥମରୁ କିଛି ସମୟ ପାଇଁ ବିସ୍ମିତ କରି ପକେଇଲା । ହଠାତ୍ ସେ ଦେଖିଲେ ମଇଳା କୋତରା ଗାମୁଛାଟିଏ ପିନ୍ଧି ଓ ଅନ୍ୟ ଖଣ୍ଡକରେ ଦେହ ଢ଼ାଙ୍କି ଲୋକଟିଏ ଧୀର ମନ୍ଥର ଗତିରେ ରାସ୍ତା ଉପରେ ଚାଲୁଛି । ବାଁ ହାତରେ ଧରିଛି ଏକ ପରିସ୍ରା ଭର୍ତ୍ତି କ୍ୟାଥେଡର ଯାହାର ଲମ୍ବ ପାଇପ୍‌ଟି ଲୁଗା ତଳ ଦେଇ ବାହାରକୁ ଆସିଛି । ଏଥିପାଇଁ ଗାମୁଛା କାନିରୁ କିୟଦାଂଶ ଆଣ୍ଠୁ ଉପରକୁ ଉଠିଯାଇଛି । ଛୋଟେଇ ଛୋଟେଇ ଚାଲୁଛି ଲୋକଟି ଏବଂ ସାମ୍ନାରେ ଦେଖୁଥିବା ଲୋକଙ୍କୁ ହାତ ପତେଇ ସାହାଯ୍ୟ ଭିକ୍ଷା କରୁଛି । 'ଈଶ୍ୱର ଆଜି ତାକୁ କଷ୍ଟ ଦେଇଛନ୍ତି,କିଏ କହିପାରେ, ଆସନ୍ତା କାଲି ଆମକୁ ଏପରି ଦୁଃଖ ନ ପଡ଼ିବ ବୋଲି ଭାବି ସକାଳେ ସକାଳେ ଦୂର ଦୂରାନ୍ତରୁ ଆସିଥିବା ଅପରିଚିତ ଲୋକେ ଟଙ୍କେ ଦୁଇଟଙ୍କା ଦେଇ ନିଜ ଦୟାଶୀଳତାର ପରିଚୟ ଦେଉଛନ୍ତି ।(କ୍ରମଶଃ)

---

ମୂଳ ହିନ୍ଦୀ- ଆଲୋକ ଚୋପ୍ରା

# ଇଜ୍ଜତ






ଅନୁବାଦ- ବିନୟ କୁମାର ଦାସ


ମହାମାରୀ ଏ ଦୁର୍ଦ୍ଦିନ ସମୟରେ କିଛି ହୃଦୟବାନ୍ ବ୍ୟକ୍ତି ବିଶେଷ ତଥା ସାମାଜିକ ସଂଗଠନ ଅସହାୟ ପୀଡିତଙ୍କ ପାଇଁ ନିଜର ସାଧ୍ୟମତେ ସାହାଯ୍ୟ କରିଚାଲିଛନ୍ତି । ସେମାନଙ୍କ ଏହି ମହତ କର୍ମର ବିସ୍ତୃତ ବିବରଣୀ ସମ୍ବାଦପତ୍ର ଓ ଟେଲିଭିଜନରେ ପ୍ରସାରିତ ହେଉଛି । ଏ ଦିଗରେ ସେଠ୍ ଭୋଲାରାମଙ୍କର ବି ପ୍ରବଳ ଇଚ୍ଛା ହେଲା ସେ କିଛି କରିବେ । ତାଙ୍କ ପାଖରେ ତ ଅର୍ଥ ର ଅଭାବ ନାହିଁ । ତଥାପି ଏ କାମରେ କେତେ କଣ ଲାଭ କ୍ଷତି ହେବ ସେ ବାବଦରେ କିଛି ସମୟ ସ୍ଥିରମସ୍ତିଷ୍କରେ ଚିନ୍ତା କରିନେଲେ । କଣ କରିବେ, ବ୍ୟବସାୟୀ ପରା..ପ୍ରଥମେ ଲାଭ କ୍ଷତି କଥା ଦେଖିବା କଥା । ପୁଣି ଭାବିଲେ, ନା, କ୍ଷତି କଥା ଦେଖିଲେ ଏ ସବୁ କାମ କରି ହେବନି । ଥରେ ମନକୁ ଆସିଛି ମାନେ ସେ ନିଶ୍ଚୟ ଏ ଦୁର୍ଦ୍ଦିନ ସମୟରେ ଲୋକଙ୍କୁ ସାହାଯ୍ୟ ଅବଶ୍ୟ କରିବେ ।

ନିଜର ଘନିଷ୍ଠ ବନ୍ଧୁ ରଘୁନନ୍ଦନକୁ ଏ ପୁଣ୍ୟ କାମରେ ସହାୟତା କରିବା ପାଇଁ ମନୋନୀତ କଲେ । ଦୁହେଁ ମିଶି ଚବିଶ ପଚିଶଜଣ ଲୋକଙ୍କର ତାଲିକା ପ୍ରସ୍ତୁତ କରିବା ପରେ ସେମାନେ ବାହାରି ପଡିଲେ ବସ୍ତିଅଂଚଳକୁ । ତାଲିକା ଅନୁଯାୟୀ ପ୍ରତିଟି ଲୋକ ଘରେ ପହଁଚି ତାଙ୍କ ଦରଜା ଠକଠକ କଲେ । ଘରର କେହି ସଦସ୍ୟ ବାହାରକୁ ଆସିଲେ ଗୋଟିଏ ଲଫାପା ତାଙ୍କ ହାତରେ ଧରାଇ ଦେଲେ ଭୋଳାରାମ । ବନ୍ଧୁ ସେହି ଦୃଶ୍ୟକୁ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ନିଜ କ୍ୟାମେରାରେ କଏଦ୍ କରି ଚାଲିଲେ । ସବୁ ଲଫାପା ବଂଟା ସରିବା ପରେ ସେ ତୁରନ୍ତ ସେହି ଫୋଟଚିତ୍ର ଆଉ ଭିଡିଓକୁ ବିଭିନ୍ନ ସମ୍ବାଦପତ୍ର ଆଉ ମିଡିଆରେ ପହଂଚାଇ ଦେଲେ । ସେ ବାବଦରେ କଣ ସବୁ ପୂଜା କରାଯାଏ, ସେତକ ଅବଶ୍ୟ ସେ ପୂର୍ବରୁ ଜାଣିଥିଲେ । ସେ ନିଶ୍ଚିତ ଥିଲେ, ତାଙ୍କର ସବୁ ଫୋଟ ଯଥା ସ୍ଥାନରେ ପ୍ରକାଶିତ ହେବ । ଏତଦ୍ ବ୍ୟତୀତ ସେତକ କୁ ସେ ଫେସ୍ ବୁକ୍, ହ୍ୱାଟସ୍ ଅପ୍ ଗ୍ରୁପରେ ବି ଅପଲୋଡ୍ କରିଦେଲେ ।

ବାସ୍, ସେ ଯାହା ଭାବିଥିଲେ, ଠିକ୍ ସେଇଆ ହିଁ ହେଲା । ତାଙ୍କ ଯୋଜନା ଫଳବତୀ ହେଲା । ରାଜ୍ୟର ପ୍ରାୟ ସମସ୍ତ ସମ୍ବାଦପତ୍ର ତାଙ୍କ ଫୋଟ ସହିତ ଟିକିନିଖି ବିବରଣୀ ବଡବଡ ଅକ୍ଷରରେ ଛପା ହୋଇଗଲା । ଦାନୀ ସମାଜସେବୀ ସେଠ୍ ଭୋଲାରାମ ନିଜର ଗୋଟିଏ ମାସର ସମସ୍ତ ରୋଜଗାର ଅର୍ଥ ଅସହାୟ ଭୋକିଲା ଲୋକଙ୍କୁ ବାଂଟିଦେଲେ । ଏ ଧରଣର ମହତ କାମ ତାଙ୍କର ଆଗକୁ ବି ଜାରି ରହିବାର ପ୍ରତିଶୃତି ରହିଥିଲା ସେହି ସମ୍ବାଦରେ । ଏହି ସମାଚାରଟିକୁ ସେ ବାରମ୍ବାର ପଢିଚାଲିଲେ ଆଉ ମନେମନେ ବହୁତ ଆତ୍ମତୃପ୍ତି ଲାଭ କଲେ । କାଳେ ଅନ୍ୟମାନେ ଆଜିର ସମ୍ବାଦପତ୍ର ପଢି ନଥିବେ, ତେଣୁ ସେ ଫୋନ୍ କରି ନିଜର ପରିଚିତ ବ୍ୟକ୍ତିମାନଙ୍କୁ ଜଣାଇ ଦେଲେ । ପ୍ରତିବଦଳରେ ସେମାନଙ୍କ ଠାରୁ ଅଭିନନ୍ଦନ ଓ ଶୁଭେଚ୍ଛା ବି ପାଇପାରିଲେ । ସେମାନେ ଏକଥା ବି କହିଲେ, ତୁମ ଫୋଟ ଦେଖି ଆଉ ଅସହାୟକୁ ସାହାଯ୍ୟ କରିବା ପାଇଁ ଯେଉଁ ମାନସିକତା ସେତକ ଜାଣି ଆମେ ତୁମ ପାଇଁ ଗର୍ବ ଅନୁଭବ କରୁଛୁ । ଆମକୁ ଖୁସି ଲାଗୁଛି ଯେ ଆମେ ତୁମ ପରି ଜଣେ ବନ୍ଧୁ ପାଇ ପାରିଛୁ ।

ଭୋଲାରାମ୍ ଆନନ୍ଦ ମନରେ ଝୁମି ହେଉଥିଲା ବେଳେ କଲିଂ ବେଲ୍ ବାଜିଲା । ସେ ଉଠିଯାଇ ନିଜେ ଦରଜା ଖୋଲି ଦେଲେ । ତାଙ୍କ ସାମ୍ନାରେ ଛିଡା ହୋଇଥିଲା ବସ୍ତିରେ ବାସ କରୁଥିବା ଜଣେ ଚା ଦୋକାନୀ । ତାକୁ ଚିହ୍ନିବାରେ ଭୋଳାରାମଙ୍କୁ ବିଶେଷ କିଛି କଷ୍ଟ କରିବାକୁ ପଡିଲା ନାହିଁ, କାରଣ ସବୁ କାଗଜରେ ତା ଫୋଟ ସ୍ପଷ୍ଟ ଭାବରେ ଛପା ହୋଇ ପାରିଥିଲା । ଭୋଳାରାମ ବୁଝିଗଲେ, ଚାହାଦୋକାନୀ ଜଣକ ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ଆସିଛି । ସେ କିଛି କହିବା ପୂର୍ବରୁ ଭୋଲାରାମ୍ କହିଲେ, "ଆରେ ବାଃ, ତୁ ତ ଆଜି ସାରା ରାଜ୍ୟରେ ପରିଚିତ ହୋଇଗଲୁ । ତୋ ଫୋଟ ସବୁ କାଗଜରେ ପରିଷ୍କାର ଭାବରେ ଛପା ହୋଇଛି । ରାତାରାତ୍ ଏମିତି କେତେଜଣ ବିଖ୍ୟାତ ହୁଅନ୍ତି କହିଲୁ ? ସତରେ, ତୁ ଭାଗ୍ୟବାନ ।"

ତାଙ୍କର ଏହି କଥା ଶୁଣି ସେ କିଛି ପ୍ରତିକ୍ରିୟା ପ୍ରକାଶ କଲା ନାହିଁ । ହାତରେ ଧରିଥିବା ବନ୍ଦ ଲଫାପାଟିକୁ ସେ ସେଠ୍‌ଙ୍କୁ ଧରାଇ ଦେଇ ତୁରନ୍ତ ସେଠାରୁ ଚାଲି ଗଲା । ତାର ଏମନ୍ତ ବ୍ୟବହାରରେ ଭୋଲାରାମ କିଛି ବୁଝି ପାରିଲେ ନାହିଁ । ସେ ଚାଲିଯିବା ପରେ ବନ୍ଦ ଲଫାପାଟିକୁ ସେ ଖୋଲିଲେ । ତା ଭିତରେ ରହିଥିଲା ଦୁଇହଜାର ଟଙ୍କା, ଯାହା ସେ ଗତକାଲି ତାକୁ ଦାନରେ ଦେଇଥିଲେ । ତା ସହିତ ରହିଥିଲା ଏକ ଛୋଟ କାଗଜ, ସେଥିରେ ଲେଖାଥିଲା, "ଆମେ ଗରିବ ହୋଇପାରୁ ହେଲେ ଆମର ବି କିଛି ଇଜ୍ଜତ ଅଛି । ଆପଣ ସହାୟତା ଦେବା ଆଳରେ ସେତକ କୁ ବି ବିଚ୍ ବଜାରରେ ନିଲାମ କରିଦେଲେ ।"

ଏଇ ଟିକେ ଆଗରୁ ସେ ଯେଉଁ ଅଜଣା ଖୁସିରେ ଝୁମୁଥିଲେ, ତାହା ପାଣି ଫୋଟକା ପରି କୁଆଡେ ମିଳାଇଗଲା । ତାଙ୍କୁ ଜଣାଗଲା, ସତେ ଯେମିତି ସେ ଚାହା ଦୋକାନୀଟି ତାଙ୍କ ଗାଲରେ ଏକ ଶକ୍ତ ଚାପୁଡା ବସାଇ ଦେଇଗଲା ।

||||| ୦ ||||||


+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯



ସୁବ୍ରତ ପଟ୍ଟନାୟକ

# ମୁଖ୍ୟମନ୍ତ୍ରୀଙ୍କ ଗାଁ

**ଦୀର୍ଘ କୋଡ଼ିଏ ବର୍ଷ ଧରି ଆମେ ନବୀନଙ୍କ ପରିବାର । ସେ କହୁଛନ୍ତି- ମୋ କୁଡ଼ିଆ, ମୋ ହାଟ, ମୋ ବଜାର, ମୋ ସ୍କୁଲ, ମୋ କଲେଜ୍, ମୋ ବସ୍ ମୋ ସାଇକେଲ, ମୋ ସରକାର ଏମିତି କେତେକଣ ! ମାତ୍ର, ଯେଉଁଦିନ ସେ ବାଁ ହାତ ହଲାଇ ଆମକୁ କହିଲେ- 'ମୋ ପରିବାର', ସେଦିନ ଖୁସିରେ ଆମ ଛାତି କୁଣ୍ଢେ ମୋଟ । ଛତିଶ ଇଞ୍ଚରୁ ବଢ଼ିଲା ଛପନ ଇଞ୍ଚ । ମନେ ମନେ ଭାବିଲୁ, ଆମେ ମୁଖ୍ୟମନ୍ତ୍ରୀଙ୍କ ଘର ଲୋକ । ଅଙ୍କଲ୍ ପ୍ୟାରୀମୋହନ, ପାଓ୍ୱାରଫୁଲ ଆଇଏଏସ୍ ପାଣ୍ଡିଆନ୍ ଆମ ପାଖ ଲୋକ । ନବୀନ ଡେଙ୍ଗୁରା ପିଟିଲେ- ସାଢ଼େ ଚାରି କୋଟି ଓଡ଼ିଆ 'ମୋ ପରିବାର' । ବାପ୍‌ରେ ବାପ୍ ! ବ୍ୟାଚେଲର ମୁଖ୍ୟମନ୍ତ୍ରୀଙ୍କ ପରିବାର ସାଢ଼େ ଚାରିକୋଟି ! ହାତଗଣ୍ଠି ପଡ଼ିଥିଲେ ତ... । ଥାଉ, ଆମେ ଜିଭ କାମୁଡୁଚେ ।**

ବ୍ୟାଚେଲର ମୁଖ୍ୟମନ୍ତ୍ରୀ ଆମ ପରିବାରର ସଦସ୍ୟ । ଆମେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥା କହୁଚେ । ଗଞ୍ଜାମିଆ, ଆମେ କେଉଁଝରିଆ । ଆମ ଦୁହିଁଙ୍କ ସାଙ୍ଗିଆ ଏକ- 'ପଟ୍ଟନାୟକ' । ତାଙ୍କ ସହିତ ଆମର ସମ୍ପର୍କ କଣ ? ରକ୍ତ ସମ୍ପର୍କୀୟ, ଲେଖାଯୋଖା, ସୂର୍ଯ୍ୟମୈତ୍ର ନା ଗୁଆ ଦିଆନିଆ ବନ୍ଧୁ ? ବ୍ୟସ୍ତ ହୁଅନ୍ତୁ ନାହିଁ, ଆମେ ସବୁକଥା ବଖାଣିବୁ ।

ଦୀର୍ଘ କୋଡ଼ିଏ ବର୍ଷ ଧରି ଆମେ ନବୀନଙ୍କ ପରିବାର । ସେ କହୁଛନ୍ତି- ମୋ କୁଡ଼ିଆ, ମୋ ହାଟ, ମୋ ବଜାର, ମୋ ସ୍କୁଲ, ମୋ କଲେଜ୍, ମୋ ବସ୍, ମୋ ସାଇକେଲ, ମୋ ସରକାର ଏମିତି କେତେ କଣ ! ମାତ୍ର, ଯେଉଁଦିନ ସେ ବାଁ ହାତ ହଲାଇ ଆମକୁ କହିଲେ- 'ମୋ ପରିବାର', ସେଦିନ ଖୁସିରେ ଆମ ଛାତି କୁଣ୍ଢେ ମୋଟ । ଛତିଶ ଇଞ୍ଚରୁ ବଢ଼ିଲା ଛପନ ଇଞ୍ଚ । ମନେ ମନେ ଭାବିଲୁ, ଆମେ ମୁଖ୍ୟମନ୍ତ୍ରୀଙ୍କ ଘର ଲୋକ । ଅଙ୍କଲ୍ ପ୍ୟାରୀମୋହନ, ପାଓ୍ୱାରଫୁଲ ଆଇଏଏସ୍ ପାଣ୍ଡିଆନ୍ ଆମ ପାଖଲୋକ । ନବୀନ ଡେଙ୍ଗୁରା ପିଟିଲେ- ସାଢ଼େ ଚାରି କୋଟି ଓଡ଼ିଆ 'ମୋ ପରିବାର' । ବାପ୍‌ରେ ବାପ୍ ! ବ୍ୟାଚେଲର ମୁଖ୍ୟମନ୍ତ୍ରୀଙ୍କ ପରିବାର ସାଢ଼େ ଚାରିକୋଟି ! ହାତଗଣ୍ଠି ପଡ଼ିଥିଲେ ତ... । ଥାଉ, ଆମେ ଜିଭ କାମୁଡୁଚେ ।

ସେ ଯାହେଉ, ମୁଖ୍ୟମନ୍ତ୍ରୀଙ୍କ ପରିବାର ସଦସ୍ୟ ଭାବେ ଆମେ ଗର୍ବିତ ଓ ଭାଗ୍ୟବାନ । ଆମେ ଚାହିଁଲେ, ନବୀନଙ୍କୁ ବେଳ ଅବେଳରେ ଭେଟିପାରିବା । ପଦେ ଦିପଦ କଥା ହୋଇପାରିବା । ଫୁଲତୋଡ଼ା ଉପହାର ଦେଇପାରିବା । ହୋଲିରେ ଅବିର ବୋଳିପାରିବା । ପାରିବାକି ? ପୁଲିସ ଛାଡ଼ିଦେବେ ତାଙ୍କ ନିକଟକୁ ? ବନ୍ଧୁକକୁ ଉପରମୁହାଁ କରି ଆମକୁ ସାଲୁଟ୍ ମାରିବେ ? କମାଣ୍ଡୋ ବାହିନୀ ହସି ହସି ବାଟ ଛାଡ଼ିଦେବେ ? ଏସବୁର ଉତ୍ତର ଖୋଜିବା ଦରକାର ନାହିଁ । ଆମେ ଛୋଟିଆ ନଜୀର୍ ନେବା । ସେଥିରୁ ଆମକୁ ଉତ୍ତର ମିଳିଯିବ ।

ଆମ ଘର ଓରାଳି, କେନ୍ଦୁଝର ଜିଲ୍ଲା । କେନ୍ଦୁଝର-ଭଦ୍ରକ ଜିଲ୍ଲାର ସୀମାନ୍ତ ଗାଁ । ୫୩ ନମ୍ବର ରାଜ୍ୟ ରାଜପଥ ସଂଲଗ୍ନ । ଆମେ ବରିଷ୍ଠ ନାଗରିକ । ସେଠାରୁ ଶାଳଣିଆଁ, କଳିଗାଁ, ଅଁରା, ଯାମିତିରା, ମଧୁରଗଡ଼ିଆ, ଖେତୁଆଳି, ନନ୍ଦିପଦା, ଆପଣ୍ଡା, ବରକୋଣା, ଚଢ଼କମରା, ବାଲିପୁର ଆଦି ଗ୍ରାମକୁ ସଡ଼କ ସଂଯୋଗ ରହିଛି । ଓରାଳି, ଶାଳଣିଆଁରେ ବ୍ୟାଙ୍କ୍, ଡାକ୍ତରଖାନା, ସ୍କୁଲ, କ୍ଲବ୍, ପାଠାଗାର, ଷ୍ଟାଡିୟମ ଆଦି ରହିଛି । ସଡ଼କ ପରିବହନ ବିଭାଗ ପକ୍ଷରୁ ଗତ ଡିସେମ୍ବର ମାସରେ ରାଜ୍ୟ ରାଜପଥର ବିଭିନ୍ନ ବସ୍ ଷ୍ଟପରେ ଗାଁ-ସାଇନବୋର୍ଡ ଲଗା ଯାଇଥିଲା । ବନ୍ତ, ବସନ୍ତିଆ, ମରେଇଗାଁ, ହାଟଡିହି ଆଦି ସ୍ଥାନରେ ସାଇନବୋର୍ଡ ଲଗାଯାଇଥିଲେ ହେଁ, ଓରାଳିକୁ ବାଦ୍ ଦିଆ ଯାଇଥିଲା ।

କାରଣ ଜାଣିବା ପାଇଁ, ସାଇନବୋର୍ଡ ଲଗାଇବା ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଆମେ ପଚାରିଲୁ । ସେ କହିଲେ- ଓରାଳିରେ ସାଇନବୋର୍ଡ ଲଗାଇବାକୁ ଜଣେ ଦାଢ଼ିଆ ଲୋକ ବିରୋଧ କରୁଛନ୍ତି । ସେ ଚାହାନ୍ତି, ବସ୍‌ଷ୍ଟପ୍ ତାଙ୍କ ନାମରେ ନାମିତ ହେଉ । ସେଥିପାଇଁ ସାଇନବୋର୍ଡ ଲଗା ଯାଇନାହିଁ । ଏକଥା ଶୁଣି ଆମେ କାବା । ଜଣେ ଲୋକର ମୌଖିକ ଅଭିଯୋଗରେ ଅଟକି ଯାଉଚି ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟ ? କଣ ପାଇଁ ? ସେ ମହାନ୍ ବ୍ୟକ୍ତି ଜଣକ କିଏ ? ଓରାଳି ଗ୍ରାମ ପ୍ରତି ତାଙ୍କର ଅବଦାନ କଣ ? ତାଙ୍କର ଗୋଟିଏ ପଦ ଧମକରେ, ଠିକାଦାର ଚୁପ୍ ହୋଇ ବସି ପଡିଲେ କାହିଁକି ? ପ୍ରଶାସନର କଣ ଠିକାଦାରଙ୍କ ଉପରେ କୌଣସି କର୍ତ୍ତୃତ୍ୱ ନାହିଁ ? ଜଣେ ଦାଢ଼ିଆ ଲୋକକୁ ଠିକାଦାରଙ୍କ ଏତେ ଡର ? ଅଥଚ, ମୁଖ୍ୟମନ୍ତ୍ରୀଙ୍କ ଗାଲରେ ଦାଢ଼ି ନାହିଁ ବୋଲି ଏତେ ବେଖାତିର ?

ଘଟଣାରେ କ୍ଷୋଭ ପ୍ରକାଶ କରି ୨୦୨୧ ଜାନୁଆରୀ ପହିଲାରେ ଆମେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ପ୍ରମୁଖଙ୍କ ନିକଟକୁ ଚିଠି ପଠାଇଥିଲୁ । ତୁରନ୍ତ ଓରାଳି ବସ୍‌ଷ୍ଟପ୍‌ରେ ସାଇନବୋର୍ଡ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଜାନୁଆରୀ ୨୮ ତାରିଖରେ ଚିଠି ନମ୍ବର-୮୪୪ରେ ନିର୍ଦ୍ଦେଶ ଦିଆଗଲା । ଦୁଃଖର ବିଷୟ, ଫେବୃଆରୀ ମାସ ପ୍ରଥମ ସପ୍ତାହରେ ଓରାଳି ବସ୍‌ଷ୍ଟପ୍‌ରେ ଓରାଳି ବଦଳରେ ଶାଳଣିଆଁ ସାଇନ୍‌ବୋର୍ଡ ଲଗାଗଲା । ଶାଳଣିଆଁର ଦୂରତା ସେଠାରୁ ଆଠ କିଲୋମିଟର । ଜାଣିଶୁଣି ଏଭଳି ଭୁଲ କରାଯାଇ ନାହିଁ ତ ?

ଠିକାଦାରଙ୍କୁ ପୁଣିଥରେ ଭେଟି ପଚାରିବାରୁ ସେ ଖୁବ୍ ଖପ୍ପା ହେଲେ । କହିଲେ- ମୁଖ୍ୟମନ୍ତ୍ରୀଙ୍କ ଚିଠିକୁ ପଚାରେ କିଏ ହୋ ? ଏମିତି ଗଣ୍ଡା ଗଣ୍ଡା ଚିଠି ଆମେ ଦେଖିଚୁ । ଚିଠି ଫିଟିକୁ ମାର୍ ଗୋଲି । ଏ ହେଲା ସାଇନବୋର୍ଡ ଲଗାଇବା ଦାୟିତ୍ୱରେ ଥିବା ଠିକାଦାରଙ୍କ ବେପରୱା ଉତ୍ତର । ଆମେ ହାତରେ ମୁଖ୍ୟମନ୍ତ୍ରୀ, ପୁଲିସ ଡିଜି ପ୍ରମୁଖଙ୍କ ନିର୍ଦ୍ଦେଶନାମା ଧରି ଏ ଦୁଆର, ସେ ଦୁଆର ଦରାଣ୍ଡୁଚେ । ନନ୍ଦିପଦା ଓ ବନ୍ତ ଥାନା ଅଧିକାରୀ ଆମ ଗୁହାରି ନଶୁଣିଲେ ଗଲା ।

ଓରାଳିରେ ଗୋଟିଏ ତ୍ରୁଟିପୂର୍ଣ୍ଣ ସାଇନ୍‌ବୋର୍ଡ ଲଗାଯିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ମାର୍ଚ୍ଚ ମାସରେ ନବୀନ ନିବାସ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆମେ ଦୁଇମାସ ଧରି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ତିରିଶରୁ ଅଧିକ ଚିଠି ଲେଖି ଲେଖି ଥକିଲୁଣି । କେହି ଆମ କଥା ଶୁଣୁ ନାହାନ୍ତି । ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି । ପ୍ରଶାସନିକ କଳ କେତେ ଢ଼ିଲା ଓ ଲଗାମଛଡ଼ା, ଏଥିରୁ ବୁଝା ପଡୁଛି । ଗାଁ ଲୋକେ ଆମକୁ ପରିହାସ ଓ ଟାହିଟାପରା କରୁଛନ୍ତି । କହୁଛନ୍ତି ସାମ୍ବାଦିକ ଓ ସ୍ତମ୍ଭକାରଙ୍କ ଓଜନ କେତେ ? ସେମାନଙ୍କ ଲେଖା କିଏ ପଢୁଛି ? ଏସବୁ ଟିଟିକାରି ଆମକୁ ଭାରି ବାଧୁଚି ।

ଏବେ ମୂଳ ପ୍ରସଙ୍ଗକୁ ଫେରିବା । ଆମେ ବିଶ୍ୱାସ କରୁଥିଲୁ- ମୁଖ୍ୟମନ୍ତ୍ରୀ 'ଆମ ପରିବାର' ଲୋକ । ବିପଦ ଆପଦରେ ଆମକୁ ସାହାଯ୍ୟ କରିବେ । ଆମ ପିଠି ଆପୁଡ଼ାଇବେ । ଏବେ ଜାଣୁଚେ, ସେ ଆମର ନିଜର କି ଆପଣାର ନୁହନ୍ତି । ସାତ ପର । 'ମୋ ପରିବାର'- କେବଳ ସ୍ଲୋଗାନ, ଧୂଆଁବାଣ । ଟିକେ ବି ଆନ୍ତରିକତା ନାହିଁ । ଅତୀତରେ ନବୀନ ଥିଲେ ଆମ ଭଳି ଲେଖକ ଓ ସ୍ତମ୍ଭକାର । ଅବଶ୍ୟ ତାଙ୍କ ଖ୍ୟାତି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଲୋକପ୍ରିୟ ଓ ଚର୍ଚ୍ଚିତ । ଆମେ ଆଶା କରୁଥିଲୁ, ଯେହେତୁ ସେ ଆମର ଜାତିଭାଇ ଲେଖକ, ଆମ ଦୁଃଖ ନିଶ୍ଚୟ ବୁଝିବେ । ଆମ କାମ ଆଗ ହେବ । ମାତ୍ର, ଆମ ଆଶା ଶୂନ୍ । ଦୀପ ତଳ ଅନ୍ଧାର । ନବୀନ ଆମର ଦୟାଳୁ ରାଜା, ଏକଥା ଅକ୍ଷରେ ଅକ୍ଷରେ ସତ । ହେଲେ, ତାଙ୍କ ନିର୍ଦ୍ଦେଶ ମାନିବାକୁ ମନ୍ତ୍ରୀ, କଟୁଆଳ, ଚଉକିଆ ସଭିଏଁ ନାରାଜ । ତାହାଲେ ରାଜ୍ୟ ଚାଲିବ କେମିତି ? ଆମେ ଯୋଡ଼ ହସ୍ତରେ ନିବେଦନ କରୁଚେ, ଓରାଳିକୁ ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ 'ମୋ ଗାଁ' ଭାବିବେକି ? ପୋଷ୍ୟ ଗାଁ କରିବେ କି ? ସେଠାରେ ସପ୍ତାହକ ମଧ୍ୟରେ ସାଇନବୋର୍ଡଟିଏ ଝୁଲାଇବାର ବନ୍ଦୋବସ୍ତ କରିବେ କି ? ଆମେ ଧନ୍ୟ ହେବୁ । ତାଙ୍କର ଗୁଣଗାନ କରିବୁ । ଏତକ ନକରି, ପୋଷା ଶୁଆ ପରି ପଚାରୁଛନ୍ତି- ଆପଣମାନେ ଖୁସି ତ ?

ଏଥିରେ ଆମେ ହସିବୁ ନା କାନ୍ଦିବୁ ?

+ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ଶିକ୍ଷାନୀତିରେ ଗଳିବାଟ ॥

ଆମେ ଓଡ଼ିଆମାନେ ବିଶେଷଣ ଲଗାଇବାରେ ଓସ୍ତାଦ୍ । ଉପାଧୀ ବଣ୍ଟନରେ ବି ମାହିର । କାହିଁକିନା ଏଥିପାଇଁ ପଇସା ପଡ଼େନି । ଏଇ ଯେମିତି ଶିକ୍ଷାବିତ୍, ପରିବେଶବିତ୍, ସମାଜସେବୀ ଇତ୍ୟାଦି ପଦବୀ/ ବିଶେଷଣ/ ଭୂଷଣ ଗୁଡ଼ାକର ବହୁଳ ବ୍ୟବହାର । ଶିକ୍ଷା, ସମାଜସେବା, ପରିବେଶ ସୁରକ୍ଷା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଡେଫିନେସନ ନାହିଁ । ତା ବୋଲି କଣ କାଠ ବ୍ୟବସାୟୀ ପରିବେଶବିତ୍ ନା ପଇସା ପାଇଁ ଶିକ୍ଷା ଅନୁଷ୍ଠାନ ଖୋଲୁଥିବା ବେପାରୀମାନଙ୍କୁ ଶିକ୍ଷାବିତ୍ କହିବା ? ଏବେ ସରକାରଙ୍କର ଏକ ଉତ୍ତମ ନିଷ୍ପତ୍ତି ଆସିଛି । ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କର ଶୈକ୍ଷିକ ବିକାଶ ନିମନ୍ତେ ଶିକ୍ଷାବିତ୍‌ମାନଙ୍କୁ ପରିଚାଳନା କମିଟି ଦାୟିତ୍ୱ ଅର୍ପଣ କରାଯିବ । ଏହା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଆମ ରାଜନୀତିଆଙ୍କର ସ୍ୱଭାବ ନିଆରା । ଯୋଉଠି ପିମ୍ପୁଡ଼ି ଗଳି ନପାରିବେ ସେଠି ଗଳିବାକୁ ଗଳିବାଟ ପ୍ରସ୍ତୁତ କରିବାରେ ଓସ୍ତାଦ । ଶିକ୍ଷାବିତ୍ ଆଳରେ ନିଜର କିଛି ଚାମଚା, ବେପାରୀଙ୍କୁ ଶିକ୍ଷାନୁଷ୍ଠାନରେ ଅଧିଷ୍ଠିତ କରାଇବାର କୌଶଳ ପ୍ରସ୍ତୁତ କରୁଛନ୍ତି । ନିଜର ଏବେ ଶିକ୍ଷାନୁଷ୍ଠାନର ସ୍ଥାୟୀ ଜମା, ସରକାରୀ ଦାନ ଅନୁଦାନ ଉପରେ । ଦେଖାଯାଉ କୋଉ ପାଣି କୁଆଡ଼ିକୁ ଯାଉଛି ।

## ॥ ପୁଣି ଅଂଜନା ମିଶ୍ର ଲେଉଟିଲେ ॥

ଦିନଥିଲା ପ୍ରତ୍ୟେକ ସପ୍ତାହରେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥିଲେ ଅଞ୍ଜନା ମିଶ୍ର । ଦୁର୍ଭାଗ୍ୟ ଯେପରି ତାଙ୍କର ପିଛା ଛାଡୁନଥିଲା । ତଥାପି ଅଞ୍ଜନା ହାରିନଯାଇ ଗୋଟାକ ପରେ ଗୋଟାଏ ସମସ୍ୟାକୁ ସାମ୍ନା କରୁଥିଲେ । ଦୁଇଦଶନ୍ଧି ତଳର ସେଇ କାଳରାତିର କାରନାମା ଏବେବି କିଛି ଲୋକଙ୍କର ମନେଥିବ । ଅଞ୍ଜନାଙ୍କ ପ୍ରତି ଅତ୍ୟାଚାରର ସବୁ ସୀମା ଟପିଯାଇଥିଲା ସେଦିନ । ପୋଲିସ, ସିବିଆଇ ବାଲା ଯେତେ ଚେଷ୍ଟା କଲେ ବି ମୁଖ୍ୟ ଅଭିଯୁକ୍ତ ବିବନ ଖସିଯାଇଥିଲା । ସି.ବି.ଆଇ. ତ' ଫାଇଲକୁ ଅଲିଆଗଦାକୁ ଫିଙ୍ଗି ଦେଇଥିଲେ । ହେଲେ ଆମ କମିଶନର ଷଡ଼ଙ୍ଗୀଙ୍କୁ ସାବାସୀ ଦେବା କଥା । ସାତତାଳ ପଙ୍କ ଭିତରୁ ଖୋଜି ବାହାର କଲେ ବିବନକୁ । ପୋଲିସ ଡିପାର୍ଟମେଣ୍ଟର ସମ୍ମାନ ବଢ଼ିଗଲା । କାରଣ ଏବେ ଲଗାତାର ଭାବରେ ରାଜଧାନୀରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଯାହା ହୋଇଥିଲା ପୋଲିସ ଉପରୁ ସାଧାରଣ ଜନତାର ଭରସା ତୁଟିଯାଇଥିଲା । ପୁଣି ଅଞ୍ଜନା ମିଶ୍ର ମାମଲା ପୋଲିସ୍‌ର ଆତ୍ମବଳ ବଢ଼ାଇଦେଇଛି । ଲୋକେ ଅଞ୍ଜନାଙ୍କୁ ମନେପକାନ୍ତୁ କି ନାହିଁ, କଂଗ୍ରେସ ଦଳିଆ କେବେବି ଭୁଲିପାରିବେନି । ଜାନକୀ ବଲ୍ଲଭଙ୍କ ରାମରାଜ୍ୟର ରାତାରାତି ପତନର କାରଣ ସାଜିଥିଲେ ଏଇ ଅଂଜନା । ଏ ଜଖମ କଣ ସାମାନ୍ୟ ଜଖମ ।




# ॥ ବିଭାଜନ ॥



ସ୍ୱୟଂ ପ୍ରକାଶ (୧୯୪୭)

ବିଭାଜନର ବିଷ ବଳୟରେ ଆଜିର ଭାରତୀୟ ସମାଜ ଅଣନିଃଶ୍ୱାସୀ ହୋଇ ଖୋଜୁଛି ଏକାତ୍ମତାର ଏକ ରାହା । ଆଉ ଅନ୍ତର୍ଗତ ସେଇ ବିଷ ବି ଖୋଜୁଛି ନିଜକୁ ପରିପ୍ରକାଶ କରିବାର ଭିନ୍ନ ଅଭିନବ ମାର୍ଗ । ଏଇ ସ୍ପର୍ଶକାତର ପୃଷ୍ଠଭୂମିକୁ ନେଇ ସ୍ୱନାମଧନ୍ୟ ହିନ୍ଦୀ କଥାକାର 'ସ୍ୱୟଂ ପ୍ରକାଶ' ଲେଖିଥିବା ଗଳ୍ପ 'ବିଭାଜନ'ରେ ପାଠକ ଆପଣା ଅନିଚ୍ଛା ସତ୍ତ୍ୱେ ମୁହାଁମୁହିଁ ହେବ ଏକ କରୁଣ ପରିଣତି ସହ ।

କୁର୍ବାନ୍ ଭାଇଙ୍କୁ ଆପଣ ଜାଣିଛନ୍ତି ? ଛୋଟ ସହରର ଜଣେ ପ୍ରସିଦ୍ଧ ବ୍ୟକ୍ତି । ଆଜାଦ୍ ଚୌକ୍‌ରେ ତାଙ୍କର ଛୋଟ ଦୋକାନଟିଏ ଅଛି । ଧଳା କୁର୍ତ୍ତା ପାଇଜାମା ପିନ୍ଧି ସେ ବ୍ୟସ୍ତ ଥାଆନ୍ତି ତାଙ୍କ ଗରାଖଙ୍କ ମେଳରେ । ଗରାଖ ନଥିଲେ ତଳକୁ ମୁହଁପୋତି କିଛି ଲେଖାଲେଖି କରନ୍ତି । ହସି ହସି ପ୍ରତ୍ୟେକ ଗରାଖକୁ ସ୍ୱାଗତ କରିବା ତାଙ୍କ ସ୍ୱଭାବ । ତାଙ୍କ ଜିନିଷର ମୂଲ୍ୟ, ଓଜନ ଓ ଗୁଣ ବିଷୟରେ କେବେ ଆପଣଙ୍କ ମନରେ ସନ୍ଦେହ ଆସିବନି । ନିଜେ ନ ପରଖିବା ଯାଏ ସେ କୌଣସି ଜିନିଷ ବିକନ୍ତିନି । ଠକିବା ଅପେକ୍ଷା ଜିନିଷ ପଚିଯିବା ବରଂ ଭଲ । "ଗୋଲମରିଚ ଗୁଣ୍ଡ ? ନା, ତୁମ ପାଇଁ ନୁହେଁ, ସେଥିରେ କୃତ୍ରିମ ରଙ୍ଗ ମିଶିଛି । ତେଲ ? ଭଲ ସ୍ୱାଦ ନାହିଁ ତା'ର । ଭେଜାଲ । ଦୀପ ଜଳାରେ ବ୍ୟବହାର କରି ପାରିବ ।" ଭାରି ସରଳିଆ ମଣିଷଟିଏ । ଆଖପାଖରେ ସିନ୍ଧି ଓ ମାରୁଆଡ଼ି ମାନଙ୍କର ବଡ଼ ବଡ଼ ଦୋକାନ ଅଛି । ହେଲେ ଥରେ ଯା'ଙ୍କ ପାଖକୁ ଆସିଲା ପରେ ଗରାଖ ଆଉ କୁଆଡ଼େ ଯାଏନି । ଭାରି ସଙ୍କୋଚ । ଅସୁବିଧାରେ ଲୋକଙ୍କୁ ଧାର ଉଧାର ବି ଦିଅନ୍ତି । ତାଙ୍କ ଦୋକାନରୁ କିଛି ଆଣିଲେ ଠୁଙ୍ଗାଟିକୁ ଟିକିଏ ଦେଖିଚାହିଁ ଫିଙ୍ଗୁଥିବେ ଆଜ୍ଞା । ଅତି ସୁନ୍ଦର କିଛି କବିତାର ପଂକ୍ତି ଆପଣ ତା'ଦେହରୁ ପାଇଯାଇ ପାରନ୍ତି । କେତେଥର ଅନୁରୋଧ କଲୁଣି କବିତା ସବୁକୁ ଏକ ଖାତାରେ ଲେଖି ରଖିବା ପାଇଁ । ସେ ଶୁଣନ୍ତି, ରାଜି ହୁଅନ୍ତି ତଥା ମନ ଦୁଃଖବି କରନ୍ତି ହଜିଯାଇଥିବା କବିତାଗୁଡ଼ିକ ପାଇଁ । ହେଲେ ତାଙ୍କ ଅଭ୍ୟାସରେ କେବେ ପରିବର୍ତ୍ତନ ହୁଏ ନାହିଁ । ତାଙ୍କପାଖରୁ ଆଣିଥିବା ଜିନିଷର ଠୁଙ୍ଗା ଉପରେ ଲିଖିତ ଏକ ସୁନ୍ଦର କବିତାରୁ ହିଁ ମୁଁ ତାଙ୍କୁ ପ୍ରଥମେ ଚିହ୍ନିବାର ସୁଯୋଗ ପାଇଥିଲି ।

ତାଙ୍କ ବାପା ଅଜ୍‌ମେର୍‌ର ଜଣେ ବଡ଼ ବ୍ୟବସାୟୀ ଥିଲେ । ମହଲ ଭଳି ଦୁଇଟି ବିରାଟ ଘର ତଥା ନୟା ବଜାରରେ ବଡ଼ ଦୋକାନ ଥିଲା ତାଙ୍କର । ଘରେ ସାତଜଣ ଚାକରଥିଲେ ବୋଲହାକ କରିବାକୁ । କେତୋଟି ଘୋଡ଼ାଗାଡ଼ି ସହ ଗୋଟେ ଅଷ୍ଟିନ୍ କାର ବି ଥିଲା । ଦେଶର ଗଣ୍ୟମାନ୍ୟ ନେତା ତଥା କବିମାନେ ସହରକୁ ଆସିଲେ ତାଙ୍କଘରେ ଅତିଥି ସାଜୁଥିଲେ । କୁର୍ବାନ୍ ଭାଇ ସେତେବେଳକୁ ଅଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର ଛାତ୍ର । ଆଗତ ଭବିଷ୍ୟତ ବିଷୟରେ କିଛିବି ଚିନ୍ତା ନଥିଲା ତାଙ୍କର । ଜୀବନ ଥିଲା ଅଙ୍କାମଜା, ପ୍ରେମ, କବିତା ଓ ସ୍ୱପ୍ନରେ ଭରା । କିନ୍ତୁ ବିଧିର ବିଧାନ ଭିନ୍ନ । ଆକାଶରେ ଘନେଇ ଆସେ ବିଭାଜନର କଳା ବାଦଲ । ଦଙ୍ଗାରେ ଘର ଲୁଟ୍ ହେବା ସହ ଦୋକାନ ଜଳିଯାଏ । କିଛି ସମ୍ପର୍କୀୟ ପ୍ରାଣ ବିକଳରେ ଚାଲିଯାଆନ୍ତି ପାକିସ୍ଥାନ । ଦୁଇ ବଡ଼ଭାଇ ହଣା ହୁଅନ୍ତି । ଏଭଳି ବିଷମ ପରିସ୍ଥିତିରେ କୁର୍ବାନ୍‌ଭାଇ ଲୁଚି ଖସିଯାଆନ୍ତି ନାଗପୁର । ସେଠୁ ମେରଃଟା ଓ ପୁଣି ଟୋଙ୍କ୍ । ଜୋଶ୍ ମଲିହାବାଦୀ କି ସୁରୈୟା ତ ଯାଇନାହାନ୍ତି ପାକିସ୍ଥାନ । ତେବେ ସେ କାହିଁକି ଯିବେ ଯେ ? ପାଖରେ ଥିବା ସବୁ ଜିନିଷ ଆସ୍ତେ ଆସ୍ତେ ବିକ୍ରି ହୋଇଯାଏ ମୁଠାଏ ଭାତ କି ଦି'ପଟ ରୁଟି ପାଇଁ । କୋଉଠି କାମଟିଏ ଯୋଗାଡ଼ କରି ପାରନ୍ତିନି । ସେସମୟରେ ଜଣେ ମୁସଲମାନ ପାଇଁ ଚାକିରି ଯୋଗାଡ଼ କରିବା ସେତେ ସହଜ ନଥାଏ । ସେ କୌଣସି ବିଷୟରେ ତାଲିମ୍ ପାଇ ନଥାନ୍ତି । ପଢ଼ା ବି ଥାଏ ଅସମ୍ପୂର୍ଣ୍ଣ । ଗୋଟେ ସେଠ୍ ପାଖରେ କିଛିଦିନ କାମ କରନ୍ତି । କିନ୍ତୁ ନିଜ ଆଦର୍ଶ ଓ ସଙ୍କୋଚପଣିଆ ପାଇଁ ସେଠୁ ମଧ୍ୟ ତଡ଼ା ଖାଇବାକୁ ପଡ଼େ । ଅସଲ କଥାଟି ହେଲା, ସେ ହିନ୍ଦୁଙ୍କ ସହ ସମ୍ପର୍କ ରଖିଲେ ତାଙ୍କ ଜାତିଭାଇମାନେ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖନ୍ତି ଆଉ ମୁସଲମାନଙ୍କ ସହ ସମ୍ପର୍କ ରଖିଲେ ତାଙ୍କୁ ମୁସଲିମ୍ ଲିଗ୍‌ର କଟ୍ଟରବାଦ୍ ବିଷୟରେ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡୁଥାଏ । ପେଟ ଚାଖଣ୍ଡକ ପାଇଁ ସେ କେବେ ଦିନ ମଜୁରିଆ ତ କେବେ କୁଲି ତଥା ମେକାନିକ୍ ସାଜନ୍ତି । ବାରଦ୍ୱାର ଶୁଣ୍ଠିପିଣ୍ଡା ହୋଇ ଶେଷକୁ କେବେ ଆସି ପହଞ୍ଚନ୍ତି ଏଇ ସହରରେ ସେ ବିଷୟରେ କେହି କିଛି ଜାଣନ୍ତିନି । ଜଣେ ବୃଦ୍ଧ ମୁସଲମାନଙ୍କ ଠାରୁ ପଚାଶ ଟଙ୍କା ଧାର ଅଣି ଏଇ ଦୋକାନଟି ଖୋଲାହୁଏ । ଚାଉଳ, ଡାଲି, ଦିଆସିଲି କାଠି, ବିଡ଼ି, ସିଗାରେଟ, ଚକଲେଟ । କ'ଣ କହିବି ? କେମିତି କହି ପାରିବି ଜଣକର ପୀଡ଼ା ଓ ସଂଗ୍ରାମର ଦୀର୍ଘଯାତ୍ରା ସମ୍ବନ୍ଧରେ ? ନିଜ ସୁବିଧା ପାଇଁ କ'ଣ ଦୁଇଚାରିଟା ବାକ୍ୟ ସାହାଯ୍ୟରେ ତାଙ୍କୁ ବ୍ୟକ୍ତ କରିହେବ ? ଏହା ଯୁକ୍ତିଯୁକ୍ତ ନହେବା ସହ ଜଣକର ମହାନ ଯାତ୍ରା ପ୍ରତି ହେବ ଏକ ଅସମ୍ମାନ ପ୍ରଦର୍ଶନ । ହେଲେ କ'ଣ ବା କରି ପାରିବି ? ଯେଉଁ କାହାଣୀ କହିବାକୁ ବସିଛି ତାହା କିଛି ଭିନ୍ନ ଧରଣର । ଦୋକାନ ଟିକିଏ ଭଲ ଚାଲିବାରୁ ଏକ୍ଲା ମଣିଷର ମୁଣ୍ଡ ଗୁଞ୍ଜିବାକୁ ଛାତ ସହ ଦୁଇଯୋଡ଼ା ପୋଷାକ ଯୋଗାଡ଼ ହୋଇଯାଏ । ଆସ୍ତେ ଆସ୍ତେ ଗରାଖ ବଢ଼ନ୍ତି । ତାଙ୍କର କୌଣସି ଉଚ୍ଚାଭିଳାଷ ନଥାଏ । ଛୁଆମାନେ କବରରେ । ପୂର୍ବର ବିଳାସପୂର୍ଣ୍ଣ ଜୀବନ କଥା ମଧ୍ୟ ସିଏ ଭୁଲି ସାରିଥାନ୍ତି । ଆଲ୍ଲାଙ୍କ ଅପାର କରୁଣାରୁ ଦୁଇବେଳାର ଖାଦ୍ୟ ଯୋଗାଡ଼ ହୋଇଯିବାରୁ ସିଏ ତାଙ୍କ ଠିକଣାରେ ଖବରକାଗଜ ଓ ବିଭିନ୍ନ ପତ୍ରପତ୍ରିକା ମଗାନ୍ତି, ପଢ଼ାପଢ଼ି କଲେ କାଳେ ମନ ଭଲ ରହିବ ଭାବି । ଆସ୍ତେ ଆସ୍ତେ ଅଧ୍ୟାପକ, ପ୍ରଫେସର ତଥା ସାମ୍ବାଦିକଙ୍କ ଭଳି ଶିକ୍ଷିତ ଲୋକ ତାଙ୍କ ଦୋକାନରେ ଆସି ଖଟି ଜମାନ୍ତି । କୁର୍ବାନ୍‌ଭାଇ ସେମାନଙ୍କୁ ଚା'ଦ୍ୱାରା ଆପ୍ୟାୟିତ କରିବା ସହ ଗାଲିବଙ୍କ ବିଷୟରେ ଚର୍ଚ୍ଚା କରନ୍ତି । ଆଲୋଚନା ଭିତରେ ବିକ୍ରିବଟା ବି ଚାଲିଥାଏ । କିଛି ଅଜବ ଦୃଶ୍ୟ ବି ଦେଖିବାକୁ ମିଳେ । ଇଂରାଜୀ ସାହିତ୍ୟର ସମାଲୋଚକ ଗରାଖଙ୍କ ଚାହିଦା ଅନୁଯାୟୀ ରସୁଣ ବାଛି ଓଜନ ପାଇଁ ବଢ଼େଇ ଦେଉଥିବା ବେଳେ ଫ୍ରଣ୍ଟିୟର ମେଲ୍‌ର ସାମ୍ବାଦିକ ବସ୍ତା ଭିତରୁ ମୁଲତାନୀ ମାଟି କାଢୁଥାନ୍ତି । ଆମେ ତାଙ୍କ ପାଖରୁ ଉର୍ଦ୍ଦୁ ଶିଖୁ । ତାଙ୍କୁ ସାହିତ୍ୟ ସଭାକୁ ସାଙ୍ଗରେ ନେଇକରି ଯାଉ । ଆସ୍ତେ ଆସ୍ତେ ଧର୍ମକୁ ନେଇ ତାଙ୍କ ବିଚାରରେ ପରିବର୍ତ୍ତନ ଦେଖାଦିଏ । ସେ ପ୍ରତ୍ୟେକ ଯୁକ୍ତିଯୁକ୍ତ ବିଚାରକୁ ଗ୍ରହଣ କରନ୍ତି । ଆସ୍ତେ ଆସ୍ତେ ଆମ ଭିତରେ ଖୁବ୍ ଘନିଷ୍ଠତା ବଢ଼େ । ବନ୍ଧୁ ହାଜି ସାହେବ୍, ଲତିଫ୍ ସାହେବ୍ ଓ ଇମାମ୍ ସାହେବ୍‌ଙ୍କ ଠାରୁ ଆମକୁ ଅଧିକ ସମୟ ଦେବା ଆରମ୍ଭ କରନ୍ତି । ପୂର୍ବେ ପ୍ରତି ଶୁକ୍ରବାର ସେ ପ୍ରାର୍ଥନା ପାଇଁ ମସ୍‌ଜିଦ୍‌କୁ ଯାଉଥିଲେ । ତାହା ବନ୍ଦ ହୋଇଯାଏ । ତାଜିଆ ଶୋଭାଯାତ୍ରାରେ ଏଥର ସାମିଲ ନହେଲେ ବି ଏଥର ଚଳେ ତାଙ୍କର । ସେ କେବଳ ମଦ୍ରାସାକୁ ଅନୁଦାନ ଦେବା ଜାରି ରଖିଥାନ୍ତି । ସହରର ବିଭିନ୍ନ ରାଜନୈତିକ ସଭାରେ ତାଙ୍କ ଉପସ୍ଥିତି ଦେଖି ମୁସଲମାନ୍‌ମାନେ ତାଙ୍କୁ ସତର୍କ କରିବାକୁ ଚେଷ୍ଟା କରି କହନ୍ତି, "ରାଜନୀତି ତୁମ କାମ ନୁହେଁ, ଆଲ୍ଲାଙ୍କୁ ପ୍ରାର୍ଥନା କଲେ ଶାନ୍ତିରେ ରହିବ । ନହେଲେ କିଛି ଭୁଲ ନଥାଇ ବି ଦିନେ ଦୋଷୀ ହୋଇପାର ଅନ୍ୟ ଆଖିରେ । ନିଜ ସହ ଆମକୁବି ଘୋଷାଡ଼ିବ ଜେଲ୍‌କୁ । ଏଠି ରହିବାକୁ ହେଲେ ଏତେସବୁ ବିଷୟରେ ସଂଶ୍ଳିଷ୍ଟ ହେବା କ'ଣ ଦରକାର ଯେ ?" ଇମାମ୍‌ବାଡ଼ା ଓ ଶାଖାର ଲୋକେ କାହିଁକି ତାଙ୍କ ପ୍ରତି ଅଦ୍‌ଭୁତ ମତ ପୋଷଣ କରୁଥାନ୍ତି ଆମେ ତାହା ବୁଝି ପାରୁ ନଥାଉ । ତଥାକଥିତ ଦେଶପ୍ରେମୀମାନେ ତାଙ୍କ ଦୋକାନଠୁଁ ଦୂରେଇ ରହିବା ଉଚିତ୍ ମଣନ୍ତି । ଆଉ ଶେଷକୁ କିଛି ଏମିତି ଘଟେ ଯାହା ଏକ ଅପ୍ରୀତିକର ଉପସଂହାର ଆଣେ ଏଇ କାହାଣୀ ପାଇଁ ।

ଦିନେ ଜଣେ ଶଗଡ଼ଟିଏ ଆଣି ଠିକ୍ ତାଙ୍କ ଦୋକାନ ଆଗରେ ଠିଆ କରେ । ଜୁଆଳିରୁ ବଳଦଙ୍କୁ ଫିଟେଇ ଶଗଡ଼ଦଣ୍ଡାକୁ ଥୋଇଦିଏ ଦୋକାନ ସାମ୍ନା ପିଣ୍ଡା ଉପରେ । ଯା'ଫଳରେ ଦୋକାନକୁ ଆସୁଥିବା ଲୋକଙ୍କୁ ଅସୁବିଧା ହେବା ସହ କୁର୍ବାନ୍‌ଭାଇଙ୍କୁ ପଡ଼ୋଶୀ ଦୋକାନ ପିଣ୍ଡା ଦେଇ ବାହାରକୁ ବାହାରିବାକୁ ପଡ଼ିବ । ଶଗଡ଼ଟି ଥିଲା ସହରର ବିଖ୍ୟାତ୍ ଓକିଲ ତଥା ରାଜନେତା ଉଖ୍‌ଚନ୍ଦ୍ରଙ୍କର । ଗାଡ଼ିଟି ଏମିତି ରଖି ଚାଲିଗଲେ ତାଙ୍କୁ ବହୁତ ଅସୁବିଧା ହେବ ବୋଲି ଭାବି କୁର୍ବାନ୍‌ଭାଇ ତାକୁ ଟିକିଏ ଦୂରରେ ଗୋଟେ ଗଛ ମୂଳରେ ଠିଆ କରିବା ସହ ସେଇଠି ବଳଦମାନଙ୍କୁ ବାନ୍ଧିବାକୁ ଅନୁରୋଧ କରନ୍ତି । ଗାଡ଼ିଆଳ ତାଙ୍କ କଥା ନଶୁଣି ଯିବାକୁ ବାହାରେ । କୁର୍ବାନ୍‌ଭାଇ ଦୋକାନରୁ ବାହାରିଆସି ଶଗଡ଼ଟିକୁ ଟିକେ ପଛକୁ ଠେଲିବାକୁ ଉଦ୍ୟତ ହୁଅନ୍ତେ ଗାଡ଼ିଆଳ ବୁଲିପଡ଼ି ତାଙ୍କ ବେକକୁ ଧରି ପକାଇ ଗାଳିଦେବା ଆରମ୍ଭ କରେ । ତାଙ୍କ ଚଷମା ଛଡ଼େଇ ନେବା ସହ ଗଳାଧକ୍କା ଦେଇ ଦୁଇଚାରି ଗୋଇଠା ମଧ୍ୟ ପକାଏ । ସେତିକିବେଳେ ଓକିଲ ଉଖ୍‌ଚନ୍ଦ୍ ସେଇ ବାଟଦେଇ ଯାଉଥାନ୍ତି । ସେ ଚିତ୍କାର କରନ୍ତି, "କ'ଣ ହେଲା କି ଗୋମୟା ?" ଗୋମୟା କହେ, "ସେ ମୋତେ ପିଟୁଛି ।" କିଏ ? "ଏଇ ମିଆଁ ।" କୁର୍ବାନ୍‌ଭାଇ ଅବାକ୍ ହୋଇଯାଆନ୍ତି । ମୁଣ୍ଡକୁ ଦୁଇହାତରେ ଚାପିଧରି ବସିପଡ଼ନ୍ତି ସେଇ ରାସ୍ତା ଉପରେ । ଛାତି ଭିତରୁ ହାବୁକାଏ କୋହ ଉଠିଆସି ଗଳାକୁ ରୁନ୍ଧି ପକାଏ । ବର୍ଷ ବର୍ଷର ଲୁହ, ବନ୍ଧ ଭାଙ୍ଗି ତୀବ୍ର ବେଗରେ ବୋହିଯାଏ । ଏହା କିପରି ଓ କାହିଁକି ଘଟିଲା ? ଗୋମୟା ତାଙ୍କୁ ଚିହ୍ନିଛି କି ? ନିମିଷକେ ସେ କୁର୍ବାନ୍‌ଭାଇରୁ ମିଆଁ କେମିତି ପାଲଟିଗଲେ ? ଆପଣା ମାର୍ଜିତ ବ୍ୟବହାର ଯୋଗୁଁ ସେ ନିଜପାଇଁ ଗୋଟେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଥିଲେ । ତା'ପୂର୍ବରୁ ତାଙ୍କୁ ଖୁବ୍ କଠିନ ସମୟ ଦେଇ ଗତି କରିବାକୁ ପଡ଼ିଛି । ପ୍ରତିଦିନ କେବଳ ଏତିକି ସାନ୍ତ୍ୱନା ଯେ ଜୀବନ ପାକିସ୍ଥାନରେ ଏମିତି ସୁରୁଖୁରୁରେ ବଞ୍ଚି ହୋଇ ନଥାନ୍ତା ଯେମିତି ସେ ଏଠି ବଞ୍ଚୁଛନ୍ତି । ସେ ଖୁସି ଥିଲେ । ପରମ କାରୁଣିକ ଆଲ୍ଲା ସବୁର ସାକ୍ଷୀ । ଜୋଶ୍ ଯାଉ, ସୁରୈୟା ତା' ଦୁର୍ଭାଗ୍ୟକୁ ଭେଟୁ, ପୁରୁଣା ବନ୍ଧୁମାନେ ଭୁଲିହୋଇଯାଆନ୍ତୁ, ବ୍ୟବସାୟ ବନ୍ଦ ହୋଇଯାଉ, ବଦମାସ୍‌ମାନେ ଘର ମାଡ଼ିବସନ୍ତୁ, ଭାଇମାନେ ଅଚିହ୍ନା କବର ଭିତରେ ଶୁଅନ୍ତୁ ଓ ଗୋଟେ ଭରାପୂରା ଘରର ସ୍ୱପ୍ନ, ଧୂଳିର ପାହାଡ଼ ତଳେ ପୋତି ହୋଇଯାଉ । ଏସବୁ ସେ ସହିଛନ୍ତି ଭବିଷ୍ୟତର ଏକ ଭଲଦିନର ଆଶାରେ । ସେଇଲାଗି ଥିଲା ଏଇ କୃଚ୍ଛ୍ର ସାଧନା । କିଛି ବନ୍ଧୁଙ୍କ ହୃଦୟ ଜୟ କରିବା ପରେ ସେ ନିଜକୁ ବେଶ୍ ସୁରକ୍ଷିତ ମଣୁଥିଲେ । ପାଉଥିଲେ ମାନସିକ ଶାନ୍ତି । କିନ୍ତୁ ଲୋକସମ୍ପର୍କକୁ ଭିତ୍ତି କରି ଗଢ଼ିଥିବା ମହଲ ଗୋଟେ ବିସ୍ଫୋରଣରେ ଧୂଳିସାତ୍ ହୋଇଯାଏ । "ଜଣେ ନିରକ୍ଷର, ବୋକା," କୁର୍ବାନ୍‌ଭାଇ ଭାବନ୍ତି, "ହେଲେ କିଏ ସେଇ ବୋକା ? ସେ ଗାଡ଼ିଆଳ କି ମୁଁ ? ମୁହୂର୍ତ୍ତକ ଭିତରେ ମୁଁ କୁର୍ବାନ୍‌ଭାଇରୁ ମିଆଁ ପାଲଟିଯିବି ବୋଲି କେମିତି ଭାବି ପାରି ନଥିଲି ଯେ ! କେମିତି ବୁଝି ପାରିଲିନି ନିଜେ କଠିନ ପରିଶ୍ରମ କରି ଚଳିଲେ ବି ଏଇ ଲୋକମାନେ ଆମକୁ ସବୁ ଅଶାନ୍ତିର ମୂଳ ବୋଲି ଭାବନ୍ତି ବୋଲି । ମୁଁ ପାକିସ୍ଥାନ କାହିଁକି ଚାଲି ଗଲିନି ? ସେମିତି ଦରିଦ୍ର ଜୀବନ ବଞ୍ଚିଥିଲେ ବି ଏମିତି ଗାଳି ତ ଶୁଣି ନଥାନ୍ତି । ନିଜକୁ ଧିକ୍ ! ନିଜ ସ୍ଥିତିକୁ ଧିକ୍ ! ଧିକ୍ ଏଭଳି ଜୀବନକୁ ! ଆଲ୍ଲା ! ୟା ଆଲ୍ଲା !!

ଶଗଡ଼ ଓ ବଳଦଙ୍କୁ ସେଇମିତି ଦୋକାନ ସମ୍ମୁଖରେ ଛାଡ଼ି ଓକିଲ ଉଖ୍‌ଚନ୍ଦ୍ ଗୋମୟାକୁ ନେଇଯାଆନ୍ତି ସାଙ୍ଗରେ । ପଡ଼ୋଶୀମାନେ ଧାଇଁ ଆସିଲା ବେଳେ ଗଭୀର ଦୁଃଖରେ ଦାନ୍ତ କାମୁଡ଼ି ରାସ୍ତା ଉପରେ ବସିଥାନ୍ତି କୁର୍ବାନ୍‌ଭାଇ । ଓଠ ମଧ୍ୟଦେଇ କିଛି ଫେଣ ବାହାରି ଆସିଥାଏ । ଲୋକେ ତାଙ୍କୁ ବାରଣ୍ଡା ଉପରକୁ ଟେକିନେଇ ମୁହଁରେ ପାଣି ଛାଟି ସାନ୍ତ୍ୱନା କରନ୍ତି । ଏଇ ଅଘଟଣ ବିଷୟରେ ଜାଣି ଆମେ ସମସ୍ତେ ତାଙ୍କ ଦୋକାନ ପାଖରେ ଜମାହେଉ । ପୋଲିସ୍‌ରେ ଖବର ଦେବାକୁ ଭାବୁ । ଶୋଭାଯାତ୍ରା ବାହାରେ ପୋଲିସ୍ ଷ୍ଟେସନ୍ ଉଦ୍ଦେଶ୍ୟରେ । ହେଲେ ସେଠି ପହଞ୍ଚିଲା ବେଳକୁ ହାତ ଗଣତି କେତେଜଣ ହିଁ ଥାଆନ୍ତି ଆମ ସାଙ୍ଗରେ । ନିଜ ନିଜ କାମର ବାହାନା ପୁଣି ଅଛି ନା । ପୋଲିସ୍ ଅଫିସର କିଛି ସମୟ ପୂର୍ବରୁ ମଟରସାଇକେଲ ନେଇ କୁଆଡ଼େ ଯାଇଥାନ୍ତି । ମୁନ୍‌ସୀ ରିପୋର୍ଟ ଲେଖିବାକୁ ମନା କରିଦିଏ । ଉଖ୍‌ଚନ୍ଦ୍ ସେମାନଙ୍କୁ ଫୋନ୍ କରିସାରିଥାନ୍ତି । ଦେଢ଼ଘଣ୍ଟା ଯାଏ ଅଫିସରଙ୍କୁ ଅପେକ୍ଷା କରି ଶେଷକୁ ଆମେ ଫେରିଆସୁ । ସନ୍ଧ୍ୟାରେ ପୁଣି ଯିବାର ଯୋଜନା । ହେଲେ କୁର୍ବାନ୍‌ଭାଇ ଆମସହ ଆସିବାକୁ ଇଚ୍ଛା ନକରି ନିଜ ଦୋକାନରେ ବ୍ୟସ୍ତ ରହନ୍ତି । ଯେମିତି ଆମପାଇଁ ତାଙ୍କ ପାଖରେ ସମୟର ଘୋର ଅଭାବ । ନିଜ ଭିତରର ଦୋଷୀ ଭାବ କୁର୍ବାନ୍‌ଭାଇଙ୍କ ଠାରୁ ଆମକୁ ଦୂରେଇ ଦିଏ । ଏହା ସେମିତି କିଛି ବଡ଼ ଘଟଣା ନଥିଲା । ଗୋଟେ ଅଶିକ୍ଷିତ ଲୋକର କାମ ବୋଲି ଏହାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା । ହେଲେ ଆମେ ଦୁଃଖୀ ଥିଲୁ ବନ୍ଧୁଙ୍କ ଅପମାନର କିଛି ବି ପ୍ରତିବାଦ କରି ପାରିଲୁନି ବୋଲି । କୁର୍ବାନ୍‌ଭାଇଙ୍କ ପ୍ରତି ହୁଏତ ଏହା ଆହୁରି ବିପଦ ଆଣିଦେଇଥାନ୍ତା । ପୋଲିସ୍ ଉପରେ ଭରସା କରିବା ବି ବୋକାମୀ । ଏସବୁର ସମାଧାନ ରାଜନୀତି ଦ୍ୱାରା ହିଁ ସମ୍ଭବ । ସେଥିପାଇଁ ଜଣକୁ ନିଜ କ୍ଷମତା, ଶକ୍ତି ଓ ସମର୍ଥନ ବଢ଼ାଇବାକୁ ପଡ଼ିବ । ହେଲେ, ଏସବୁ ଗୋଟେ ଗୋଟେ ବାହାନା । ସତ୍ୟଟି ଏହା ଯେ ଆମେ କୁର୍ବାନ୍‌ଭାଇଙ୍କୁ ଏକ୍ଲା ଛାଡ଼ିଦେଇଥିଲୁ ବଞ୍ଚିବା ପାଇଁ । ଏହାପରେ ତାଙ୍କ ଦୋକାନରେ ଭୀଡ଼ କମିଯାଏ । ସେ ଦୁର୍ବଳ ଜଣାପଡ଼ନ୍ତି । ଖୁବ୍ କମ୍ କଥା ହୁଅନ୍ତି ଆମସହ, ବ୍ୟସ୍ତ ରହିବାର ବାହାନା କରି । ନିଜ ଭିତରେ ନିଜେ ଅହରହ ଜଳୁଥାନ୍ତି । ଆମେ ତାଙ୍କୁ କଥା କୁହାଇ ହାଲ୍‌କା କରିବାରେ ଅସମର୍ଥ ହେଉ । ଦିନେ ତାଙ୍କ ଦୋକାନକୁ ଗଲାବେଳେ ମୋ ଆଡ଼କୁ ପଛକରି ଠିଆହୋଇ ଜଣକୁ କହୁଥାନ୍ତି, "କ'ଣ ପଚାଶଡ଼ା ବିଷୟ ସବୁ ପଢ଼ାଉଛ ଇତିହାସ ନାଁରେ । କହୁଛ ବିଭାଜନ ହୋଇଥିଲା । 'ଅତୀତକାଳ'ର ପ୍ରୟୋଗ କରନି । ସରିନାହିଁ, ଏବେ ବି ଘଟୁଛି ପ୍ରତିଦିନ, ପ୍ରତିଘଣ୍ଟା, ପ୍ରତି ମୁହୂର୍ତ୍ତରେ ।" ମୋତେ ଦେଖି ସେ ଚୁପ୍ ହେବାସହ ଆପଣା କାମରେ ଲାଗିଯାଆନ୍ତି ।

କାହାଣୀର ଉପସଂହାର ସୁଖକର ନୁହେଁ । ମୁଁ ଚାହେଁନି ଏହା ତୁମେ ପଢ଼ ବୋଲି । ହେଲେ ଯଦି ପଢ଼ିବ ତେବେ ଥରୁଟିଏ ଭାବିବ ଏଇ ଗପଟି ଭିନ୍ନ ବାଗରେ ପଢ଼ାଯାଇ ପାରିଥାନ୍ତା କି ବୋଲି । ଗୋଟେ ସୁଖଦ ଅନ୍ତ ? ଯଦି ହଁ, ତେବେ କେମିତି ? ଯାହା କହିବାକୁ ବାକି ରହିଲା ତାହା : କିଛିଦିନ ପରେ ମୁଁ ଆଜାଦ୍ ଛକ ଦେଇ ଯାଉଥିବା ବେଳେ ଦେଖେ ଲତିଫ୍‌ଭାଇ ଠିଆ ହୋଇଛନ୍ତି କୁର୍ବାନ୍‌ଭାଇଙ୍କ ଦୋକାନ ଆଗରେ । ଦିନଟି ଥାଏ ଶୁକ୍ରବାର । କୁର୍ବାନ୍ ଭାଇ ସଟର୍ ଟାଣୁଥାନ୍ତି ଦୋକାନର । ..... ସେ ଟୋପି ପିନ୍ଧନ୍ତି .... ଆଉ ଦୁହେଁ ପରସ୍ପର ଭିତରେ କଥାବାର୍ତ୍ତା ହୋଇ ମସ୍‌ଜିଦ୍ ଆଡ଼କୁ ମୁହାଁନ୍ତି ।(ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ମାର୍ଚ୍ଚ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଆଉଜା କବାଟ (୩୦)



# ସାହିତ୍ୟକାର : କେତେଦୂର ନକଲି ଠୁଁ ଅସଲି

ଡ. ରାଧାରଂଜନ ପଟ୍ଟନାୟକ

ଏମିତି ଏକ ଛାଇ ଲେଉଟା ବେଳ। ଚା ଖଟିର ଆସର। ହାତରେ ଧରିଥିବା ୟୁଜ୍ ଏଣ୍ଡ ଥ୍ରୋ କପ୍‌ର ଚା' ଅଧା ନ ହେଉଣୁ ଓଡ଼ିଆ ସାହିତ୍ୟରେ ପି.ଏଚ୍.ଡି ଡିଗ୍ରୀ ଧାରୀ ଜଣେ ବନ୍ଧୁ ମୋତେ ପ୍ରଶ୍ନ କଲେ - "ରାଧାରଂଜନ ! ଏବେଏବେ ସାହିତ୍ୟର ଚାରଣ ଭୂଇଁରେ ଅନେକ ସାହିତ୍ୟିକଙ୍କର ଆତଯାତ। ଏମାନଙ୍କ ମଧ୍ୟରୁ କିଏ ଅସଲି କିଏ ନକଲି ଚିହ୍ନିବା କିପରି ?" ବନ୍ଧୁଙ୍କ ଏଭଳି କଥାକୁ ମୁଁ ହସରେ ଉଡ଼ାଇ ଦେଲି ସେହି ମୁହୂର୍ତ୍ତରେ। କିନ୍ତୁ ପରକ୍ଷଣରେ ଯେତେବେଳେ ନୀରବରେ ଏକାଏକା ବସିଥାଏ, କାହିଁକି କେଜାଣି ବନ୍ଧୁଙ୍କ କଥାଟି ମୋ ହୃଦୟକୁ ବାରମ୍ବାର ଆନ୍ଦୋଳିତ କଲା। ଅସଲି ସାହିତ୍ୟିକଙ୍କ ସଂଜ୍ଞା କ'ଣ? ସେମାନଙ୍କୁ ଜାଣିବା କିପରି ? ? ଏଇମିତି ପ୍ରଶ୍ନ ଭିତରେ ମୁଁ ବାରମ୍ବାର ଛନ୍ଦି ହେଲି। ବିଚାରିଲି, ଏ ସମ୍ପର୍କରେ ମୁଁ ମୋର କିଛି ମତାମତ ରଖିବି। କିନ୍ତୁ ମୋର ଲେଖାଟି ପଢ଼ି କେହି ପ୍ରତିକ୍ରିୟାଶୀଳ ହେବେ ନାହିଁ ତ ! ତଥାପି ସାହସ ବାନ୍ଧିଲି। ଲେଖିବା ପାଇଁ ଆଗ୍ରହ ପ୍ରକାଶ କଲି। ତେଣୁ ଆଜିର ଏହି ପ୍ରସଙ୍ଗଟି ହେଉଛି 'ଅସଲି ସାହିତ୍ୟକାର' କିଏ ?

ଅସଲି ସାହିତ୍ୟକାର ସମ୍ପର୍କରେ ଅନେକ ତର୍କବିତର୍କ ଆରମ୍ଭ ହେଉଛି। ଯାହାର ସମାଧାନ ଅଦ୍ୟାବଧି ହୋଇପାରୁ ନାହିଁ। ସାହିତ୍ୟକାର ଏବଂ ଅସଲି ସାହିତ୍ୟକାରର ସୂକ୍ଷ୍ମ ଭେଦକୁ ବୁଝିହୁଏ। ମାତ୍ର ଏହାର ଯଥାର୍ଥତା ସହଜରେ ହଜମ ହୁଏନାହିଁ। ଯେତେବେଳେ ସାଧାରଣ ବ୍ୟକ୍ତିଟିଏ ସାହିତ୍ୟକାର ହୋଇଯାଏ, ସେତେବେଳେ ସେ ଅନ୍ୟମାନଙ୍କ ଠାରୁ ପର୍ଯ୍ୟାପ୍ତ ଭାବେ ଭିନ୍ନତା ଗ୍ରହଣ କରିଥାଏ। ସୁତରାଂ ସାହିତ୍ୟକାର ଏବଂ ଅସଲ ସାହିତ୍ୟକାରର ପ୍ରଭେଦକୁ ବୁଝିବାକୁ ହେବ। ବୁଝିବାକୁ ହେବ, ସେମାନଙ୍କ ଚାରିତ୍ରିକ ଲକ୍ଷଣର ଚିତ୍ରପଟ୍ଟ। ନହେଲେ ପ୍ରକୃତ ସାହିତ୍ୟକୁ ଚିହ୍ନଟ କରିବା ଦିଗରେ କୌଣସି ନା କୌଣସି ସ୍ଥାନରେ ଅସୁବିଧାକୁ ସାମ୍ନା କରିବାକୁ ପଡ଼ିପାରେ।

ଏବେ ଆସନ୍ତୁ ଏହି ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବା। ସମ୍ପ୍ରତି ଦେଖାଯାଉଛି ଯେ ପତ୍ରକାର ଏବଂ ସାହିତ୍ୟକାର ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ। କେବଳ ଚିନ୍ତା ଓ ଚେତନାର ଫରକ୍ ରହିଛି ମାତ୍ର। ସମୟ ସମୟରେ ପତ୍ରକାରମାନେ ବି ସାହିତ୍ୟିକ ହୋଇଯିବାର ଦେଖାଦେଉଛନ୍ତି। ପତ୍ରକାର ହାତରେ ଥାଏ ଖବରକାଗଜ। ଏଣୁ ସେ ଖୁବ୍ ଲେଖେ। ତର୍କଶାସ୍ତ୍ର କହେ, ଲେଖିବା ବାଲାକୁ ହିଁ ଲେଖକ କହନ୍ତି। ଅନ୍ୟପକ୍ଷରେ ସାହିତ୍ୟକାରମାନଙ୍କୁ ବି ଲେଖକ କୁହାଯାଏ ଏଥିରେ ଦ୍ୱିମତ ହେବାର ନାହିଁ। ଲେଖକଟିଏ ପତ୍ରିକାର ସମ୍ପାଦକଙ୍କ କରୁଣା ଉପରେ ନିର୍ଭର କରିଥାଏ। ସେମାନଙ୍କୁ ସୃଜନଶୀଳ ସ୍ରଷ୍ଟାର ସ୍ୱୀକୃତି ଦେବା ସତେ ଯେମିତି ପତ୍ରପତ୍ରିକାର ସମ୍ପାଦକଙ୍କ ମର୍ଜି ଉପରେ ନିର୍ଭରଶୀଳ। ରାତାରାତି ଜଣେ ସାଧାରଣ ଲେଖକକୁ ସେମାନେ ଅସାଧାରଣ କରିଦେଇ ପାରନ୍ତି ପୁଣି ଜଣେ ବାସ୍ତବ ଲେଖକକୁ ବି କୋଣଠେସା କରିଦେବାର ହିମ୍ମତ୍ ଦେଖାନ୍ତି। ଏହା ତାଙ୍କର ସମ୍ପାଦକୀୟ ଅଧିକାର ବୋଲି ସେମାନେ ମାନିନେଇଛନ୍ତି। ଛାଡ଼ନ୍ତୁ। ସେ ଦିଗକୁ ଯିବାନାହିଁ। କାରଣ ଯେତେ ବେଶି ଆଲୋଚନା କରିବି ସେତେ ବେଶି ଆକ୍ରୋଶର ଶିକାର ହେବି।

ତେବେ ଅସଲି ସାହିତ୍ୟକାର ସମ୍ପର୍କରେ ବିଶ୍ଳେଷଣ କରିବା। ମୋର ତ ମନେହୁଏ, ଅପମିଶ୍ରିତ ବନସ୍ପତି ଘିଅରେ ସତ୍ତା ହରାଇଥିବା ଅସଲି ଘିଅ ପରି ହେଉଛନ୍ତି ଅସଲି ସାହିତ୍ୟିକ। ଯେପରି ବନସ୍ପତି ଘିଅ ପ୍ରଚଳନ ପାଇଁ ଖୁବ୍ ସ୍ୱଳ୍ପ ପରିମାଣରେ ଦେଶୀଘିଅର ମିଶ୍ରଣ ହୋଇଥାଏ, ଫଳସ୍ୱରୂପ ଅପମିଶ୍ରିତ ବସ୍ତୁରେ ଦେଶୀ ଘିଅ ତା'ର ମୂଳ ପରିଚୟ ହରାଇ ବସେ। ଏହାର ଏକମାତ୍ର କାରଣ ନକଲି ଘିଅ ପ୍ରସ୍ତୁତ କରିବାରେ ଅନେକ ଘିଅ ପ୍ରସ୍ତୁତକାରୀ କିଛି ପରିମାଣରେ ଅସଲିଘିଅ ଆବଶ୍ୟକ କରନ୍ତି। ତା'ପରେ ସେମାନେ ପ୍ରସ୍ତୁତ କରନ୍ତି ବନସ୍ପତି ବ୍ରାଣ୍ଡମାର୍କା ଘିଅ। ଯେମିତି ଏହି ଘିଅ ଭିତରେ ଅସଲିଘିଅ ତା'ର ଅସ୍ତିତ୍ୱ ହରାଇ ବସେ, ଠିକ୍ ସେହିପରି ଅସଲି ସାହିତ୍ୟକାର ଅନେକାଂଶରେ ଉପକ୍ଷିତ ହୋଇଥାନ୍ତି। ପ୍ରକୃତ ମଗ୍ନ ସାହିତ୍ୟିକଟିଏ ନୀରବରେ ସାଧନା କରେ। ଦଣ୍ଡିକିରି ମାଛ ଭଳି ଫଡ଼ଫଡ଼ ହୁଏନା। ବର୍ଷକ ଭିତରେ ସେ ପ୍ରାୟ ଚାରି ପାଞ୍ଚଟି କାଳଜୟୀ ରଚନା କରେ। ଅବଶିଷ୍ଟ ଜୀବନ ତା'ର ବିତେ ଗମ୍ଭୀର ମୁଦ୍ରା ଏବଂ ଚିନ୍ତନ ଶିଳ୍ପରେ।

ସମ୍ପ୍ରତି ଏହା ବି ଦେଖାଯାଉଛି ଅସଲି ସାହିତ୍ୟକାର ଲେଖନ୍ତି କମ୍ ଅଥଚ ଭାଷଣ ଦିଅନ୍ତି ବେଶି। ଯଦି ଏମାନଙ୍କର ନିତିଦିନର ମୌଖିକ ଭାଷଣକୁ ଟେପ୍ କରାଯାଏ, ତେବେ ପ୍ରତିଦିନ ଏକ ପକେଟ୍ ବୁକ୍ ତିଆରି ହୋଇପାରିବ। ସେମାନଙ୍କର ମୌଖିକ ଭାଷଣ ଏପରି ତୀକ୍ଷ୍ଣ ତଥା ବ୍ୟଞ୍ଜନାଧର୍ମୀ ହୋଇଥାଏ ଯେ, ଅନେକ ପତ୍ରପତ୍ରିକାର ସମ୍ପାଦକ ବି ସେମାନଙ୍କ ପାଖ ମାଡ଼ନ୍ତି ନାହିଁ। କାରଣ ଏମାନଙ୍କ ଜ୍ଞାନ ତଥା ବହୁ ଶାସ୍ତ୍ରୀୟଦର୍ଶିତା ଉପରେ ଅନଭିଜ୍ଞ ସମ୍ପାଦକ ନିଜକୁ ଛୋଟ ମନେ କରିଥାନ୍ତି। ଫଳରେ ପ୍ରତିଭାବାନ୍ ଲେଖକଙ୍କଠାରୁ ଜାଣିଶୁଣି ସେମାନେ ନିଜକୁ ଦୂରେଇ ରଖନ୍ତି।

ସବୁଠୁ ଆଶ୍ଚର୍ଯ୍ୟର କଥା ଅସଲି ସାହିତ୍ୟକାର ନିଜ ଘରେ ପିଲା ତଥା ପତ୍ନୀଙ୍କ ଉପରେ ସାହିତ୍ୟକୁ ଯଥା ସମ୍ଭବ ଲଦି ଦେଇଥାନ୍ତି। କଥା କଥାରେ ସାହିତ୍ୟର ବିମ୍ବ ଏବଂ ପ୍ରତୀକ ଜରୀଆରେ ଜୀବନଶୈଳୀ ସମ୍ପର୍କରେ ଉଦାହରଣ ପ୍ରଦାନ କରିଥାନ୍ତି। ସେ ଘରେ ଏପରି ବୋର୍ କରିଦିଅନ୍ତି ଯେ ଅଧିକାଂଶ ଘରର ସଦସ୍ୟ ତାଙ୍କ ଦର୍ଶନପୂର୍ଣ୍ଣ ତାତ୍ତ୍ୱିକ ଜଞ୍ଜାଳ ଭିତରୁ ନିଜକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥାନ୍ତି। ଅସଲି ସାହିତ୍ୟକାର କଲମ ଚାଷ କରିବାକୁ ଖୁବ୍ ଭଲପାଆନ୍ତି। ଅନ୍ୟ କାମଧନ୍ଦା ପ୍ରତି ନଥାଏ ରୁଚି ନଥାଏ ଆବେଗ। କେବଳ ମିଛିମିଛିକା ଆଖିଦୃଶିଆ କାମ କରି ଚାଲିଥାନ୍ତି ସରକାରୀ କଳର ବନ୍ଧନରେ। ଅବା କେହି କେହି ସରକାରୀ ଚାକିରୀ କରି ନଥିଲେ ବି ବାପା ରାଣ ଢ଼ିଙ୍କି ଗିଲ୍ ଭଳି ପେଟପାଟଣା ପାଇଁ କିଛି କିଛି କାମ ହାତକୁ ନେଇଥାନ୍ତି। ଏଥିରେ ନା ଥାଏ ମନ ! ନା ଥାଏ ହୃଦୟ !!

ସାଧାରଣତଃ କେତେକାଂଶରେ ଏହା ବି ଦେଖାଯାଉଛି ଯେ ଅସଲି ସାହିତ୍ୟକାରଙ୍କ ପତ୍ନୀମାନେ ହିଁ ଅର୍ଥ ରୋଜଗାର କରିବା ପାଇଁ ଚାକିରୀ କରିଥାନ୍ତି। ସେମାନେ କମାନ୍ତି ମାତ୍ର ବିନା ଖର୍ଚ୍ଚରେ ଭାତ, ଡାଲି ସହ ଛଅ ତିଅଣ ଗ୍ରହଣ କରି ସାରାଦିନ ଅସଲି ସାହିତ୍ୟକାରମାନେ ସାହିତ୍ୟ ସାଧନାରେ ମଜିଥାନ୍ତି। ୨୪ ଘଣ୍ଟାରୁ ୧୦/୧୨ ଘଣ୍ଟା ସେମାନଙ୍କର ବିତିଥାଏ ସାହିତ୍ୟର ଉପାସନା ପାଇଁ। ସେମାନେ ନିଜ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ନିଜର ଆର୍ଥିକ ଅନଟନ କଥା କାହାରି ଆଗରେ ପ୍ରକାଶ କରନ୍ତି ନାହିଁ। ସେ ବିଚରା ହୋଇପାରେ। ହୋଇପାରେ ବେସାହାରା। ତଥାପି କାହାରି ପାଖରେ ନିଜକୁ ବିକ୍ରି କରେନି କି କାହାରି ଅଯୌକ୍ତିକ କଥାରେ ସମର୍ଥନ ବି ଜଣାଏ ନାହିଁ। ସେ ତା'ର ସୃଜନ କର୍ମକୁ ନିର୍ଲିପ୍ତ ଭାବେ କରିଚାଲିଥାଏ। ତା'ର ଲେଖାଗୁଡ଼ିକ କେହି ନ ଛିପିଲେ ବି ସେ ନିରନ୍ତର ଲେଖେ। ପାଣ୍ଡୁଲିପିକୁ ସାଇତି ରଖେ। ଏଇଥିରୁ ସେ ପାଏ ପରମ ତୃପ୍ତି।

ଅସଲି ସାହିତ୍ୟକାରର ଅଧ୍ୟବସାୟ ଖୁବ ପ୍ରଚଣ୍ଡ। ସେ ପଢ଼େ। ରୀତିମତ। ବିଭିନ୍ନ ଭାଷାର ପୁସ୍ତକ ଅଧ୍ୟୟନ କରେ। ଅନୁଶୀଳନ ବି। କେବଳ ସ୍ୱଦେଶୀ ସାହିତ୍ୟର କଥା ଲେଖେନାହିଁ କି କହେନାହିଁ। ସେ ଅନ୍ୟ ଭାଷା ତଥା ଦେଶ ବିଦେଶର ସାହିତ୍ୟିକଙ୍କର ବିଦ୍ୱତା ସମ୍ପର୍କରେ ଜାଣିବାକୁ ଇଚ୍ଛାପ୍ରକାଶ କରେ। ସେମାନଙ୍କ ଜୀବନ ଶୈଳୀ ଏବଂ ସୃଜନ ଶିଳ୍ପରେ ଅନୁପ୍ରାଣିତ ହୋଇଥାଏ। ଯେଉଁଠି ସାଧାରଣ ସାହିତ୍ୟକାରଟିଏ ଶୀର୍ଷରେ ପହଞ୍ଚିପାରେ ନାହିଁ, ସେଇଠି ଅସଲି ସାହିତ୍ୟକାର ସୃଜନ କୋଣାର୍କର ଧର୍ମପଦ ସାଜିଥାଏ। ସାହିତ୍ୟ ସଭା, ବିଚାରଗୋଷ୍ଠୀ, ସେମିନାର ଆଦି ଅସଲି ସାହିତ୍ୟକାରଙ୍କ ପ୍ରିୟସ୍ଥଳ। ଏଇମାନଙ୍କ ଉଦ୍ୟମରେ ହିଁ ଏତାଦୃଶ କାର୍ଯ୍ୟକ୍ରମ ହୋଇଥାଏ। ଯେଉଁଠି ପରସ୍ପର ଭାବବିନିମୟ ହୁଏ, ସାହିତ୍ୟ ଚର୍ଚ୍ଚା ବି ହୁଏ। ଭୂମଣ୍ଡଳୀୟ ସାହିତ୍ୟଧାରା ଉପରେ ବିତର୍କ ଚାଲେ। ଏଥିରେ ସେମାନେ ଉଲ୍ଲସିତ ହୁଅନ୍ତି। ଏକ ଅଦ୍ଭୁତ ଆନନ୍ଦ ଉପଭୋଗ କରନ୍ତି। ବେଳେବେଳେ ଏମିତି ହୁଏ ଯେ, ନକଲି ସାହିତ୍ୟକାର ନିଜ ପରିଚୟ ସଙ୍କଟରୁ ମୁକ୍ତି ପାଇବାପାଇଁ ସମୟ ସମୟରେ ନିଜ ବାଜଣା ନିଜେ ବଜାଇଥାନ୍ତି। କାରଣ ସେ ଚାହାଁନ୍ତି ସଭିଏଁ ତାଙ୍କୁ ଅସଲି ସାହିତ୍ୟକାର କୁହନ୍ତୁ। ଏମିତି ଅନେକ ନକଲି ସାହିତ୍ୟକାର ଯାହା ବି ଲେଖିଲେ, ଯାହା ବି କହିଲେ ତାହା ସାହିତ୍ୟ ହୋଇଯାଏ ବୋଲି ଦାବି କରନ୍ତି। ଏହାଠାରୁ ବିଡ଼ମ୍ବନା କ'ଣ ଥାଇପାରେ ? (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୧୮୬



# ।। ସିଦ୍ଧାର୍ଥ ଓ ର୍‍ୟାଗିଂ ।।

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସିଦ୍ଧାର୍ଥ ତା'ର ଏମ୍.ବି. ବି.ଏସ୍. ଜଏଣ୍ଟ୍ ମେଡ଼ିକାଲ ଏଣ୍ଟ୍ରାନ୍ସ ପରୀକ୍ଷାରେ ର୍‍ୟାଙ୍କ୍ ରଖି ବରହମ୍ପୁର ମେଡ଼ିକାଲ କଲେଜରେ ଆଡ଼ମିଶନ ନେଲା କିନ୍ତୁ ସେତେବେଳେ ଜେନେରାଲ କଲେଜ ସହ, ଇଂଜିନିୟରିଂ ଓ ମେଡ଼ିକାଲ କଲେଜରେ ମଧ୍ୟ ଖୁବ୍ ର୍‍ୟାଗିଂ ହେଉଥିଲା । ସେଥିପାଇଁ ପ୍ରଥମ ଦୁଇ ମାସ ଯାଏଁ ଆମେ ତାକୁ ହଷ୍ଟେଲ୍‌ରେ ନରଖି ବ୍ରହ୍ମପୁରରେ ଜଣେ ବନ୍ଧୁଙ୍କ ଘରେ ରଖିଥିଲୁ ଯାହାଙ୍କ ପୁଅ ମଧ୍ୟ ସେଇ ବ୍ରହ୍ମପୁର ମେଡ଼ିକାଲ କଲେଜରେ ତା' ସାଙ୍ଗରେ ପଢୁଥିଲେ । କାଳେ ଆମେ ବ୍ୟସ୍ତ ହୋଇ ଯିବୁ ବୋଲି ସିଦ୍ଧାର୍ଥ ର୍‍ୟାଗିଂ କଥା ଆମକୁ କିଛି କହୁନଥାଏ । ଆଶ୍ଚର୍ଯ୍ୟ ରକମର ଧୈର୍ଯ୍ୟ ତା'ର ଥିଲା । ସେ ର୍‍ୟାଗିଂକୁ ସାମ୍ନା କରୁଥିଲା ଅଥଚ ଆମକୁ କିଛି ଜଣାଉ ନଥିଲା ।

ଥରଟିଏ ରମାରମଣ କହିଲେ "ବ୍ରହ୍ମପୁର ଚାଲ, ପୁଅକୁ ଦେଖି ଆସିବା ।" ସଂଗେ ସଂଗେ ଆମେ ଛୁଟିନେଇ ବ୍ରହ୍ମପୁର ବାହାରିଲୁ । ପ୍ରାୟ ଦିନ ୪ଟା ବାଜିଗଲା ସେଠି ପହଂଚୁ ପହଂଚୁ, ଆମେ ସିଧା ପ୍ରିନ୍ସିପାଲ ଅଫିସ୍ ରେ ପହଞ୍ଚି ତାକୁ ଡକାଇ ପଠାଇଲୁ । ଚାରିଆଡ଼େ ପବନ ଭଳି ଖବର ଖେଳାଇ ହୋଇଗଲା ଯେ ଆମେ ଦୁହେଁ ସିଦ୍ଧାର୍ଥ କୁ ଦେଖିବାକୁ ଆସିଛୁ କାରଣ ସେତେବେଳେ ର୍‍ୟାଗିଂ ଜୋର୍ ସୋର୍ ଚାଲିଥିଲା। ତା' ସାଙ୍ଗ ମାନେ ଆସି ଆମ ପାଖରେ ପହଂଚି ଗଲେ । ଆମେ ପ୍ରିନ୍ସିପାଲଙ୍କର ରୁମ୍‌ରେ ତାକୁ ଅପେକ୍ଷା କଲୁ । ଅଧ୍ୟକ୍ଷ ଡଃ ରବି ଶତପଥୀ ଆମ ସାଂଗରେ କଥାବାର୍ତ୍ତା ହେଉଥିଲେ - ହଠାତ୍ ଦେଖିଲା ବେଳକୁ ସିଦ୍ଧାର୍ଥ ଦଉଡ଼ି ଦଉଡ଼ି ଆସି ଝାଳନାଳ ହୋଇ ଆମ ପାଖରେ ଆସି ଠିଆ ହେଲା । ସେ ପୁରା ପୁରି ଝାଳରେ ତିନ୍ତି ଯାଇ କ୍ଳାନ୍ତ ହୋଇଯାଇଥିଲା ଏବଂ ମୁଣ୍ଡବାଳ ସବୁ ଠିଆ ହୋଇଫୁରଫୁର୍ ଉଡୁଥିଲା । ଆମେ ତାର ଏମିତି ଅବସ୍ଥା ଦେଖି କାରଣ କ'ଣ ବୋଲି ପଚାରିଲୁ ଅଥଚ ସେ କିଛି କହିଲାନି । ସାଙ୍ଗମାନଙ୍କ ପାଖରୁ ଶୁଣିଲୁ - ତାକୁ ତା' ସିନିୟରମାନେ ର୍‍ୟାଗିଂ କରୁଥିଲେ ଓ ଗୋଟିଏ ଫୁଲଦାନୀ ସହ ଫୁଲତୋଡ଼ା ଧରେଇ ଦେଇ କହିଥିଲେ "ଏଇ ଫୁଲଦାନୀକୁ ଅଲିମ୍ପିକ୍‌ର ମଶାଲ ଭାବି ହାତରେ ଧରି ଦଉଡ଼ ।" ପ୍ରାୟ ଦଶଥର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଦଉଡ଼ି ସାରିଲା ପରେ ଆସିବୁ । ବାସ୍, ସେ ସିନିୟର ପିଲାଙ୍କ କଥା ମାନି ଦଉଡୁଥିଲା - ରମାରମଣ କିନ୍ତୁ ନଛୋଡ଼ବନ୍ଧା ସେ କହିଲେ ର୍‍ୟାଗିଂ କରୁଥିବା ପିଲାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ କରି ର୍‍ୟାଗିଂ ବନ୍ଦ କରିବା ଖୁବ୍ ଜରୁରୀ" ଏଠି ନୂଆ ନୂଆ ଆଡ଼ମିଶନ୍ ନେଇଥିବା ପିଲାଙ୍କୁ କେବଳ ହାରାସ୍‌ମେଣ୍ଟ କରାଯାଉଛି କାରଣ ଭାରତରେ କେତେକ କଲେଜରେ ର୍‍ୟାଗିଂ ଯୋଗୁଁହିଁ ଛାତ୍ର, ଛାତ୍ରୀମାନେ ଗୁରୁତର ଭାବରେ ଶାରୀରିକ ଓ ମାନସିକ ଆଘାତ ପାଉଛନ୍ତି ଏବଂ ବେଳେବେଳେ ଆତ୍ମହତ୍ୟା ମଧ୍ୟ କରିବାକୁ ପଛାଉ ନାଥାନ୍ତି । ତା'ପରେ ପରେ ର୍‍ୟାଗିଂ ବହୁତ କମିଯାଇଥିଲା । ଆମେ ବହୁ ଚେଷ୍ଟା କରି ସିଦ୍ଧାର୍ଥକୁ ବଦଳି କରି କଟକ ମେଡ଼ିକାଲ କଲେଜକୁ ଟ୍ରାନ୍ସଫର କରି ନେଇ ଆସିଲୁ ଏବଂ ତା'ପରେ ଯାଇ ଆମେ ଟିକେ ଆଶ୍ୱସ୍ତ ହେଲୁଁ । ଏଠାରେ ପ୍ରକାଶଯୋଗ୍ୟ ଯେ, ମେଡ଼ିକାଲ୍ କଲେଜରେ ରମାରମଣ ପ୍ରିନ୍ସିପାଲ ଦାୟିତ୍ୱ ଗ୍ରହଣ କରିବା ପରେ ର୍‍ୟାଗିଂକୁ ପୁରାପୁରି ନିଷିଦ୍ଧ କରି ଦେଇଥିଲେ । କଲେଜରେ ସବୁ କ୍ଲାସ ତଥା ଲେଡ଼ିଜ୍ ଓ ଜେଣ୍ଟସ୍ ହଷ୍ଟେଲକୁ ନୋଟିସ୍ ଜାରି କରାଯାଇ ଥିଲା ଏବଂ ର୍‍ୟାଗିଂ ତାଙ୍କ ସମୟରେ ପୁରାପୁରି ବନ୍ଦ ହୋଇଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏସ୍.ସି.ବିରେ ଜଏନ୍ କରିବାର ଅଳ୍ପଦିନ ଭିତରେ ସିଦ୍ଧାର୍ଥର ଆନାଟୋମି ଡିପାର୍ଟମେଣ୍ଟର ଆନୁଆଲ୍ ଫଙ୍କସନ୍ ହେଲା । ତା'ର ଏକାଡ଼େମିକ୍ ପ୍ରତିଯୋଗିତାରେ ଆବେରେଣ୍ଟ୍ ଆର୍ଟେରୀଜ୍ ଅଫ୍ ହାର୍ଟ ଚିତ୍ର ଦେଖାଇ ଓ ତା'ର ଉପଯୁକ୍ତ ଉତ୍ତର ଦେଇ ସେ ତାଙ୍କ କ୍ଲାସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ବହିଃ ପରୀକ୍ଷକ (ଏକ୍ସଟର୍ନାଲ ଏକ୍‌ଜାମିନର) ତା'ର ଚିତ୍ର ଏବଂ ଉତ୍ତର ଦେବାର ଶୈଳୀକୁ ଖୁବ୍ ପସନ୍ଦ କରିଥିଲେ ଏବଂ ତାକୁ ସବୁଠାରୁ ଭଲ ମାର୍କ ଦେଇଥିଲେ । ଏପଟେ ଆନାଟୋମି ଡିପାର୍ଟମେଣ୍ଟଟି ଶବକଟାକଟି ଡିପାର୍ଟମେଣ୍ଟ ହୋଇଥିବାରୁ ସେଠାରେ କୌଣସି ଆନୁଆଲ୍ ଫଙ୍କ୍‌ସନ ହେଉନଥିଲା । ମୁଁ ଓ ରମାରମଣ ଯାଇ ତାଙ୍କ ପ୍ରଫେସର କାଞ୍ଚନ୍ ବୋଷଙ୍କୁ ଦେଖାକରି ତାଙ୍କର ପ୍ରଦର୍ଶନୀ ଏବଂ ଲଂଚ ପାଇଁ ସବୁ ପ୍ରସ୍ତୁତି କଲୁ । ତାଙ୍କର ସନ୍ଧ୍ୟାବେଳର ମିଟିଂ ପାଇଁ ମଧ୍ୟ ସବୁ ପ୍ରିଣ୍ଟ୍ ଓ ଇଲେକ୍‌ଟ୍ରୋନିକସ୍ ମିଡ଼ିଆ ଆମକୁ ସହଯୋଗ କରିଥିଲେ । ତା' ପରଦିନ ସବୁ ଖବରକାଗଜ ଓ ଟେଲିଭିଜନ୍ ରେ ସେ ସମ୍ବାଦ ପରିବେଷଣ କରାଯାଇଥିଲା । ଏଥିରେ ଆନାଟୋମି ବିଭାଗର ସବୁ ଅଧ୍ୟାପକ ଓ ଅଧ୍ୟାପିକାମାନେ ଖୁବ୍ ଖୁସି ହୋଇଯାଇଥିଲେ ।

ପରେ ପରେ ପୁଅର ସାଙ୍ଗମାନେ କହିଥିଲେ ରାତିରେ ସମସ୍ତଙ୍କୁ ଆନାଟୋମି ହଲରେ ସିଦ୍ଧାର୍ଥ ଡିନର ଖୁଆଇବ ତା' ପରେ ରାତିସାରା ମ୍ୟୁଜିକ୍‌ର ତାଳେ ତାଳେ ସମସ୍ତେ ନାଚିବେ କିନ୍ତୁ ରମାରମଣ ଏଥିରେ ଖୁବ୍ ଷ୍ଟ୍ରିକ୍ଟ ସେ ସମସ୍ତଙ୍କ ପାଇଁ ଡିନର ପ୍ରସ୍ତୁତ କରିଦେଲେ ସିନା, ରାତିରେ ମ୍ୟୁଜିକ୍ ବଜାଇ ନାଚିବାକୁ ମନା କଲେ । ସନ୍ଧ୍ୟା ଛଅଟା ବେଳେ ଆନାଟୋମି ହଲକୁ ଗଲାବେଳେ ତାକୁ କହିଲେ "ତୁ ଗୀତ, ନାଚ ଓ ଡିନର୍ ସାରି, ଠିକ୍ ରାତି ଦଶଟାରେ ଗେଟ୍ ପାଖରେ ଠିଆ ହୋଇଥିବୁ, ମୁଁ ତତେ ନେଇ ଆସିବି ।" ମୁଁ ବ୍ୟସ୍ତ ହୋଇପଡ଼ିଲି ଏବଂ ରମାରମଣଙ୍କୁ କହିଲି, ଦେଖ ସିଦ୍ଧାର୍ଥ ମେଡ଼ିକାଲ୍ ପଢ଼ିଲାଣି - ତାର ଇଚ୍ଛାକୁ ବି ସାମ୍ମାନ ଦିଅ' । ଆଶ୍ଚର୍ଯ୍ୟର କଥା, ସିଦ୍ଧାର୍ଥର ଆଖି ଲୁହ ଛଳଛଳ ହୋଇଯାଇଥିଲେ ବି, ସେ କିଛି କହିଲନି । ଖାଲି ପଦଟିଏ ବାପାଙ୍କୁ କହିଲା – "ବାପା, ମୁଁ ଅପେକ୍ଷା କରିଥିବି ରାତି ଦଶଟାବେଳେ, ତୁମେ ମତେ ନେଇ ଆସିବ।" ଆଶ୍ଚର୍ଯ୍ୟ ଜନକ ଭାବେ ଠିକ୍ କାସାବିଏଙ୍କା ଭଳି ସେ ବାପା' ମା'ଙ୍କ କଥାକୁ ମାନୁଥିଲା ଓ ଗୁରୁତ୍ୱ ଦେଉଥିଲା ।

ସାରା ପିଲାଦିନ ଓ ଛାତ୍ରାବସ୍ଥାରେ ରମାରମଣ ଖୁବ୍ ଯତ୍ନ ନେଉଥିଲେ ପିଲାମାନଙ୍କର ଏମିତିକି ସେମାନଙ୍କର ଫରମେଟିଭ୍ ଇଅରସ୍‌ରେ (ଗଠନାତ୍ମକ ସମୟ) ପିଲାମାନେ କେମିତି 'ହବି' ନେଲେ ତାଙ୍କ ମସ୍ତିଷ୍କ ସୁସ୍ଥ ରହିବ ସେଥି ପାଇଁ ମଧ୍ୟ ଯତ୍ନବାନ୍ ଥିଲେ । ପୁଅ ଝିଅଙ୍କୁ ମ୍ୟୁଜିକ୍; ଫଟୋଗ୍ରାଫି, କମ୍ପ୍ୟୁଟର ସିଷ୍ଟମ୍ ଓ ଲାଇବ୍ରେରୀ ରେ ବହିପଢ଼ିବାରେ ବ୍ୟସ୍ତ ରହିବାକୁ ପରାମର୍ଶ ଦେଉଥିଲେ । ସେଥିପାଇଁ ସିଦ୍ଧାର୍ଥ ଭୋକାଲ୍ ଓ ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ୍, ଫଟୋଗ୍ରାଫିରେ ଖୁବ୍ ଭଲ କରୁଥିଲା । ଏହାଛଡ଼ା ମେଡ଼ିକାଲ୍ କଲେଜରେ ମଧ୍ୟ ସେ ଏକାଡ଼େମିକ୍ ସେକ୍ରେଟାରୀ ଥିଲା । ତା' ସମୟରେ ସେ ଖୁବ୍ ଭଲ ସେମିନାର୍ ସବୁ ପ୍ରସ୍ତୁତ କରୁଥିଲା । ସେଥିପାଇଁ ପ୍ରଫେସରମାନଙ୍କର ସେ ପ୍ରଶଂସାର ପାତ୍ର ହୋଇଥିଲା ।

ସିଦ୍ଧାର୍ଥ ମୋ' ଭଳି କୌଣସି ଜିନିଷକୁ, ନିଜର ବୋଲି ଜାହିର କରିପାରୁନଥିଲା କି' ତା'ର କୌଣସି ଦରକାରୀ ଜିନିଷ ପାଇଁ ଜିଦ୍ କରୁ ନଥିଲା । ନୀରବତାର ଭାଷା ଅନନ୍ୟ । ଏହା ବେଳେବେଳେ ଏତେ ମୁଖର ଯେ', ଯେ କୌଣସି ଉଚ୍ଚ ଶବ୍ଦଠାରୁ ମଧ୍ୟ ଏହା ଆହୁରି ଶକ୍ତିଶାଳୀ । ସେଥିପାଇଁ ସିଦ୍ଧାର୍ଥର ମନକୁ ସବୁବେଳେ ବୁଝିବାକୁ ପଡୁଥିଲା ।

ପ୍ରଥମ ବର୍ଷ ମେଡ଼ିକାଲ ପାଠ ପଢ଼ା ବେଳେ ଆମର ଛୋଟ କ୍ୱାଟର୍ସରେ ପିଲାମାନଙ୍କ ପାଇଁ ପଢ଼ିବାକୁ ଆଦୌ ଜାଗା ହେଲା ନାହିଁ । ତେଣୁ ଆମେ ଆମର ବାଦାମ୍‌ବାଡ଼ି, ଲିଙ୍କ୍‌ରୋଡ଼ ସ୍ଥିତ ଘରକୁ ଉଠି ଆସିବାକୁ ସ୍ଥିର କଲୁ ଏବଂ ହଠାତ୍ ଦିନେ ଶୁଭ ସମୟ ଦେଖି ଉଠି ଆସିଲୁ । କିନ୍ତୁ ସମସ୍ୟା ହେଲା ରୋଗୀମାନଙ୍କ କଥା । ସେମାନେ କ୍ୱାଟର୍ସକୁ ଚିହ୍ନି ଥିଲେ । ଶେଷକୁ ସ୍ଥିର ହେଲା, ମୁଁ ପ୍ରତିଦିନ ସକାଳୁ କ୍ୱାଟର୍ସକୁ ଯାଇ, ରୋଗୀଦେଖି ହସ୍‌ପିଟାଲ୍ ଯିବି, ତା' ପରେ ହସ୍‌ପିଟାଲ୍‌ରୁ କ୍ୱାଟର୍ସକୁ ଯାଇ ସେଠି ରାତି ଦଶଟା ଯାଏଁ ରୋଗୀ ଦେଖି ଘରକୁ ଫେରିବି । ହଠାତ୍ ଦିନେ ଭାବିଲି ଏମିତି ତ' ମୁଁ କାହାକୁ ଦେଖିପାରୁନି ଏବଂ ଘରୁ ପୁରାପୁରି ବିଚ୍ଛିନ୍ନ ହୋଇଯାଉଛି- ଯଦି ରୋଗୀମାନେ କେବଳ ମତେ ହିଁ ଚାହାଁନ୍ତି ତେବେ ମୁଁ ଯେଉଁଠି ରୋଗୀଦେଖିଲେ ବି ସେମାନେ ମତେ ଖୋଜିଖୋଜି ଆସିବେ । ସତକୁ ସତ, ଲିଙ୍କ୍‌ରୋଡ଼୍‌ର କ୍ଲିନିକ୍‌ରେ ମଧ୍ୟ ଖୁବ୍ ଭିଡ଼ ହେଲା ଏବଂ ମତେ ସମୟ ମିଳିଲା ନାହିଁ ।

ଥରଟିଏ ଆମେ ଜଣେ ଡାକ୍ତର ଦମ୍ପତିଙ୍କୁ ନିମନ୍ତ୍ରଣ କରିଥିଲୁ, ଡିନର୍ ଖାଇବା ପାଇଁ- ସେ ରାତି ୯' ରେ ପହଂଚିଲେ, ମୋର ରୋଗୀଦେଖା ସରିନାହିଁ । ତଥାପି ଉଠିଲି ଚା' କରି ଦେବା ପାଇଁ ଡେରି ହେବାରୁ ଡାକ୍ତର ଦମ୍ପତି କହିଲେ "ଆଜ୍ଞା ଆପଣଙ୍କ ଚା' କ'ଣ ଆସାମରୁ ଆସି ପହଂଚି ନାହିଁ କି ?" କୁକ୍ କୁ କହିଥିଲି ସବୁ ରୋଷେଇ ସାରିଦେ' ମୁଁ ରୋଗୀ ଦେଖା ସରିଲେ ନିଜେ ଯାଇ ଚିକେନ୍ ରାନ୍ଧିଦେବି । ପିଲାମାନେ ମଧ୍ୟ ଅପେକ୍ଷା କଲେ । ରାତି ଦଶଟା ହେଲାଣି, ପୁଅଝିଅଙ୍କୁ ଭୋକ ଲାଗିଲାଣି, ସିଦ୍ଧାର୍ଥ ଖୁବ୍ କଅଁଳିଆ ସ୍ୱରରେ କହିଲା - ମା' ଟିକେ ଚିକେନ୍ ରାନ୍ଧିବାର ଜିଦ୍ ଛାଡ଼ିଦିଅ, ଆଉ ଦିନେ ଆମକୁ କରି ଖୁଆଇବ, ଆଜି କୁକ୍ କରିଦେଉ ।" ତା' କଥା ଶୁଣି ମୋ ଆଖିରେ ଲୁହ ଭରିଗଲା । କେତେ ବା ସମୟ ମୁଁ ପିଲାମାନଙ୍କୁ ଦେଇ ପାରୁଛି ? ମା'କୁ କିଛି ନ କହି କେତେ ନମ୍ର ଅଥଚ, କୋମଳ ସ୍ୱରରେ ପୁଅ କହିଲା - "ମା' ଟିକେ ଆଜି ରାନ୍ଧିବାର ଜିଦ୍ ଛାଡ଼ିଦିଅ ।"(କ୍ରମଶଃ)

## ପତ୍ରିକା ସମୀକ୍ଷା

**ଚନ୍ଦନଧାରା**
ସଂପାଦକ:
ଏମ୍. ହିମାଂଶୁ ଆଚାରୀ
ଶିବାଜୀ ନଗର, ପୋ : ଉମରକୋଟ, ନବରଂଗପୁର-୭୬୪୦୭୩
(ମୋ) ୯୭୭୭୧୫୫୫୦୮
ମୂଲ୍ୟ-୬୦ ଟଙ୍କା




(ନବବର୍ଷ ବିଶେଷାଙ୍କ ୨୦୨୧)

ଓଡ଼ିଆ ସାହିତ୍ୟକୁ ନେଇ ଅସ୍ମିତା ଓ ଅଙ୍ଗୀକାରବଦ୍ଧତାର ଉଦ୍‌ଘୋଷଣା କରି ଆସୁଥିବା ରୁଚିସଂପନ୍ନ ତ୍ରୈମାସିକ ସାହିତ୍ୟ ପତ୍ରିକା ଚନ୍ଦନଧାରା ଯଥାରୀତି ପାଠକଙ୍କୁ ଭେଟିଦେଇଛି ତା'ର ନବବର୍ଷ ୨୦୨୧ ବିଶେଷାଙ୍କ । ସାହିତ୍ୟ ସହ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ଯୁଗପୋଯୋଗୀ ଶୈଳୀରେ ପାଠକୀୟ ମନମୁହାଣ ଯାଏଁ ନେଇଆସିଲା ବେଳେ ଆମ ସମୟର ଜଣେ ପ୍ରାଜ୍ଞ ଚେତନାର ମଣିଷ ତଥା ସାହିତ୍ୟବିଳାସୀ ସତ୍ୟଶୀଳ ବ୍ୟକ୍ତିତ୍ୱ ଏମ.ହିମାଂଶୁ ଆଚାରୀ ସ୍ୱକୀୟ ସଂପାଦକୀୟରେ ବର୍ଷ ୨୦୨୧କୁ ସ୍ୱଗତ କରିଛନ୍ତି ଏହିପରି । ଯଥା- "ଆସନ୍ତୁ, ନୂଆବର୍ଷ ୨୦୨୧ରେ ଆମେ କିଛି ନୂତନତ୍ୱର ସ୍ୱାଦ ଆହରଣ କରିବା, ନିଜ ଭିତରେ ସୁପ୍ତ ଥିବା ସମସ୍ତ ଯୁକ୍ତାତ୍ମକ ଇଚ୍ଛା ଓ ଆଗ୍ରହକୁ ଆଉ ଟିକେ ଜାଗ୍ରତ କରାଇବା । ଆମ ଭିତରେ ଥିବା ଅଥଚ ଆମକୁ ଦେଖାଯାଉ ନଥିବା ଈଶ୍ୱରତ୍ୱ ଆବାହନ କରି ଏ ସମାଜକୁ କଳୁଷମୁକ୍ତ କରେଇବାର ଶପଥ ନେବା । ଚନ୍ଦନଧାରା ଆଲୋଚ୍ୟ ସଂଖ୍ୟାର ପ୍ରଚ୍ଛଦ ବାବଦରେ ମନୋଜ୍ଞ ଦୁଇଟି କବିତା, ଅନୀତା ଦାଶଙ୍କର ସନେଟ୍ ଏବଂ ସୁଷମା ନାୟକଙ୍କର 'ଆସିଛି ନବବର୍ଷ'ରେ ବର୍ଷ ଆବାହନର ବାର୍ତ୍ତା । ଆକର୍ଷଣୀୟ ମଲାଟରେ ପୁଷ୍ପ ପାଲଟିଛି ପ୍ରେରଣା ଓ ପୁଲକର ପ୍ରିଜିମ୍ । ଜୀବନକୁ ଶିବ ସଂକଳ୍ପମୟ କରିବାର କଳା ହିଁ ସାହିତ୍ୟ, ଯେଉଁଠି ପତ୍ରିକାଟିଏ ପ୍ରୀତିତତ୍ତ୍ୱର ପୁଷ୍ପନୈବେଦ୍ୟ । ପ୍ରେରକ ତତ୍ତ୍ୱକୁ ନେଇ ତାହା ପତ୍ର, ଜୀବନୀୟ ତଥ୍ୟକୁ ନେଇ ତାହା ପତ୍ରିକା। ସାଂପ୍ରତିକ ସମୟର ସ୍ପନ୍ଦନ ହିଁ ଧାରା ଚନ୍ଦନ, ଯାହାର ସନ୍ଦେଶ ସୌରଭ ବୈଭବମୟ । ଏହି ଅସ୍ମିତା ସହ କାଳଖଣ୍ଡର ବିଖଣ୍ଡିତ ଆସ୍ଥାମାନଙ୍କୁ ପୁଣିଥରେ ସର୍ଜନାତ୍ମକ ସୂତ୍ରିକାରେ ଏକାଠି ଗୁନ୍ଥିବାକୁ ଚେଷ୍ଟା କରିଛି ତ୍ରୈମାସିକ ଚନ୍ଦନଧାରା । ଦସ୍ତଖତ ଠାରୁ ଦସ୍ତାବିଜ, ଚୟନଠାରୁ ମୁଦ୍ରଣ, ସବୁ କୋଣରେ ସଂପାଦକଙ୍କର କଳାତ୍ମକ ହସ୍ତକର୍ମର ନୈପୁଣ୍ୟ ।

ବିବିଧ ବିଭାଗ ମଣ୍ଡିତ ଆଲୋଚ୍ୟ ସଂଖ୍ୟାର ପ୍ରବନ୍ଧ ବିଭାଗରେ ସଂସ୍କୃତିର ସୁରକ୍ଷା କବଚ-ନାରୀ' ଶୀର୍ଷକ ଆଲୋଚନାଟି ଡଃ ବାସନ୍ତୀ ମହାନ୍ତିଙ୍କ ଦ୍ୱାରା ସମାପିତ ହୋଇଥିଲା ବେଳେ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ପଣ୍ଡିତ ନୀଳକଣ୍ଠଙ୍କର ଆତ୍ମଜୀବନୀର ଫର୍ଦ୍ଦ ଉନ୍ମୋଚନ କରି ପାଠକଙ୍କୁ ବାଣ୍ଟିଛନ୍ତି ବକୁଳ ଛାୟାର ଚନ୍ଦନ ।

ଏହା ସହ ନବରଙ୍ଗପୁର ଜିଲ୍ଲାରେ ପାଳିତ ଆମୁଷ ପର୍ବକୁ ନେଇ ପରୀକ୍ଷିତ ସାହୁଙ୍କର ଆଲେଖ୍ୟ ପାଠକଙ୍କୁ ପରିଚିତ କରାଇବ ଆରଣ୍ୟକ ସଂସ୍କୃତି ସହିତ ।

ପୁସ୍ତକ ସମୀକ୍ଷା ଓ ପରିକ୍ରମା ପର୍ଯ୍ୟାୟରେ ସଂଘମିତା ମିଶ୍ର ସ୍ୱକୀୟ ଆଲୋଚନାରେ କବି ସଚ୍ଚିଦାନନ୍ଦ ମିଶ୍ରଙ୍କର କବିତା ସଂକଳନ 'ସ୍ୱପ୍ନ ଦେଖୁଥିବା ଲୋକ' ବାବଦରେ ଏକ ଉଦାରମୟ ମିତ୍ରଦୃଷ୍ଟି ନିକ୍ଷେପ କରିଥିଲା ବେଳେ ବରିଷ୍ଠ ନାରୀକବି ବିଦ୍ୟୁତଲତା ଦାସଙ୍କ ଅନ୍ୟତମ ବହୁ ଚର୍ଚ୍ଚିତ ଓ ପଠିତ କବିତା ସଂକଳନ 'ଡାଆଣୀ ଆଲୁଅ'କୁ ନେଇ ବଳିଷ୍ଠ ଶବ୍ଦ ଏବଂ ତୁଳନାତ୍ମକ ଉପସ୍ଥାପନ ତୋଳି ଧରିଛନ୍ତି କସ୍ତୁରୀ ଚରଣ ରାଉତ । ସଂଖ୍ୟାଟିର କଥା ଓ କାହାଣୀ ବିଭାଗରେ ସ୍ଥାନିତ ହୋଇଛି ମୋଟ୍ ୧୨ଟି ନାତିକ୍ଷୁଦ୍ର ମାର୍ମିକ ଗଳ୍ପ । ନାନୋ ଟେକ୍ନୋଲୋଜିର ଯୁଗରେ ସାହିତ୍ୟକୁ 'ମିତଂ ଚ ସାରଂ ଚ' ର ପରମ୍ପରା ଦେବାରେ ସକ୍ରିୟ କଥାଶିଳ୍ପୀଙ୍କୁ ପାଠକ ନିଶ୍ଚୟ ଗ୍ରହଣ କରିବେ ବୋଲି ବିଶ୍ୱାସ । ସମକାଳ ଓଡ଼ିଆ କଥା ସାହିତ୍ୟର ଚର୍ଚ୍ଚିତ କଥାକାର ଡାଃ ସୁରେନ୍ଦ୍ରନାଥ ଦାଶ ଏବଂ ଡଃ ଅନୀଲ କୁମାର ପାଢ଼ୀଙ୍କ ସମେତ ଚିତ୍ତରଞ୍ଜନ ତ୍ରିପାଠୀ, ମମତା ଆଚାର୍ଯ୍ୟ, ଗାୟତ୍ରୀ ଦାସ, ସୁବ୍ରତ କୁମାର ସେନାପତି, କିରଣ ମିଶ୍ର, ଡଃ କ୍ଷୀରୋଦିନୀ ବେହେରା, ବିଜୟ କୁମାର ପଣ୍ଡା, ବିନୟ ଭୂଷଣ ପାଣିଗ୍ରାହୀ ଏବଂ ବିଦ୍ୟୁତଲତା ମିଶ୍ରଙ୍କର ଗପର ପ୍ଲଟ୍ ଏବଂ ବର୍ଣ୍ଣନାର କଳାତ୍ମକ ଦିଗ ପାଠକଙ୍କୁ ବିମୋହିତ କରିବ ବୋଲି ବିଶ୍ୱାସ ।

ଚନ୍ଦନଧାରା ନବବର୍ଷ ୨୦୨୧ ସଂଖ୍ୟାର ସାକ୍ଷାତକାର ସ୍ତମ୍ଭରେ ପାଠକ ଭେଟିବେ କଥା- କବିତା-ଉପନ୍ୟାସର ଟେକ୍ନୋ ଟ୍ରାଇଫୋର୍ଡ ଡଃ ଅଜୟ ସ୍ୱାଇଁଙ୍କୁ । ବିନ୍ଦାସ ଶୈଳୀର ଏହି ମାଷ୍ଟର ଷ୍ଟ୍ରାଇକରଙ୍କର ବକ୍ତବ୍ୟକୁ ସଂଖ୍ୟାଭୁକ୍ତ କରିଛନ୍ତି ଉପସ୍ଥାପିକା କବି ମାଧୁରୀ ପଣ୍ଡା । ନିମନ୍ତ୍ରିତ କବି ଓ କବିତା ସ୍ତମ୍ଭରେ କୀର୍ତ୍ତିମାନ କାବ୍ୟ ବ୍ୟକ୍ତିତ୍ୱ ଡଃ ଫନୀ ମହାନ୍ତିଙ୍କର 'ଦ୍ୱାରପାଳ' କବିତା ସହ ଅନ୍ନପୂର୍ଣ୍ଣା ମହାନ୍ତିଙ୍କର 'କଲିଜା ବନାମ ହୃଦୟ' ପାଠକଙ୍କୁ ବିମଳ କାବ୍ୟରସର ସନ୍ଧାନ ଦେବା ସହ ହୁସେନ ରବି ଗାନ୍ଧୀ, ମାଧୁରୀ ପଣ୍ଡା, ଡଃ ଶ୍ରୀହରି ଧଳ, ପ୍ରତୀକ୍ଷା ଜେନା, ସୁଶାନ୍ତ କୁମାର ଦାସ, ନର୍ମଦା ସାହୁ, ଇଂ ସରୋଜ କୁମାର ମହାପାତ୍ର, ପଲ୍ଲବୀ ନାୟକ, ବିଦେଶୀ ନାୟକ, ମାନିନୀ ମିଶ୍ର ପ୍ରମୁଖଙ୍କର କବିତା ପାଠକଙ୍କୁ ଦେବ 'ପୈସା ଅସୁଲ'ର ପୂର୍ଣ୍ଣତୃପ୍ତି ।

ସମ୍ମାନନୀୟ କବି ଓ କବିତା ସ୍ତମ୍ଭରେ ରଞ୍ଜନ ବାଗଙ୍କର 'ପିଲାଦିନ-୦୨' ଏବଂ ଶୈବାଳିନୀ ସାହୁଙ୍କର କବିତା 'ସନ୍ଧି' ସମେତ ଡଃ ରୁଦ୍ରାଣୀ ମହାନ୍ତି, ତାପସୀ ମିଶ୍ର, ସୁଶୀଲ କୁମାର ପାଣିଗ୍ରାହୀ, ଅଶୋକ ମହାନ୍ତି, ପ୍ରଫୁଲ୍ଲ କୁମାର ରାଉତ, କଳ୍ପଲତା ମହାରଣା, ସଚ୍ଚିଦାନନ୍ଦ ମିଶ୍ର, ସଂଘମିତ୍ରା ଦଳେଇ, ଡଃ ଆଲୋକ କୁମାର ରାୟ ଏବଂ ମନୋରମା ସାହୁଙ୍କର ଶବ୍ଦ ସଂଧାନ ପାଠକଙ୍କୁ କାବ୍ୟଲୋକର ସ୍ୱତନ୍ତ୍ର ଭୂଭାଗକୁ ନେଇଯିବ ନିଶ୍ଚୟ । ନିର୍ବାଚିତ କବି ଓ କବିତା ସ୍ତମ୍ଭରେ ବିଧୁଭୂଷଣ ତ୍ରିପାଠୀ, ପୁଷ୍ପାଞ୍ଜଳି ପଣ୍ଡା, ସ୍ମୃତିରଞ୍ଜନ ତ୍ରିପାଠୀ, ସନ୍ତୋଷିନୀ ଗିରି, ଆଶୁତୋଷ ପ୍ରସାଦ ମଲ୍ଲିକ, ମନିଷା ପଣ୍ଡା, ବଳରାମ ପୂଜାରୀ, ସ୍ୱାଗତିକା ବାହିନୀପତି, ଦୀନବଂଧୁ ବେଜ ଓ ରାଧାରାଣୀ ସହକାରଙ୍କ କବିତା ସ୍ଥାନ ପାଇଥିଲା ବେଳେ 'ସନେଟ୍'ର ଚତୁର୍ଦ୍ଦଶୀ ପଦଚର୍ଯ୍ୟାରେ ଅଛନ୍ତି ମନୋଜ ପଟ୍ଟନାୟକ, ସସ୍ମିତା ସୁନାମୁଦି, ବିରଂଚି ନାୟକ, ପ୍ରମୋଦ କୁମାର ପଣ୍ଡା, ଗିରୀଶବାଳା ଜେନା, ସଂହିତା ମହାନ୍ତି, ସୁନୀଲ ମିଶ୍ର ଓ ତାପ୍ତିମୟୀ ପଣ୍ଡା ମିଶ୍ର ।

ଏଥର ମଧ୍ୟ ପାରମ୍ପାରିକ ରୀତିରେ ଗଳ୍ପ ପ୍ରତିଯୋଗିତାର ରିୟାଜ୍ ଆଣିଛି ଚନ୍ଦନଧାରା ନବବର୍ଷ ସଂଖ୍ୟା । ଡଃ ସାଇ ରମେଶ ରାଓ ଏବଂ ଡଃ ସ୍ୱାତୀ ଚାଟାର୍ଜୀଙ୍କ ଦ୍ୱାରା ଚୟିତ ଏବଂ ବିଚାର ବିମର୍ଶରେ ଶେଷ ପର୍ଯ୍ୟାୟକୁ ଆସିଥିବା 'ଆହତ ବ୍ୟାଧ'ର ଗାଳ୍ପିକ ଅନୁଜ ମୋହନ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ 'ନାଲିରଙ୍ଗର ଇନ୍ଦ୍ରଧନୁ' ଶୀର୍ଷକର ଗାଳ୍ପିକା ସୁପ୍ରିୟା ପଣ୍ଡା ଏବଂ 'ନାଲି ରିବନ୍' ଶୀର୍ଷକର ଗାଳ୍ପିକା ମଧୁସ୍ମିତା ମିଶ୍ର ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।

ମୋଟ୍ ଉପରେ, ସମୟର ମହାସଂକଟ କାଳରେ ସାରସ୍ୱତ ମହାତୀର୍ଥକୁ ଯିବାପାଇଁ ଶବ୍ଦଟିଏ ତ ବିନ୍ଦୁଏ ଚନ୍ଦନପରି । ପବିତ୍ର ଚନ୍ଦନର ଧାରା ଜୀବନର ଜ୍ୟା ଉପରେ ଆଂକିଦେଉ ଜାଗୃତୀର ଜନ୍ନତ୍ ଏତିକି କାମନା ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ରବି ରାୟଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ବିଶିଷ୍ଟ ସମାଜବାଦୀ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଲୋକସଭାର ପୂର୍ବତନ ବାଚସ୍ପତି, ଓଡ଼ିଶାର ଗର୍ବ ଓ ଗୌରବ ରବି ରାୟଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧୋତ୍ସବ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରସ୍ଥ ଗାନ୍ଧିପୀଠରେ ମହାତ୍ମା ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆନୁକୂଲ୍ୟରେଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଶ୍ରୀଧର ଦାଶ କୁଶଭଦ୍ରା ନଦୀରେ ତିଳତର୍ପଣ କଳାପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପର୍ବୂତନ ସରପଂଚ ପ୍ରଶାନ୍ତ କୁମାର ସାହୁ, ସଂକୀର୍ତନ ସେବକ ଲକ୍ଷ୍ମୀଧର ବେହେରା, ଶିକ୍ଷାବିତ୍ ନିଲୁ ବେହେରା, ସଙ୍ଗୀତଜ୍ଞ ବଶିଷ୍ଠ ନାୟକ, ନାରିନେତ୍ରୀ ସୌଦାମିନୀ ମହାନ୍ତି ଯୋଗ ଦେଇ ନିଜ ବକ୍ତବ୍ୟରେ ରବି ରାୟଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସଙ୍ଗୀତଜ୍ଞ ବଶିଷ୍ଠ ନାୟକ ଓ ସୌଦାମିନୀ ମହାନ୍ତିଙ୍କୁ ରବି ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ୧୮ତମ ଜାତୀୟ ନାଟକ ମହୋତ୍ସବ : କ୍ୟାନ୍‌ଫେଷ୍ଟ-୨୦୨୧ ଉଦ୍‌ଘାଟିତ

ପାରାଦ୍ୱୀପ,୦୬/୦୩ (ନି.ପ୍ର): ୧୮ତମ ଜାତୀୟ ନାଟକ ମହୋତ୍ସବ-୨୦୨୧ ମାର୍ଚ୍ଚ ୫ତାରିଖ ଶୁକ୍ରବାର ସଂନ୍ଧ୍ୟାରେ ପାରାଦ୍ୱୀପର ଜୟଦେବ ସଦନ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇଫକୋ ବରିଷ୍ଠ ପ୍ରବନ୍ଧକ(ଅର୍ଥ) ସୁରେଶ ଗୋଏଲ୍ ଓ କ୍ୟାନ୍‌ମାସ୍ ସଭାପତି ଅତୁଲ୍ୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହି ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିଥିଲେ । ପାରାଦ୍ୱୀପ ତଥା ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'କ୍ୟାନମାସ୍' ସଂସ୍ଥା ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ଓ ଏହାର କଳାକାର ମାନେ ଏଥିରେ ନିଜର ନାଟ୍ୟ କଳା ଉପସ୍ଥାପିତ କରିବେ । କେନ୍ଦ୍ର ସାଂସ୍କୃତିକ ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ, କଲିକତାର ଏନ୍‌ଇଜେଡ୍‌ସିସି, ପାରାଦ୍ୱୀପ ବନ୍ଦର, ଆଇଓସିଏଲ ପାରାଦ୍ୱୀପ ତୈଳ ବିଶୋଧନାଗାର, ପାରାଦ୍ୱୀପ ଇଫକୋ ଓ ମିଡିଆ ପାର୍ଟନର ପିବିଡି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୫ରୁ ୧୦ ତାରିଖ ଦୀର୍ଘ ୬ଦିନ ଧରି ଲିବ । ଏହି ସମସ୍ତ କାର୍ଯ୍ୟକ୍ରମ କୋଭିଡ-୧୯ ନିୟମ ଅନୁଶୀଳନ ପୂର୍ବକ କରାଯାଉଛି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ତେବେ ଉଦଘାଟନୀ ସନ୍ଧ୍ୟାରେ ନୂଆଦିଲ୍ଲୀର ଆକ୍ଟର୍ସ ରିପେଟୋରୀ ନାଟ୍ୟ ସଂସ୍ଥା ଦ୍ୱାରା ଅବତାର ସାହାଣୀଙ୍କ ନିର୍ଦ୍ଦେଶିତ "ନାଗିନ୍ ତେରା ବଂଶ୍ ବଢେ" ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ମହୋତ୍ସବକୁ କ୍ୟାନ୍‌ମାସ୍ ସଭାପତି ଅତୁଲ୍ୟ କୁମାର ମହାପାତ୍ର ଓ ସଂପାଦକ ଶ୍ରୀମନ୍ ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଏହାର ସମସ୍ତ ସଭ୍ୟ ସହଯୋଗ କରୁଥିବା କ୍ୟାନ୍ମାସ ପକ୍ଷରୁ ସୂଚନା ମିଳିଛି ।

# ଓଡ଼ିଶା କ୍ରିକେଟ ଆସୋସିଏସନର ଭିଜନ ୨୦୨୪

## ଆନ୍ତଃଜିଲ୍ଲା କ୍ଲବ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ, ବିଜୟଭାନ ମେମୋରିଆଲ କ୍ରିକେଟ ଏକାଡେମୀ ୯ ଉଇକେଟରେ ବିଜୟୀ



ଭଦ୍ରକ,୦୬/୦୩ (ନି.ପ୍ର): ଭଦ୍ରକ ଚରମ୍ପା ସ୍ଥିତ ଇଷ୍ଟକୋଷ୍ଟ ରେଲୱେ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ - ୨୦୨୪'କୁ ନେଇ ଚାଲିଥିବା ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟର ଆଜି ପଞ୍ଚମ ମ୍ୟାଚ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଓ ଚାନ୍ଦବାଲି ସ୍ପୋର୍ଟସ୍ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟଭାନୁ ଦଳ ୯ ଉଇକେଟରେ ବିଜୟୀ ହୋଇଛି। ଚାନ୍ଦବାଲି ସ୍ପୋର୍ଟସ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୭.୩ ଓଭରରେ ୧୦୦ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ଦଳର ଅଜିତ ମହାରଣା ୨୮ ଓ ସୌମ୍ୟ ରଂଜନ ପାଢୀ ୧୦ ରନ କରିଥିବା ବେଳେ ବିଜୟଭାନୁ ପକ୍ଷରୁ ଚିରଞ୍ଜିବୀ ବେହେରା ୨ଟି ଓ ଦୀପକ ନାୟକ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ବିଜୟଭାନୁ ଦଳ ନିର୍ଦ୍ଧାରିତ ୧୩.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ମ୍ୟାଚକୁ ୯ ଉଇକେଟରେ ଜିତିଥିଲା। ଦୀପକ ନାୟକ ଅପରାଜିତ ୬୦ ଓ ଶମ୍ଭୁ ପଲାଇ ଅପରାଜିତ୧୯ରନ କରି ଦଳକୁ ବିଜୟୀ କରାଇଥିଲେ।

# ମାଖନପୁରରେ ଆବାସ ମେଳା ଅନୁଷ୍ଠିତ



ଖଇରା,୦୬/୦୩ (ନି.ପ୍ର): ଖଇରା ବ୍ଲକ ମାଖନପୁର ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ ଆବାସ ମେଳା ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ମନ୍ତ୍ରୀ ଆବାସ ଓ ବିଜୁ ପକା ଘର ଯୋଜନା ମାଧ୍ୟମରେ ହିତାଧିକାରୀମାନେ ପାଇଥିବା ଘରଗୁଡିକ କିପରି ସୁରୁଖୁରୁରେ ସଠିକ ସମୟରେ କରିପାରିବେ ଓ ହିତାଧିକାରୀମାନେ କିପରି ତାର ଫାଇଦା ନେଇ ପାରିବେ ସେ ବିଷୟରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ରଞ୍ଜନ ପାଇକରାଏ ଆଲୋଚନା କରିଥିଲେ। ପଞ୍ଚାୟତର ଘର ତିଆରି କରି ନ ଥିବା ହିତାଧିକାରୀମାନଙ୍କୁ ଶିଘ୍ର ଆରମ୍ଭ କରିବା ପାଇଁ ଓ ଯେଉଁ ହିତାଧିକାରୀମାନେ କାର୍ଯ୍ୟ ଆରମ୍ଭ କରି ପୂର୍ଣ୍ଣାଙ୍ଗ କରି ନାହାନ୍ତି ସେମାନଙ୍କୁ ଶିଘ୍ର ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକାର୍ଯ୍ୟ କ୍ରମରେ ସରପଞ୍ଚ ସୁଦର୍ଶନ ସିଂଙ୍କ ସମେତ ପଞ୍ଚାୟତର ଅଧିକାରୀ ହେମନ୍ତ କୁମାର ସାମଲ ବ୍ଲକ ବିପିସି ହର ଗୋବିନ୍ଦ ପରିଡା,ଆବାସ ମିତ୍ର କିଶୋର କୁମାର ବେହେରାଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ସାର କର୍ପସ ପାଣ୍ଠିର ଅଂଶଧନ ବ୍ୟବସ୍ଥା ବଦଳିଲା

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଅର୍ଥମନ୍ତ୍ରୀ ବିଧାନସଭାରେ ଆନୁଷ୍ଠାନିକ ସଂସ୍ଥା ମାଧ୍ୟମରେ ସାର ମହଜୁଦ ରଖିବା ଓ ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ସୁଧ ମୁକ୍ତ କର୍ପସ ପାଣ୍ଠିର ବ୍ୟବସ୍ଥା ଘୋଷଣା କରିଥିଲେ। ୧୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଯାହା ପୂର୍ବରୁ ୭୫:୨୫ ଅନୁପାତରେ ଓଡିଶା ରାଜ୍ୟ ସମବାୟ ବିପଣନ ନିଗମ ଓ ଓଡିଶା କୃଷି ଶିଳ୍ପ ନିଗମକୁ ଦିଆଯାଇଥିଲା ତାହା ବର୍ତମାନ ୯୦:୧୦ ଅନୁପାତରେ ଦେବାପାଇଁ ସ୍ଥିରୀକୃତ ହୋଇଛି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଏହି ସୁଧମୁକ୍ତ ଋଣକୁ ଅନୁମୋଦନ କରାଯିବ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଉଭୟ ଅଧିକୃତ ସଂସ୍ଥା ତଥା ଓଡିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଓ ଓଡିଶା କୃଷି ଶିଳ୍ପ ନିଗମକୁ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ନିୟନ୍ତ୍ରାଧୀନ ସଂସ୍ଥା ଉକ୍ତ ପାଣ୍ଠିକୁ ଯେକୌଣସି ଜାତୀୟ କରଣ ବ୍ୟାଙ୍କରେ ବା ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ଏକ ଅଲଗା ଫ୍ଲେକ୍ସି ଏସକ୍ରୋ ଆକାଉଂଟରେ ରଖିବାର ବ୍ୟବସ୍ଥା କରିବେ। ଏହାକୁ ସାର ମହଜୁଦ କରିବାକୁ ବ୍ୟବହାର କରାଯିବ।

# ମୟୂରଭଞ୍ଜ ପ୍ରିମିୟର ଲିଗ୍ ଉଦଯାପନୀ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

## ରବିବାର ବାରିପଦା ଷ୍ଟାଡ଼ିୟମରେ କ୍ରିକେଟ ଫାଇନାଲ ଖେଳ

ବାରିପଦା,୦୬/୦୩ (ନି.ପ୍ର): ଫୁଟବଲ ଓ କ୍ରିକେଟ ଖେଳକୁ ନେଇ ଚାଲିଥିବା ମୟୂରଭଞ୍ଜ ପ୍ରିମିୟର ଲିଗର ଉଦଯାପନୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଫୁଟବଲ ପ୍ରତିଯୋଗିତା ଶେଷ ହୋଇ ବିଜାତଳା ଚମ୍ପିଆନ ହୋଇଛି । ଜାନୁଆରୀ ୩୦ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଜିଲା ସଦର ମହକୁମା ସହିତ ୨୬ଟି ବ୍ଲକରେ କ୍ରିକେଟ ପ୍ରତିଯୋଗତାର ଲିଗ ସମେତ କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ଖେଳ ଶେଷ ହୋଇଛି । ୨୩ତାରିଖ ନେତାଜୀଙ୍କ ଜୟନ୍ତୀରେ ଲିଗର ଲୋଗୋ, ଜର୍ସି ଓ ଥିମ ସଙ୍ଗୀତ ଉନ୍ମୋଚିତ ହୋଇଥିବା ବେଳେ ୩୦ତାରିଖ ବାପୁଜୀଙ୍କ ମହାପ୍ରୟାଣ ଦିବସରେ ଲିଗ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା । ଫେବୃଆରୀ ୬ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତି ବ୍ଲକରେ କ୍ରିକେଟ ଖେଳର ଏହି ଲିଗ ପ୍ରତିଯୋଗିତା ଆୟୋଜିତ ହୋଇଛି । କ୍ରିକେଟ ସେମିଫାଇନାଲ ୫ତାରିଖ ଶେଷ ହେବାକୁ ଥିବା ବେଳେ ଓ ଫାଇନାଲ ଖେଳ ୭ତାରିଖ ସନ୍ଧ୍ୟାରେ ବାରିପଦା ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବାକୁ ଯାଉଛି । ଜିଲାସ୍ତରରେ କ୍ରିକେଟ ପାଇଁ ୧ଟି ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି, ଶେଷ୍ଠ ବୋଲର, ବ୍ୟାଟ୍ସମ୍ୟାନ ଓ ଫିଲଡ଼ରଙ୍କୁ ୫ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଓ ମ୍ୟାନ ଅଫ ଦି ସିରିଜଙ୍କୁ ଗୋଟିଏ ସିବିଜେଡ଼ ଏକ୍ସଟ୍ରିମ-୧୬୦ ଆର ବାଇକ ଭଳି ଆକର୍ଷଣୀୟ ପୁରସ୍କାର ଥିବା ବେଳେ ରାଜ୍ୟର ବିଧାୟକ ଏକାଦଶ ଓ ମୟୂରଭଞ୍ଜ ଜିଲ୍ଲା ବିଜେଡ଼ି ନେତା ଏକାଦଶ ଏବଂ ଛାତ୍ର/ଯୁବ ଏକାଦଶ ଦଳ ଓ ସଦରମହକୁମାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଏକାଦଶଙ୍କ ଦଳ ମଧ ୟରେ ୬ତାରିଖ ଶନିବାର ଏକ ପ୍ରଦର୍ଶନୀ ମ୍ୟାଚ ହେବାର କାର୍ଯ୍ୟକ୍ରମ ରହିଛି । ସେହଭଳି ଫାଇନାଲ ଖେଳ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୋକ୍ଷ ଡ୍ୟାନ୍ସ ଗ୍ରୁପ ସହିତ ରିଆ, ସମ୍ପିତ, ସ୍ୱରାଜ ଓ ଦେବଯାନୀଙ୍କ ଭଳି ସିନେତାରକାଙ୍କ ସହିତ ସୁନାମ ଧନ୍ୟ କଣ୍ଠଶିଳ୍ପୀ ମନ୍ଟୁ ଛୁରିଆ, ଅସୀମା ପଣ୍ଡା, ଜେମ୍ସ ଓ ଇପିତା ପଣ୍ଡାଙ୍କୁ ନେଇ ଗୀତସାଗର ଅର୍କେଷ୍ଟ୍ରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି ।

# ଆଦର୍ଶ ଶିକ୍ଷକ ଦେବାଶିଷ ନାୟକଙ୍କ ପରଲୋକ



ଭଦ୍ରକ,୦୬/୦୩ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ୍‌ର ଫତେପୁରସ୍ଥିତ ନୃସିଂହ ନାରାୟଣ ଉଚ୍ଚ ବିଦ୍ୟାପୀଠର ସହକାରୀ ଶିକ୍ଷକ ଦେବାଶିଷ ନାୟକଙ୍କର ଆଜି ୫୫ ବର୍ଷ ବୟସରେ ଦେହାନ୍ତ ହୋଇଛି। ନିଜ ଶିକ୍ଷାଦାନ କାଳରେ ସେ ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ଗତ ତିନିଦିନ ହେଲା ସେ ହଠାତ୍ ହୃଦଘାତ କାରଣରୁ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ଆଜି ପରଲୋକ ଘଟିଛି। ସ୍ୱର୍ଗତଃ ନାୟକଙ୍କ ଘର ଏହି ବ୍ଲକ୍‌ର କାଶିମପୁର ଗ୍ରାମ ହୋଇଥିବାବେଳେ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ରାଧାଗୋବିନ୍ଦ ନାୟକଙ୍କର ସେ ପୁତ୍ର ଓ ଡକ୍ଟର ରାଧାବିନୋଦ ନାୟକଙ୍କ ପୁତୁରା ଅଟନ୍ତି। ତାଙ୍କର ଏଭଳି ମୃତ୍ୟୁରେ ଧାମନଗର ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇଝିଅ, ପତ୍ନୀ, ଶାଳକ ସିପୁ, ଭାଇ ସାମ୍ବାଦିକ ଚାରୁଦତ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବାବେଳେ ଝିଅ ମନିସା ମୁଖାଗ୍ନି ଦେଇଥିବାର ଜଣାପଡିଛି ।

# ଟ୍ରାକ୍ଟର ଧକ୍କାରେ ମୃତ ମହିଳାଙ୍କ ଶବ ରଖି ରାସ୍ତା ଅବରୋଧ



ବାଲିଆପାଳ,୦୬/୦୩ (ନି.ପ୍ର): ଶୁକ୍ରବାର ସଂନ୍ଧ୍ୟାରେ ଟ୍ରାକ୍ଟର ଧକ୍କାରେ ମୃତ୍ୟୁବରଣ କରିଥିବା ମହିଳାଙ୍କ ଶବ ରଖି ଆଜି ସକାଳେ ବସ୍ତା-ବାଲିଆପାଳ ରାସ୍ତାରେ ଇଡକୋ ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ତଥା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପରିବାର ଲୋକ ଏବଂ ଗ୍ରାମବାସୀ ଏହି ରାସ୍ତା ରୋକ କରିଥିଲେ । ମୃତ ମହିଳା ଜଣକ ହେଲେ ବସ୍ତା ବ୍ଲକ ନାଡବଣୀ ପଂଚାୟତ ସିମୁଳିପାଳ ଗ୍ରାମର ଜୟନ୍ତି ଦାସ(୬୦ ବର୍ଷ) । ଜୟନ୍ତି ସ୍ୱାମୀ ବିଜୟଙ୍କ ସହିତ ବାଇକରେ ବସି ଶ୍ୱସୁର ଘର ଗ୍ରାମ ବିଷ୍ଣୁପୁରକୁ ଆସୁଥିଲେ । ସିମୁଳିଆ-ମାନଧାତା ରାସ୍ତାର ବାସୁଦେବପୁର ଛକରୁ ହାସିମପୁର ରାସ୍ତାରେ ଯାଉଥିବା ବେଳେ ଏକ ଟ୍ରାକ୍ଟର ବାଇକକୁ ସାମ୍ନା ପଟୁ ଧକ୍କା ଦେଇଥିଲା । ପଛରେ ବସିଥିବା ଜୟନ୍ତି ରାସ୍ତା ଉପରକୁ ଛିଟିକି ପଡିବାରୁ ଟ୍ରାକ୍ଟରଟି ତାଙ୍କ ଉପରେ ମାଡିଯାଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏ ସମ୍ପର୍କରେ ପୁଲିସ ପାଖରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଘଟଣାର ୧୬ ଘଂଟା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ପରିବାର ପକ୍ଷରୁ ମହିଳାଙ୍କ ଶବ ରଖି ରାସ୍ତା ରୋକ କରାଯାଇଥିଲା । ବାଲିଆପାଳ ଆଇ.ଆଇ.ସି ବିମଳ କୁମାର ନାୟକ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଁଚି କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ସୂଚନା ଯୋଗ୍ୟ ବାଲିଆପାଳ ତହସସିଲ ଅନ୍ତର୍ଗତ ଦେଉଳା ପଞ୍ଚାୟତରେ ଦୁଇ ଜଣ ମାଠି ମାଫିଆ ରାଜସ୍ୱ ବିଭାଗ କର୍ମଚାରିଙ୍କୁ ହାତବାରିସି କରି ମାସ ମାଶ ଧରି ଶହହ ଟ୍ରାକ୍ଟର ମାଟି ଉଠାଇ ବିକ୍ରି କରୁଛନ୍ତି । ଏହି ଟ୍ରାକ୍ଟରର ଗଗୁଡିକ ବେପରୁଆ ଭାବେ ଗାଡି ଚଳାଇଆସୁଥିବା ଅଭିଯୋଗ ହୋଇଆସୁଥିଲେ ମଧ କୌଣସି କାଯ୍ୟାନୁଷ୍ଠାନ ହେଉନାହିଁ । ଫଳରେ ବାରମ୍ୱାର ଦୁର୍ଘଟଣା ଘଟୁଛି ।

## ବକ୍ୱାଇଟ୍ କିଣିବା ପାଇଁ ଦେବାକୁ ହେବ ଅଣ୍ଡରଟେକିଂ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ କ୍ରୟ କରିଥିବା ବକ୍ସାଇଟ୍ ପାଇଁ ପୃଥକ ମୂଲ୍ୟ ଦେବାପାଇଁ ଅଣ୍ଡରଟେକିଂ ଦେବାକୁ ହେବ। ଉକ୍ତ ପ୍ରକ୍ରିୟା ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଏକ କାଳୀନ ପଦକ୍ଷେପ ଭାବେ ବିବେଚନା କରାଯିବ ବୋଲି ରାଜ୍ୟ କ୍ୟାବିନେଟ୍ ବୈଠକରୁ ଜଣାପଡିଛି। କ୍ୟାବିନେଟ୍ ର ଏହି ନିଷ୍ପତି ରାଜ୍ୟ ସରକାରଙ୍କ ପିଏସୟୁ ଓଏମସି ଲିମିଟେଡ୍ କୁ ଆର୍ଥିକ କ୍ଷତିରୁ ପୁନରୁଦ୍ଧାର କରିବା ସହିତ ରାଜ୍ୟର ପଛୁଆ ଅଂଚଳର ଦୃତ ଅର୍ଥନୈତିକ ଓ ଶିଳ୍ପ ବିକାଶରେ ସହାୟତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସିଆରପି ଛକ ରାଜରାସ୍ତାରେ....

ହୋଇପଡିଥିଲେ ସ୍ଥାନୀୟ ଲୋକେ । ତୁରନ୍ତ ଗାଡି ପାଖକୁ ମାଡି ଯାଇ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ନିସ୍ତୁକ ପିଟିଥିଲେ । ଛକ ଉପରେ ଉତ୍ତେ୍ୟକ୍ତ ଲୋକଙ୍କ ଆକ୍ରୋଶ ଜାରି ରହିଥିବା ବେଳେ ଭିଡ ଭିତରୁ ଜଣେ ମହିଳା ପିସିଆରକୁ ଫୋନ କରିଥିଲେ । ଆଖି ଆଗରେ ଏକ ନୃଶଂସ ହତ୍ୟାକାଣ୍ଡ ଦେଖିଥିବା ଲୋକେ ଏତେ ଉତକ୍ଷିପ୍ତ ହୋଇପଡିଥିଲେ ଯେ ଘଟଣାସ୍ଥଳରେ ପହଂଚିଥିବା ପିସିଆରକୁ ଛାଡିନଥିଲେ । ପିସିଆର ଭ୍ୟାନକୁ ଭଙ୍ଗାରୁଜା କରିଥିଲେ । ଏହାପରେ ୨ରୁ ୩ଟି ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହ ଅଭିଯୁକ୍ତଙ୍କୁ ହସ୍ପିଟାଲ ପଠାଇଥିଲେ । ତେବେ ଡିସିପି କହିଛନ୍ତି ,୩ ଜଣଙ୍କ ଭିତରେ ଆଗରୁ ବଚସା ଲାଗିରହିଥିଲା । ଗତକାଲି ସନ୍ଧ୍ୟାରେ ଓ ଆଜି ସକାଳରୁ ମଧ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ଏହାପରେ ଟୁକୁନାକୁ ଗାଡିରେ ବସାଇ ନେଇ ଆସିଥିଲେ ସାଗର ଓ ସୁଧୀର । ଗାଡି ଭିତରେ ହିଁ ସେମାନେ ଟୁକୁନାକୁ ଆକ୍ରମଣ କରିଥିଲେ । ମୃତ ଚୁକୁନା ନାଁରେ ଆଗରୁ ମଧ ନୟାପଲୀ ଥାନାରେ ମାରପିଟ ମାମଲା ରହିଛି । ଲୋକଙ୍କ ସହିତ ଗଣ୍ଡଗୋଳ କରିବା ତାର ଅଭ୍ୟାସ ବୋଲି ସାଲିଆ ସାହି ଲୋକେ କହିଛନ୍ତି ।

## ବିଜେପିର ରାଜ୍ୟ ପଦାଧିକାରୀ....

ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷ ଭାବେ ରାଜ୍ୟରେ କ୍ରମଶଃ ବୃଦ୍ଧି ପାଉଥିବା ଉତ୍କଟ ଆଇନଶୃଙ୍ଖଳା ପରିସ୍ଥିତି, ଧାନମଣ୍ଡି ଓ କୃଷକ ସମସ୍ୟା, ମହିଳା ଏବଂ ଶିଶୁ ନିର୍ଯ୍ୟାତନା ବୃଦ୍ଧି ପାଇବା, ଡିଏମଏଫ ଓ କାମ୍ପା ଫଣ୍ଡ ଦୁର୍ନୀତି, ମହାମାରୀ କୋଭିଡ କୁପରିଚାଳନା ଓ ଦୁର୍ନୀତି, ବାଲି ଦୁର୍ନୀତି, ସୀମା ବିବାଦ, ତୃଟିପୂର୍ଣ୍ଣ ଶିକ୍ଷା ନୀତି, ପାନୀୟ ଜଳ ସମସ୍ୟା, ଗୋସୁରକ୍ଷା ଆଦି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଆଜିର ଏହି ପଦାଧିକାରୀ ବୈଠକରେ ଚିନ୍ତା ପ୍ରକଟ କରାଯିବା ସହ ବିସ୍ତୃତ ଆଲୋଚନା କରାଯାଇଥିଲା । ଆସନ୍ତା କାଲିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏ ସମସ୍ତ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଆଜିର ଏହି ବୈଠକକୁ ସମ୍ବୋଧନ କରି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ସାଧାରଣ ନିର୍ବାଚନରେ ଓଡିଶାବାସୀ ଭାରତୀୟ ଜନତା ପାର୍ଟୀ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି । ରାଜ୍ୟର ସମସ୍ତ ୩୭ ହଜାରରୁ ଊର୍ଦ୍ଧ୍ୱ ବୁଥକୁ ଯାଇ ମୋଦି ସରକାରଙ୍କ ସମସ୍ତ ଜନକଲ୍ୟାଣ ଓ ଗରୀବକଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ଘରେ ଘରେ ପହଂଚାଇବାକୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆମେ ସମସ୍ତେ ପାର୍ଟୀର ସାଧାରଣ କାର୍ଯ୍ୟକର୍ତା । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ରାଜନୀତିରେ ସେବାକୁ ହିଁ ସର୍ବଦା ମହତ୍ୱ ଦିଆଯାଇଛି । ଦଳ ନିର୍ବାଚନ ଜିତିବା ପାଇଁ ନୁହେଁ, ଦଳର ସଂଗଠନ କେବଳ କ୍ଷମତା ଦଖଲ କରିବା ପାଇଁ ନୁହେଁ ବରଂ ସମାଜକୁ ଭଲ ପାଇ ସେବା କରିବା ବିଜେପି କାର୍ଯ୍ୟକର୍ତାଙ୍କ ଗୁରୁଦାୟୀତ୍ୱ । କୋଟି କୋଟି ବିଜେପି କାର୍ଯ୍ୟକର୍ତାଙ୍କ ନିଷ୍ଠା ଓ ପରିଶ୍ରମ କାରଣରୁ ଭାରତୀୟ ଜନତା ପାର୍ଟୀ ଆଜି ବିଶ୍ୱରେ ସର୍ବବୃହତ ରାଜନୈତିକ ଦଳ ଭାବେ ମାନ୍ୟତା ପାଇଛି । ଆମ ସମସ୍ତଙ୍କୁ ଅକ୍ଳାନ୍ତ ପରିଶ୍ରମ କରି ରାଜ୍ୟବାସୀଙ୍କ ଆହୁରି ଅଧିକ ଆସ୍ଥାଭାଜନ ହେବା ପାଇଁ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ପରାମର୍ଶ ଦେଇଛନ୍ତି । ଭାରତୀୟ ଜନତା ପାର୍ଟୀ ଅନ୍ୟ ରାଜନୈତିକ ଦଳଠାରୁ ସଂପୂର୍ଣ୍ଣ ଭିନ୍ନ । କୋଭିଡ୍ ମହାମାରୀ ସମୟରେ ବିଜେପି କାର୍ଯ୍ୟକର୍ତାମାନେ ସେବାକାର୍ଯ୍ୟ ଦ୍ୱାରା ସାଧାରଣ ଜନତାଙ୍କ ନିକଟରେ ପହଂଚିଛି । ବିଜେପି ପାର୍ଟୀର କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷିତ କରିବା ପାଇଁ ସର୍ବଦା ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଛି । ବୁଥ୍ ସ୍ତରର କାର୍ଯ୍ୟକର୍ତାଙ୍କଠାରୁ ଆରମ୍ଭ କରି ସାଂସଦ, ମନ୍ତ୍ରୀ ତଥା ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ପାର୍ଟୀର ବିଚାରଧାର ପ୍ରତି ଅବଗତ ହୁଅନ୍ତି ବୋଲି ରାଜ୍ୟ ସହପ୍ରଭାରୀ ଶ୍ରୀ ବିଜୟ ପାଲ୍ ସିଂହ ତୋମାର କହିଛନ୍ତି । ଆଜିର ବୈଠକରେ ଯୋଗ ଦେଇ ଉପସ୍ଥିତ ସମସ୍ତ ପଦାଧିକାରୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ମତାମତ ପ୍ରଦାନ କରିଥିଲେ ।

## ଧର୍ମେନ୍ଦ୍ରଙ୍କ ଚିଠି ପାଇ....

ଏହାର ପ୍ରତିଉତରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ମୋ ଅନୁରୋଧ ରକ୍ଷା କରି ପିଏମ କିଷାନର କିସ୍ତି ଟଙ୍କା ଓଡ଼ିଶାର ସମସ୍ତ ଯୋଗ୍ୟ ଚାଷୀଙ୍କୁ ମିଳିବା ନେଇ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ପ୍ରତିଶ୍ରୁତି ଦେଇଥିବାରୁ ଧନ୍ୟବାଦ। ସମସ୍ତ ପ୍ରଶାସନିକ ତଥା ପିଏମ କିଷାନ ସହିତ ଜଡ଼ିତ ବିଷୟ ଗୁଡ଼ିକୁ ତୁରନ୍ତ ସମାଧାନ କରିବା ହେଉଛି ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଓଡ଼ିଶା ସମେତ ଭାରତବର୍ଷର ଚାଷୀଙ୍କ କଲ୍ୟାଣ ପାଇଁ ନିରନ୍ତର କାମ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଲାଭ ରାଜ୍ୟର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ କିପରି ମିଳିପାରିବ ସେ ନେଇ ରାଜ୍ୟ ସରକାର ଏବଂ ବିଭାଗୀୟ ମନ୍ତ୍ରଣାଳୟ ମଧ୍ୟରେ ଏକ ବୈଠକ ଡ଼କାଯାଉ ଏବଂ ଏହି ପ୍ରସଙ୍ଗରେ କେନ୍ଦ୍ର କୃଷି ଶ୍ରୀ ତୋମାରଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ନିମନ୍ତେ ଶ୍ରୀ ତୋମାରଙ୍କୁ ଆଜି ଚିଠି ଲେଖିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ଉକ୍ତ ଚିଠିରେ ରାଜ୍ୟ ସରକାରଙ୍କୁ ଅତିରିକ୍ତ ବଲ୍କ ୱିଣ୍ଡୋ କ୍ଲିୟରାନ୍ସ କରିବା ପାଇଁ ଅନୁମତି ଦିଆଯାଉ। ଯାହା ଦ୍ୱାରା ହିତାଧିକାରୀଙ୍କ ସ୍ଥଗିତ ଥିବା କିସ୍ତି ଟଙ୍କାକୁ ଠିକ୍ କରାଯାଇ ତୁରନ୍ତ ବ୍ୟାଙ୍କ୍ ଖାତାକୁ ପଠାଯାଇପାରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ । କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ତୋମାରଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ ପ୍ରତିଥର ପିଏମ କିଷାନରେ କିସ୍ତି ଦିଆଯିବା ପୂର୍ବରୁ ରାଜ୍ୟ ମାନଙ୍କ ପାଇଁ କିଛି ପରିବର୍ତନ କରିବା କାରଣରୁ ପିଏମ କିଷାନ ହିତାଧିକାରୀଙ୍କ ତଥ୍ୟ ଖୋଲାଯାଏ। ଓଡ଼ିଶା ସରକାର ଚାଷୀଙ୍କ ପ୍ରକୃତ ଯାଂଚ୍ କରିବା ପାଇଁ ପାଖାପାଖି ୧୪.୫ ଲକ୍ଷ ଚାଷୀଙ୍କ କିସ୍ତି ନଦେବା ପାଇଁ ନିର୍ଦ୍ଦେଶ ଜାରୀ କରିଥିଲେ। ଯାହା ଭାରତର ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଅସାଧାରଣ। ଏହା ଦ୍ୱାରା ଓଡ଼ିଶାରେ କେବଳ ୨୩ ଲକ୍ଷ ଚାଷୀ ପିଏମ କିଷାନ ହିତାଧିକାରୀ ଲାଭ ପାଇପାରିଥିଲେ। ସୂଚନାଯୋଗ୍ୟ, ଗତ ୧ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଓଡ଼ିଶାରେ ପିଏମ କିଷାନରେ ପଞ୍ଜିକୃତ ସମସ୍ତ ଓଡ଼ିଆ ଚାଷୀ ଯେପରି ଭାବରେ ଏହାର ଲାଭ ପାଇପାରିବେ ସେ ନେଇ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଥିଲେ ।

## କବି ଅରୁଣ ସାହୁଙ୍କ କବିତା....

ଜୀବନଶୈଳୀ ଓ ଜୀବନବୋଧହିଁ କବି ମାନଙ୍କର ମୁଖ୍ୟ ବିଷୟ ବସ୍ତୁ ହୋଇଥାଏ। ଯାହା କବି ଅରୁଣ ସାହୁଙ୍କ କବିତାରେ ଦେଖାଯାଇଥାଏ। କବିଟିଏ ପୁରୁଷ ହେଉ କି ନାରୀ ସେ କିନ୍ତୁ ସମସ୍ତଙ୍କ ପାଇଁ ମାଆଟିଏ। ସେଥିପାଇଁ ପୃଥିବୀ ସମସ୍ତଙ୍କ ପାଇଁ ସୁନ୍ଦର ଦିଶୁଛି। ଜୀବନକୁ ଭଲ ନ ପାଇଲେ କବିତା ଲେଖିହେବ ନାହିଁ। ପୃଥିବୀର ସବୁଠାରୁ ବଡଧର୍ମ ଓ ଗ୍ରନ୍ଥ ହେଲା ଜୀବନକୁ ଭଲ ପାଇବା। ଆକାଶରେ ଜହ୍ନଥିଲାବେଳେ ଓ ସୂର୍ଯ୍ୟଥିଲା ବେଳେ କବି ଅରୁଣ ସାହୁ କବିତା ଲେଖିଛନ୍ତି। ଦାର୍ଶନିକ ସକ୍ରେଟିସ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ରକ୍ତତୀର୍ଥ ଇରମ, ଭଦ୍ରକର ସ୍ୱାଧୀନତା ସଂଗ୍ରାମ, ମହାତ୍ମାଗାନ୍ଧୀ, ଉତ୍କଳମଣୀ ଗୋପବନ୍ଧୁ ପ୍ରମୁଖଙ୍କ ଉଦାହରଣକୁ ସଂକ୍ଷିପ୍ତରେ ଏହି ସଭାରେ ଅତିଥି ମାନେ ଆଲୋଚନା କରିଥିଲେ। କବି ଅରୁଣ ସାହୁଙ୍କ ଦୁଇଟି କବିତା ପୁସ୍ତକକୁ ସମସ୍ତ ଅତିଥି ଉନ୍ମୋଚନ କରିଥିଲେ। କବି ଅରୁଣ ସାହୁ ନିଜର ଲେଖକୀୟ ଅଭିବ୍ୟକ୍ତି ବାଢିଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକରେ ଥିବା ୨୪ଟି ସାହିତ୍ୟ ଅନୁଷ୍ଠାନ ଯଥା ସ୍ରଷ୍ଟା ଓ ସୃଷ୍ଟି, ଅବସର, ବାଇଚଢେଇ, ରଙ୍ଗରାଗ, ସାଧନା, ବେଳାଭୂମି ସାହିତ୍ୟ ପରିଷଦ, ସମ୍ବାଦ ସାହିତ୍ୟଘର, ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର ପ୍ରେସ କ୍ଲବ, ତ୍ରିରଙ୍ଗାର ରଙ୍ଗ, ଚୁନାଚୁନା ସୁନାଫୁଲ, ଉତ୍କଳ ସାହିତ୍ୟ ପରିଷଦ, ସହିଦସ୍ମୃତି ସାଂସ୍କୃତିକ ପରିଷଦ, କଳ୍ପତରୁ ଶିକ୍ଷାସେବାଶ୍ରମ, ମାନସ ସ୍ମୃତି ପାଠାଗାର, ପ୍ରଜ୍ଞାପଥ ଓ ଅନ୍ୟାନ୍ୟ ସାହିତ୍ୟ ଅନୁଷ୍ଠାନକୁ ମାନପତ୍ର, ଟ୍ରଫି ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ କବି ଡକ୍ଟର ସନାତନ ନାୟକ, ମହାପ୍ରସାଦ ସ୍ୱାମୀ, କବି ସଦାନନ୍ଦ ପାଣିଗ୍ରାହୀ ପ୍ରମୁଖ। ବହୁ କବି ନିଜ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବାଇଚଢେଇ ପତ୍ରିକାର ସଂପାଦକ କବି ବିକାଶ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ଲକ୍ଷ୍ମୀଧର ବାରିକ ଓ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ମଧୁର ପରିବେଶରେ ସହିଦ ତିର୍ଥଯାତ୍ରୀର ପ୍ରତିଷ୍ଠାତା ବୈଲୋଚନ ଜେନା, ଧ୍ୱନି ପ୍ରତିଧ୍ୱନିର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡା, ଶିକ୍ଷାବିତ୍ ଦୁଃଶାସନ ରାଉତ, ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଆଇନଜିବୀ ନିର୍ମଳ ବେହେରା, ଶିଳ୍ପପତି ମହେଶ ଦାସ, ପ୍ରଧାପକ ଡକ୍ଟର ବସନ୍ତ ଦାସ, ଆଇନଜୀବି ପ୍ରଦୀପ ମହାନ୍ତି, କବି ରତ୍ନାକର ପଣ୍ଡା, କବି ପ୍ରଦୀପ୍ତ ମହାନ୍ତି, ଅଧାପକ ବସନ୍ତ ଦାସ, ଗୀତିକାର ସୁଦର୍ଶନ ଅଗସ୍ତି ପ୍ରମୁଖ ଯୋଗ ଦେଇଥିଲେ। କବି ଅରୁଣ ସାହୁଙ୍କ ପରିବାର ବର୍ଗ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ....

ଶୁଭେନ୍ଦୁଙ୍କ ଗଡ଼ ବୋଲି କୁହାଯାଏ। ତେଣୁ ମମତାଙ୍କୁ କଡ଼ା ଟକ୍କରର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗତ ସପ୍ତାହରେ ବିଜେପି ନେତୃବୃନ୍ଦଙ୍କୁ ଶୁଭେନ୍ଦୁ ଅଧିକାରୀ କହିଥିଲେ ଯେ ଯଦି ତାଙ୍କୁ ନନ୍ଦୀଗ୍ରାମରୁ ଲଢ଼ିବାକୁ ଟିକଟ ଦିଆଯାଏ, ତେବେ ସେ ଅତି କମରେ ୫୦,୦୦୦ ଭୋଟରେ ବିଜୟ ଲାଭ କରିବେ। ତେବେ ମମତାଙ୍କ ବିରୋଧରେ ଲଢ଼ିବା ଲାଗି ତାଙ୍କୁ ଦଳୀୟ ଟିକେଟ୍ ଦିଆଯିବ କି ନାହିଁ, ସେ ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଛଡ଼ା ଯାଇଥିଲା।

## ଶ୍ରୀମନ୍ଦିରର ଉନ୍ନତି ଲାଗି ବହୁ ପଦକ୍ଷେପ ନିଆଯିବ : ଦିବ୍ୟସିଂହ ଦେବ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ପୁରୀ ଶ୍ରୀମନ୍ଦିର ବିକାଶ ନେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ ଉପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉତର ଦେଇ କହିଛନ୍ତି ଯେ, ଲୋକଙ୍କ ପାଇଁ ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପ୍ରେରଣାର ଉତ୍ସ। ଶ୍ରୀମନ୍ଦିର ସର୍ବାଙ୍ଗୀନ ଉନ୍ନତି ପାଇଁ ବହୁ ପଦକ୍ଷେପ ନିଆଯିବ। ପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟ ସରକାର ଶ୍ରୀମନ୍ଦିର ଉନ୍ନତି କାମ ହାତକୁ ନେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ପାଇଁ ସମର୍ପଣ ନିଧି ସଂଗ୍ରହ ସଂଗ୍ରହ ଅଭିଯାନ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରସ୍ତାବ ଲାଗି ତାଙ୍କୁ ଧନ୍ୟବାଦ ଦେବା ସହ ଗଜପତି ମହାରାଜା ତାଙ୍କ ପତ୍ରରେ ଲେଖିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଏବଂ ବ୍ୟକ୍ତିଗତ ଭାବେ ଆପଣଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିକାଶ ଲାଗି ଯାହା ଯାହା ସମ୍ଭବ ତାହା ଆମେ କରିବୁ। ଏହି ପ୍ରାଚୀନ ଐତିହ୍ୟର ଗୌରବକୁ ଉାବିତ କରିବା ଲାଗି ଏବଂ ବିଶ୍ୱର କୋଣଅନୁକୋଣରେ ଥିବା ଜଗନ୍ନାଥ ଭକ୍ତଙ୍କର ଇଚ୍ଛା ଓ ଆଗ୍ରହକୁ ସମ୍ମାନ ଦେଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ ପୁରୀ ଶ୍ରୀମନ୍ଦିରର ଉନ୍ନତି ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗଜପତି ମହାରାଜାଙ୍କୁ ଗତକାଲି ଚିଠି ଲେଖିଥିଲେ। ଶ୍ରୀମନ୍ଦିର ବିକାଶ କରିବା ପାଇଁ ପରିକ୍ରମା ଓ ଅନ୍ୟାନ୍ୟ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ମହତ କାର୍ଯ୍ୟରେ ଶ୍ରମଦାନ କିମ୍ବା ଅର୍ଥଦାନ ମାଧ୍ୟମରେ ବିଶ୍ୱର ସମଗ୍ର ହିନ୍ଦୁ ସମାଜ ତଥା ବିଶେଷ ଭାବରେ ସାଢେ ୪ କୋଟି ଓଡିଆ ସାମିଲ ହେବାକୁ ଇଚ୍ଛା ରଖିଛନ୍ତି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସମର୍ପଣ ନିଧି ସଂଗ୍ରହ ସଂଗ୍ରହ ଅଭିଯାନ ଭଳି ଏକ ବ୍ୟବସ୍ଥା ତିଆରି କରିବା ପାଇଁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପତ୍ର ଲେଖି ତାଙ୍କର ସହଯୋଗ ଲୋଡିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଇଂ.ସୁରେନ୍ଦ୍ରନାଥ ଦାସଙ୍କ ୬ ଖଣ୍ଡ ପୁସ୍ତକ ଲୋକାର୍ପିତ




ବାଲେଶ୍ୱର,୦୬/୦୩ (ନି.ପ୍ର): ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ ଇଂଜିନିୟର ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ୬ ଖଣ୍ଡ ପୁସ୍ତକର ଶୁଭ ଲୋକାର୍ପଣ ଉତ୍ସବ ୬ ତାରିଖ ଦିନ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସହିତ୍ୟିକ ଶ୍ରୀକୁମାର ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରିବା ସହିତ ଇଂ.ଦାସଙ୍କ ରଚିତ ପ୍ରତ୍ୟେକ ପୁସ୍ତକରେ ସାମ୍ପ୍ରତିକ ସମାଜ ପାଇଁ ଉପାଦେୟ ବାର୍ତ୍ତା ପାଠକଙ୍କ ମନକୁ ଛୁଇଁବ ବୋଲି କହିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଶିରୀଶ ଚନ୍ଦ୍ର ଜେନା, ଇଜିନିୟର ପରେଶ ଚନ୍ଦ୍ର ମୁଦୁଲି, ଇଂଜିନିୟର ଡକ୍ଟର ହୃଷୀକେଶ ସାହୁ, କବି କାଳୀପଦ ପଣ୍ଡା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଂ ଦାସଙ୍କ ସାରସ୍ୱତ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷଣୀୟ ବିଷୟବସ୍ତୁ ସାଙ୍ଗକୁ ଉଚ୍ଚ କୋଟୀର ଶବ୍ଦ ସଂଯୋଜନା ଏହି ପୁସ୍ତକ ଗୁଡ଼ିକୁ ଅଧିକ ପାଠକୀୟ ଆଦୃତି ଦେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେଖକ ଇଂ. ଦାସ ଏହି ଅବସରରେ ନିଜର ଲେଖକୀୟ ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ। କରୋନା କାଳରେ ଦୀର୍ଘ ଦିନ ଧରି ଚାରି ରହିଥିବା ସଟଡାଉନ ଓ ଲକଡାଉନ ମଧ୍ୟରେ ଘରେ ବସି ଅମୂଲ୍ୟ ଯୁଗଳଙ୍କ ଅକୁହା କଥା, ଝରଣାର ସାଗର, ସାଉଁଟା ଫୁଲ, କାଳର ଆହ୍ୱାନ, ନାରୀଶକ୍ତି ସମେତ ଏକ କବିତା ସଂକଳନ 'ସ୍ମୃତି ଅନୁଭୂତିର ପ୍ରୀତିପୁଷ୍ପ' ଭଳି ପୁସ୍ତକ ରଚନା କରିବାକୁ ସେ ଅବସର ପାଇଥିଲେ ବୋଲି ଇଂ ଦାସ କହିଥିଲେ। ଏହି ପୁସ୍ତକ ରଚନା ପାଇଁ ବନ୍ଧୁ ଶିଳ୍ପୋଦ୍ୟୋଗୀ ହିମାଂଶୁ ଦାସ ଓ ଚାକିରି କାଳର ଉପରିସ୍ଥ ଅଧିକାରୀ ତାଙ୍କୁ ଅଧିକ ଉତ୍ସାହିତ କରିଥିଲେ ବୋଲି ସେ କହିଥିଲେ। ତେବେ ଏହି ୬ଖଣ୍ଡ ପୁସ୍ତକକୁ ସେ ସହଧର୍ମିଣୀ ସତ୍ୟଭାମା ଦାସଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ଇଂ ଦାସ ପ୍ରକାଶ କରିଥିଲେ।ସମାଜସେବୀ ଧୀରେନ୍ଦ୍ର ନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିବା ବେଳେ ଖଡ଼ିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ଏଥିରେ ସଂଯୋଜନା କରିଥିଲେ। ଇଂଜିନିୟର ସୌମ୍ୟାଶ୍ରୀ ଦାସ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସୁଦୀପ୍ତ କୁମାର ମିଶ୍ର ବେଦପାଠ କରିଥଲେ। ଇଂ ଦାସଙ୍କ ପତ୍ନୀ ସତ୍ୟଭାମା ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ବାର୍ ଆସୋସିଏସନର ସାଧାରଣ ପରିଷଦ ବୈଠକ ଆୟୋଜିତ




ପାରାଦୀପ,୦୬/୦୩ (ନି.ପ୍ର): ପାରାଦୀପ ଠାରେ ନବ ଗଠିତ ପାରାଦୀପ ବାର୍ ଆସୋସିଏସନ୍ ର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ରାଜ୍ୟ ସରକାର ଙ୍କ ଦ୍ୱାରା ୨୦୧୬ ମସିହାରେ ପଂଜୀକୃତ ହୋଇଥିଲା ଏହି ସଂଘ। ପରେ ଓଡିଶା ଷ୍ଟେଟ ବାର୍ କାଉନସିଲ ର ସ୍ୱିକୃତି ପାଇଁ ଆବେଦନ କରାଯାଇଥିଲା। ଚଳିତ ବର୍ଷ ଏହି ସଂଘ କୁ ଓଡିଶା ଷ୍ଟେଟ ବାର୍ କାଉନସିଲ ସ୍ୱିକୃତି ପ୍ରଦାନ କରିଛନ୍ତି । ତଦନୁଯାୟୀ ଆସନ୍ତା ୬ ତାରିଖ ରୁ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ସାଧାରଣ ସଂପାଦକ ତପନ କୁମାର ଦାଶ। ପ୍ରାରମ୍ଭିକ ସୂଚନା ଦେଇଥିଲେ ସଭାପତି ହେମନ୍ତ କୁମାର ସାହୁ। ଏହି ନିର୍ବାଚନ ପ୍ରକ୍ରିୟା ରେ ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ ସିଂହ ଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସଂଘ ର ସଦସ୍ୟ ରବିନ୍ଦ୍ର କୁମାର ଜେନା, ସଂଜୟ କୁମାର ମିଶ୍ର,କୈଳାସ ଚନ୍ଦ୍ର ସାହୁ, ଗୋପିନାଥ ମଲ୍ଲ, ଗୋଲେଖ ସୂତାର , ଦେବବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବୈଠକ ଶେଷ ରେ ଗଣମାଧ୍ୟମ କୁ ସୂଚନା ଦେଇ ସଭାପତି ହେମନ୍ତ କୁମାର ସାହୁ ଓ ସାଧାରଣ ସଂପାଦକ ତପନ କୁମାର ଦାଶ ପାରାଦୀପ ବାର୍ ଆସୋସେସନ୍ ପାରାଦୀପ ଅଂଚଳ ର ସମସ୍ତ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ରେ ସହାୟକ ହେବା ବୋଲି କହିଥିଲେ ।

## ଧାମନଗର କଂଗ୍ରେସ ଦଳର ବ୍ଲକ ଓ ନଗର ସଭାପତି ଚୟନ



ଧାମନଗର,୦୬/୦୩ (ନି.ପ୍ର): ଧାମନଗର ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଯୁବନେତା ଅଭିଷେକ ରାଉତ ଓ ନଗର କଂଗ୍ରେସ କମିଟିର ସଭାପତି ଭାବେ ପ୍ରସନ୍ନ କୁମାର ଧଳଙ୍କୁ ପ୍ରଦେଶ କଂଗ୍ରେସ କମିଟି ତରଫରୁ ନିଯୁକ୍ତି ମିଳିଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସନେତା ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଏକମାତ୍ର ପୁତ୍ର ଅଭିଷେକ ରାଉତ ଏହାପୁର୍ବରୁ ରାଜ୍ୟ କଂଗ୍ରେସ ପଛୁଆବର୍ଗ ସେଲର ଉପାଧକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଭାବେ ସ୍ୱର୍ଗତ ରାଉତ ବହୁ ଉନ୍ନୟନ ମୂଳକ ଓ ଜନହିତକର କାର୍ଯ୍ୟ କରିଥିବାବେଳେ ତାଙ୍କର ପୁତ୍ର ଅଭିଷେକ ରାଉତଙ୍କୁ ଧାମନଗର ମାଟିର ସେବାରେ ନିଜକୁ ନିୟୋଜିତ କରିବାପାଇଁ ସେ ଚାହୁଁଥିଲେ। ବିଗତ କିଛିବର୍ଷହେବ ଭଦ୍ରକ ଜିଲ୍ଲା ତଥା ଧାମନଗର ଅଞ୍ଚଳରେ ଅଭିଷେକ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଆସୁଥିବାବେଳେ କଂଗ୍ରେସ କର୍ମୀମାନେ ତାଙ୍କୁ ଧାମନଗର କଂଗ୍ରେସର ମଙ୍ଗ ଧରିବାପାଇଁ ଅନୁରୋଧ କରିଥିଲେ। ଧାମନଗର ବ୍ଲକ କଂଗ୍ରେସର ବିପର୍ଯ୍ୟସ୍ତ ସାଂଗଠନିକ ଅବସ୍ଥାକୁ ଅନୁଭବ କରି ପ୍ରଦେଶ କଂଗ୍ରେସ କମିଟି ଅଭିଷେକ ରାଉତଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଛନ୍ତି।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଘନ ମାମଲାରେ ୧୨ ଗିରଫ, ୫୯୮ ବାହନ ଜବତ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୫୯୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୬୮,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଆସନ୍ତାକାଲି ଧାମନଗର ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା

ଧାମନଗର,୦୬/୦୩ (ନି.ପ୍ର): ଧାମନଗର ଏନ୍ଏସି ଅନ୍ତର୍ଗତ ଧାମନଗର ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାପାଇଁ ଆସନ୍ତାକାଲି ସୋମବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟାରୁ ୧୧ଟା ଯାଏ ୨ଘଣ୍ଟା ବ୍ୟାପି ଏହି ପରୀକ୍ଷା ହେବବୋଲି ବିଜ୍ଞପ୍ତିରୁ ପ୍ରକାଶ ପାଇଛି। ଏହି ପ୍ରବେଶିକା ପରୀକ୍ଷା ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ପଳିକିରୀ ଭଗବାନପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୨୩୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ମିଶ୍ର ସୁପରିଟେଣ୍ଡ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରେଣୁବାଳା ନାୟକ ଅବଜରଭର ଭାବେ ଦାୟିତ୍ୱରେ ଅଛନ୍ତି। ସେହିପରି ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୨୦୦ ପିଲା ପରୀକ୍ଷା ଦେବାକୁ ଥିବାବେଳେ ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀ ସୁପରିଟେଣ୍ଡ ଓ ଏବିଇଓ ଶ୍ରୀଚରଣ ମଲ୍ଲିକ ଅବଜରଭର ଥିବା ବେଳେ ପ.ବି.ହାଇସ୍କୁଲରେ ମୋଟ ୧୦୦ଜଣ ପରୀକ୍ଷାର୍ଥୀ ଓ ପ୍ରଧାନ ଶିକ୍ଷକ ଅଜୟ ନନ୍ଦ ସେଣ୍ଟର ସୁପରିଟେଣ୍ଡ ଏବଂ ଏବିଇଓ ଭୀମସେନ ହୋ ଅବଜରଭର ଦାୟିତ୍ୱରେ ଅଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ଧାମନଗରଙ୍କ ଚିଠିନଂ ୪୪୯ ତା ୦୪/୦୩/୨୧ରେ ସୂଚନା ଦିଆଯାଇଛି।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ ତମ ଜନ୍ମଜୟନ୍ତି ପାଳିତ



ପାରାଦୀପ,୦୬/୦୩ (ନି.ପ୍ର): ପାରାଦୀପ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପକ୍ଷ ରୁ ମହାନ ଜନ ନାୟକ ବିଜୁ ପଟ୍ଟନାୟକ ଙ୍କ ୧୦୫ ତମ ଜୟନ୍ତି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ରେ ଆୟୋଜିତ ହୋଇଯାଇଛି । ଏହି ଅବସର ରେ ବିଭିନ୍ନ ୱାର୍ଡ ରେ ସଫେଇ, ବୃକ୍ଷ ରୋପଣ, ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ ହୋଇଥିଲା । ଅପରାହ୍ନ ରେ ଟ୍ରଷ୍ଟ ପରିସର ରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏହି ସଭା ରେ ମୁଖ୍ୟ ଅତିଥି ଭାବେ ସାଂସଦ ଡା.ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଧାୟକ ସଂବିତ ରାଉତରାୟ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଜେଡି ରାଜ୍ୟ ସାଧାରଣ ସଂପାଦକ ପ୍ରମୋଦ କିଶୋର ଜେନା, ରଂଜନ କୁମାର ଦାସ ପ୍ରମୁଖ ଯୋଗ ଦେଇ ବିଜୁ ବାବୁ ଙ୍କ ଜୀବନୀ ସଂପର୍କ ରେ ଆଲୋକପାତ କରିଥିଲେ ।

### ଲିଙ୍ଗରାଜ ମନ୍ଦିର ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୦୬/୦୩ (ନି.ପ୍ର): ଆସନ୍ତା ୧୧ ତାରିଖ ମହାଶିବରାତ୍ରୀରେ କୋଭିଡ କଟକଣା ମଧ୍ୟରେ ପାଳିତ ହେବ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା। ତେବେ ଭକ୍ତମାନଙ୍କୁ ଏକାଠି ବସି ଦୀପ ଜାଳିବାକୁ ବାରଣ କରାଯାଇଛି। ଶନିବାର ଦିନ ଜାଗରା ଯାତ୍ରା ପ୍ରସ୍ତୁତି ନେଇ ମନ୍ଦିରର ୩ ସେବାୟତ ନିଯୋଗଙ୍କ ସହ ପୋଲିସ ଓ ପ୍ରଶାସନର ବୈଠକରେ ଏହି ନିଷ୍ପତି ନିଆଯାଇଛି। ବୈଠକରେ ଶାନ୍ତି ଶୃଙ୍ଖଳାରେ ଭକ୍ତମାନେ କିଭଳି ମହାପ୍ରଭୁଙ୍କ ଦର୍ଶନ କରିବେ, ସେ ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଜାଗର ଦିନ କୋଭିଡ ନିୟମ ପାଳନ କରି ଭକ୍ତମାନେ ଦୀପ ଜାଳିବାକୁ ସ୍ଥିର ହୋଇଛି । ତା'ସହ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ ସହ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ବ୍ୟାରିକେଡ ଭିତରେ ନିୟମ ଅନୁଯାୟୀ ଭକ୍ତମାନେ ଦର୍ଶନ କରିପାରିବେ। ଶ୍ରଦ୍ଧାଳୁଙ୍କ ପାଇଁ ପିଇବା ପାଣି ଓ ଓଆରଏସ୍ ର ବ୍ୟବସ୍ଥା କରାଯିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଅପରପକ୍ଷରେ ବିଭିନ୍ନ ଏନଜିଓ, ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ହେଉଥିବା ଖାଦ୍ୟ ବଂଟନକୁ ମଧ୍ୟ ବାରଣ କରାଯାଉଛି ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ। ସେହିପରି ରାତି ୧୦ଟା ପରେ ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁ କିଭଳି ମନ୍ଦିରରୁ ବାହାରିବେ ସେ ନେଇ ବିଶେଷ ଧ୍ୟାନ ଦିଆଯିବ।

## ବିଭିନ୍ନ ସ୍ଥାନରେ ପର୍ଯ୍ୟଟନମନ୍ତ୍ରୀଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଖଇରା,୦୬/୦୩ (ନି.ପ୍ର): ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ନବନିର୍ମିତ ହୋଇଥିବା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦ୍ଘାଟନ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କରିଥିଲେ। ମାଖନପୁରରେ ୭୯.୬୬ଲକ୍ଷ ଓ ତରାଙ୍ଗ ଓ ତତ୍ ସହିତ ଖିରିପଦା ପାନୀୟ ଜଳ ଯୋଗାଣ ନିମନ୍ତେ ୧୩୦.୦୪ଲକ୍ଷ, ବଳଭଦ୍ରପୁରରେ ୧୪୩.୨୧ଲକ୍ଷ, ରୁସ୍ତମପୁରରେ ୧୧୫.୧୯ଲକ୍ଷ ଜଳ ପ୍ରକଳ୍ପ ଉଦ୍ଘାଟନ କରିଥିଲେ। ଜଳ ବହୁଲେ ସୃଷ୍ଟି ନାଶ,ଜଳ ବିହୁନେ ସୃଷ୍ଟି ନାଶ। ତେଣୁ ଜଳର ସଦ୍‌ଉପଯୋଗ କରନ୍ତୁ ଏବଂ ଭବିଷ୍ୟତ ପାଇଁ ଜଳ ସଂରକ୍ଷଣ କରନ୍ତୁ। ଏହିକାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ମହିଳା ସଭାପତି ରଶ୍ମିତା ମହାପାତ୍ର, ଗୋବିନ୍ଦପୁର ପଞ୍ଚାୟତର ରବିନ୍ଦ୍ର କୁମାର ବେହେରା, ମାଖନପୁର ପଞ୍ଚାୟତର ଅନାଦି ଚରଣ ଦାସ, ସମିତି ସଭ୍ୟାଙ୍କ ପ୍ରତିନିଧି ଦିପ୍ତି ପ୍ରକାଶ ପାଣି (ମିଲୁ)ଙ୍କ ସମେତ ବିଜେଡି ସମର୍ଥକ ଉପସ୍ଥିତ ଥିଲେ।


### ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ

ରେଜିଷ୍ଟ୍ରେସନ ନଂ ୧୫୭ ବି, ଏଲ ତା ୨୩.୦୫.୧୯୫୫ ରିଖ
ମିର୍ଜାପୋଖରୀ ଲେନ, ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩
ଫୋନ (୦୬୭୮୨) ୨୪୦୯୮୪

**୨୦୨୦-୨୦୨୧ ବର୍ଷର ବାର୍ଷିକ ସାଧାରଣ ସଭା-ନୋଟିସ**

ନୋଟିସ ନଂ-୧୦୪ ତା. ୦୬/୦୩/୨୧

ଏତଦ୍ୱାରା ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ୍ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃର ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ (ନାମମାତ୍ର ସଭ୍ୟ/ସଭ୍ୟାମାନଙ୍କ ବ୍ୟତୀତ) ଅବଗତ କରାଯାଉଛି କି ସମିତିର ସ୍ନ ୨୦୨୦-୨୦୨୧ ବର୍ଷର ବାର୍ଷିକ ସାଧାରଣ ସଭା ଆସନ୍ତା ମାର୍ଚ୍ଚ ମାସ ତା-୨୧/୦୩/୨୦୨୧ ରିଖ ରବିବାର ଦିବା ୧୦ ଘଟିବା ସମୟରେ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ।

ଏଣୁ ଅନୁରୋଧ, ଆପଣ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାଇ ଆଲୋଚନାରେ ଅଂଶଗ୍ରହଣ କରିବା ହେବେ ।

**କାର୍ଯ୍ୟସୂଚୀ**

୧. ପୂର୍ବ ସାଧାରଣସଭା ତା-୧୧/୦୧/୨୦୨୦ ରିଖର ବିବରଣୀ ପଠନ ଓ ଦୃଢ଼ୀକରଣ ।
୨. ସମ୍ପାଦକଙ୍କ ବିବରଣୀ ଓ ସ୍ନ ୨୦୧୯-୨୦୨୦ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଗ୍ରହଣ ।
୩. ସ୍ନ ୨୦୨୦-୨୦୨୧ ବର୍ଷର ପରିଚାଳନା ପରିଷଦଙ୍କ ଦ୍ୱାରା ଗୃହୀତ ସମିତିର ବ୍ୟବସାୟୀକ ଯୋଜନା ଓ ବଜେଟ ଅଟକଳ ପଠନ ଓ ଅନୁମୋଦନ ।
୪. ସ୍ନ ୨୦୨୦-୨୦୨୧ ବର୍ଷର (ତା- ୦୧/୦୪/୨୦୨୦ ରିଖରୁ ତା ୩୧/୦୧/୨୦୨୧ ରିଖ ପର୍ଯ୍ୟନ୍ତ ଜମା ଖର୍ଚ୍ଚ ଉପରେ ଆଲୋଚନା ଓ ଅନୁମୋଦନ ।
୫. ଅନ୍ୟାନ୍ୟ (ପ୍ରଶାସକଙ୍କ ଅନୁମତି କ୍ରମେ)

ପ୍ରଶାସକଙ୍କ ଅନୁମତି କ୍ରମେ
ସ୍ୱା- ଶ୍ରୀ ଗୌରହରି ମିଶ୍ର
ସମ୍ପାଦକ

ତା ୧୬/୦୩/୨୦୨୧ରିଖ
ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ


## 'ନିର୍ଭୟ'ର ସପ୍ତମ ବାର୍ଷିକ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍‌ବୋଧନ




ନୂଆଦିଲ୍ଲୀ/ଭୁବନେଶ୍ୱର,୦୬/୦୩ (ନି.ପ୍ର): ସମାଜରେ ନିର୍ଭୟ ହେବା ଦରକାର। ବିଶେଷଭାବରେ ସ୍ୱାଭିମାନୀ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ହେବା ପାଇଁ ବ୍ୟକ୍ତି ଜଣକ ନିର୍ଭୟ ହେବା ଦରକାର। ନିର୍ଭୟ ବାଣୀରେ ନୁହେଁ ବରଂ ମନରେ ହେବା ଦରକାର। ଏହି ମର୍ମରେ ଓଡ଼ିଶାରେ ପ୍ରଜାତନ୍ତ୍ରରେ ସମାଲୋଚନାର ବଡ ଆବଶ୍ୟକତାକୁ ପୂରଣ କରିବା ଦିଗରେ 'ନିର୍ଭୟ' ଖବରକାଗଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଓଡ଼ିଶାର ଦୈନିକ ଖବରକାଗଜ 'ନିର୍ଭୟ'ର ସପ୍ତମ ବାର୍ଷିକ ଉତ୍ସବରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ଶ୍ରୀ ପ୍ରଧାନ ଶ୍ରୀମନ୍ଦିରର ବିକାଶ ପାଇଁ ସାମୂହିକ ଉଦ୍ୟମ, ମହାତ୍ମା ଗାନ୍ଧିଙ୍କ ବିଚାରଧାରା ଏବଂ ଏହାର ପ୍ରାସଙ୍ଗିକତା, ପରିବେଶ ସୁରକ୍ଷା, ସାମଜକୁ ଆଗେଇ ନେବାରେ ସମସ୍ତଙ୍କ ପ୍ରଚେଷ୍ଟା ଓ କରୋନା ସମୟରେ ଭାରତର ଥିବା ଦାୟିତ୍ୱ ପ୍ରସଙ୍ଗରେ ନିଜର ମତ ରଖିବା ସହ କହିଛନ୍ତି ଯେ ମୂଲ୍ୟବୋଧଭିତିକ ସାମ୍ବାଦିକତାର ଜାଗ୍ରତ ପ୍ରହରି ଏବଂ ନିର୍ଭୀକ ଭାବରେ ପ୍ରଜାତନ୍ତ୍ରରେ ସମାଲୋଚନାକୁ ଗୁରୁତ୍ୱ ଦେଉଥିବା ନିର୍ଭୟ ଦୀର୍ଘ ୭ ବର୍ଷ ଧରି ନିରନ୍ତର ସଂଘର୍ଷ କରି ନିଜର ସ୍ୱକୀୟ ପରିଚୟ ସୃଷ୍ଟି କରିପାରିଛି। ମହାପ୍ରଭୁଙ୍କ କ୍ଷେତ୍ର ତଥା ୮୦୦ ବର୍ଷର ଶ୍ରୀମନ୍ଦିରର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କାମ ଆରମ୍ଭ ହୋଇଛି। ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଆଗକୁ ନେବା ପାଇଁ ଜନଆନ୍ଦୋଳନର ଆବଶ୍ୟକତା ଥିବା ବେଳେ ମହାପ୍ରଭୁଙ୍କ ଆଶୀର୍ବାଦରେ ସମଗ୍ର ହିନ୍ଦୁ ତଥା ସାଢେ ୪ କୋଟି ଓଡ଼ିଆ ଲୋକ ଶ୍ରୀମନ୍ଦିରର ବିକାଶ ପାଇଁ ଆଗେଇ ଆସିବା ଦରକାର। ସାମ୍ପ୍ରତିକ ସମୟରେ ପରିବେଶର ସୁରକ୍ଷା ନେଇ ପରିବେଶବିତ୍ ମାନେ ଚିନ୍ତାପ୍ରକଟ କରିଛନ୍ତି । ମାତ୍ର ଏହି ପରିବେଶର ସୁରକ୍ଷା ପାଇଁ ମହାତ୍ମା ଗାନ୍ଧିଜୀ ଦୀର୍ଘ ୧୫୦ ବର୍ଷ ପୂର୍ବରୁ ଭାରତୀୟତାର ମୂଲ୍ୟବୋଧରେ ପରିବେଶ ପାଇଁ ସ୍ୱଚ୍ଛତାର ଜନଆନ୍ଦୋଳନ ତିଆରି କରିଥିଲେ। ଗାନ୍ଧିଜୀଙ୍କ ଏହି ବିଚାରଧାରା ଲମ୍ବା ସମୟ ଧରି ଆମକୁ ପ୍ରେରଣା ଦେବ। ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ, ଆତ୍ମନିର୍ଭର କରିବାର ଗୋଟିଏ ସର୍ତ ସମସ୍ତଙ୍କୁ ଉଦ୍ୟମୀ ହେବାକୁ ପଡ଼ିବ। ସମାଜର ଦାୟିତ୍ୱ କେବଳ ନିଜ ବିଷୟରେ ଭାବିବା ନୁହେଁ ବରଂ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବା ହିଁ ମୂଳ ଦାୟିତ୍ୱ। ସମସ୍ତେ ନିଜର ମୂଳ ଦାୟିତ୍ୱ ପୂରଣ କଲେ ହିଁ ସମାଜ, ସମଷ୍ଟି, ସମୂହର ସଂସ୍କାର ପ୍ରଜ୍ୱଳିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo